

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୯ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 19 APRIL 2021
Vol.No. 32 ■ No. 99 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ବିଷୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୋଦିଙ୍କୁ ଚିଠି ଲେଖି ୫ଟି ପ୍ରସ୍ତାବ ରଖିଲେ ମନମୋହନ ସିଂ

# ସଂକ୍ରମଣକୁ ରୋକିବା ପାଇଁ ଟିକାକରଣକୁ ବଢ଼ିବା ଜରୁରୀ



ଭୁବନେଶ୍ୱର,୧୮/୦୪ (ନି.ପ୍ର): ଗତ ଦୁଇ ସପ୍ତାହ ଭିତରେ ପଜିଟିଭ ରେଟ ଦୁଇଗୁଣାରୁ ଅଧିକ ବଢିଯାଇଛି । ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସୂଚନା ଅନୁସାରେ ଗତ ୧୨ ଦିନରେ ସଂକ୍ରମଣ ହାର ୧୬.୬୯ ପ୍ରତିଶତକୁ ଛୁଇଁଛି । ଗତବର୍ଷ ଏପ୍ରିଲରେ ଦେଶରେ ସଂକ୍ରମଣ ହାର ଥିଲା ୫ ପ୍ରତିଶତରୁ ତଳେ । ଦେଶ ଏବେ ଦ୍ରୁତ ସଂକ୍ରମଣ ଯୋଗୁଁ ଅଭାବନୀୟ ପରିସ୍ଥିତି ଦେଖା ଦେଇଛି । ଏହି ସଂଖ୍ୟା ବୟାନ କରୁଛି କରୋନାର ଦ୍ୱିତୀୟ ଲହରରେ ସଂକ୍ରମଣ ଲମ୍ଫ ଡିଆଁ ମାରୁଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସୂଚନା ଅନୁସାରେ ଦୁଇ ସପ୍ତାହ ଭିତରେ ଦେଶରେ ପିଜିଟିଭିଟି ରେଟ ଦୁଇଗୁଣାରୁ ୧୬. ୬୯ ପ୍ରତିଶତକୁ ବୃଦ୍ଧି ପାଇଛି । ଅର୍ଥାତ୍ ଶହେ ପରୀକ୍ଷାରୁ ୧୬. ୬୯ ଜଣ ପଜିଟିଭ ଚିହ୍ନଟ ହେଉଛନ୍ତି । ଗତ ୧୨ ଦିନ ଭିତରେ ସଂକ୍ରମଣ ହାର ୮ ପ୍ରତିଶତରୁ ବଢି ୧୬.୬୯ ପ୍ରତିଶତ ହୋଇଛି । ଯାହା ଗତ ବର୍ଷ ଏପ୍ରିଲରେ ୫ ପ୍ରତିଶତରୁ ତଳେ ରହିଥିଲା । ସେହିପରି ସାପ୍ତାହିକ ସଂକ୍ରମଣ ହାର ମାସକ ଭିତରେ ୩.୦୫ ପ୍ରତିଶତରୁ ୧୩.୫୪ ପ୍ରତିଶତ ଯାଇଁ ବଢିଯାଇଛି । ଛତିଶଗଡର ସାପ୍ତାହିକ ସଂକ୍ରମଣ ହାର ସର୍ବାଧିକ ୩୦.୩୮% ରହିଛି । ସେହିପରି ଗୋଆରେ ୨୪.୨୪%, ମହାରାଷ୍ଟ୍ର ୨୪.୧୭%, ରାଜସ୍ଥାନ ୨୩.୩୩%, ମଧ୍ୟପ୍ରଦେଶ ୧୮.୯୯% ରହିଛି । ଦ୍ରୁତ ସଂକ୍ରମଣ ଭିତରେ ଦେଶରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୮ଲକ୍ଷ ଟପିଛି । ଯାହା ମୋଟ ସଂକ୍ରମିତଙ୍କ ୧୨.୧୮% । ମୋଟ ଆକ୍ଟିଭ ମାମଲାରୁ କେବଳ ମହାରାଷ୍ଟ୍ର, ଛତିଶଗଡ. ଉତ୍ତରପ୍ରଦେଶ, କର୍ଣ୍ଣାଟକ ଓ କେରଳରେ ଅଛନ୍ତି ୬୫.୦୨ % ସକ୍ରିୟ ସଂକ୍ରମିତ । ଦେଶରେ ଦ୍ରୁତ ସଂକ୍ରମଣ ଅଣାୟତ୍ତ ହୋଇପଡିଥିବା ବେଳେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ।

▶▶ପୃଷ୍ଠା ୭

## ଭକ୍ତଙ୍କ ପାଇଁ ବନ୍ଦ ରହିବ ଶ୍ରୀଲିଙ୍ଗରାଜ ମନ୍ଦିର



ଭୁବନେଶ୍ୱର,୧୮/୦୪ (ନି.ପ୍ର): କିଛି ସେବାୟତ କରୋନା ଆକ୍ରାନ୍ତ ହେବାରୁ ଶ୍ରୀଲିଙ୍ଗରାଜ ମନ୍ଦିର ରହିବ । ବିଏମସି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ପୁଣି ଥରେ ବନ୍ଦ ରଖିବାକୁ ନିଷ୍ପତି ନିଆ ଯାଇଛି । ବିଏମସି ପ କ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଉପରେ ରୋକ ଲଗାଯାଇଛି । କିନ୍ତୁ ମନ୍ଦିର ଭିତର ପୂର୍ବପରି ନୀତିକାନ୍ତି ଜାରି ରହିବ ବୋଲି କୁହା ଯାଇଛି । ସେହିପରି ସେବାୟତ ମାନେ ନୀତିକାନ୍ତି ସମ୍ପାଦନ କରିବେ । କୋଭିଡ କଟକଣାକୁ ଦୃଷ୍ଟିରେ ରଖି ଲିଙ୍ଗରାଜଙ୍କ ସମସ୍ତ ନୀତିକାନ୍ତି ଜାରି ରହିବ ବୋଲି ବିଏମସି ପକ୍ଷରୁ କୁହାଯାଇଛି । ଉଲ୍ଲେଖନୀୟ ଯେ ମନ୍ଦିରର କିଛି ସେବାୟତ କୋରୋନା ପଜିଟିଭ୍ ଚିହ୍ନଟ ହେବା ପରେ ବିଏମସି ପକ୍ଷରୁ ଏହି ନିଷ୍ପତି ନିଆଯାଇଛି । ଅଧିକ ସଂକ୍ରମଣ ରୋକିବା ପାଇଁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମନ୍ଦିର ଭିତରକୁ ଜନସାଧାରଣ ପ୍ରବେଶ ତଥା ଦର୍ଶନକୁ ବାରଣ କରା ଯାଇଛି । ଏହାସହ ରୁକୁଣା ରଥଯାତ୍ରା ପୂର୍ବ ନିଷ୍ପତି ଓ ନିର୍ଦ୍ଦେଶ ମୁତାବକ ହେବ ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି । ରୁକୁଣା ରଥଯାତ୍ରାରେ ସାମିଲ ହେବାକୁ ଥିବା ବିଭିନ୍ନ ସେବାୟତଙ୍କର ଗତକାଲି ଟେଷ୍ଟିଂ କରା ଯାଇଥିଲା । ସେମାନଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି ।

## ଏକବିଂଶ ଶତାବ୍ଦୀରେ ଉତ୍କଳୀୟ ପରମ୍ପରାକୁ ବ୍ୟାପକ କରିବା ପାଇଁ ଆହ୍ୱାନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବେନଶ୍ୱର,୧୮/୦୪ (ନି.ପ୍ର): ଏକବିଂଶ ଶତାବ୍ଦୀରେ କେବଳ ଆମର ଉତ୍କଳୀୟ ପରମ୍ପରାକୁ ନୂଆ ଭାବେ ପାଳନ କରିବା ନୁହେଁ ବରଂ ଏହାକୁ ବ୍ୟାପକ କରିବା ଦରକାର । ପୂର୍ବରୁ ଉତ୍କଳୀୟ ପରମ୍ପରା ଥିଲା ଏବଂ ଏହା ଆଗାମୀ ଦିନରେ ନିଶ୍ଚିତ ରହିବ, ଏପରି ଦୃଢ଼ ଆତ୍ମବିଶ୍ୱାସ ସହ ଏହାକୁ ବିଶ୍ୱରେ ରହୁଥିବା ଓଡ଼ିଆ ଭାଇ ଭଉଣୀମାନେ ଅନୁଶୀଳନ କରିବା ଜରୁରୀ ବୋଲି ରବିବାର ଦୁବାଇ ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ 'ଭର୍ଚୁଆଲ ଓଡ଼ିଆ ନୂଆ ବର୍ଷ ପଣାସଂକ୍ରାନ୍ତି ଉତ୍ସବରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସମସ୍ତଙ୍କ ପାଇଁ ଆଜି ଖୁସି ଓ ଆନନ୍ଦର ଅବସର କାରଣ ଓଡ଼ିଆ ନବବର୍ଷ ଉପଲକ୍ଷେ ସମସ୍ତେ ଓଡ଼ିଶାର ଅନନ୍ୟ କଳା, ସାହିତ୍ୟ ଓ ସଂସ୍କୃତିର ପରିଚିତ ଏକ ମଂଚରେ ଭର୍ଚୁଆଲ ପ୍ଲାଟଫର୍ମ ମାଧ୍ୟମେର ଏକାଠି ହୋଇଛୁ । ବିଶ୍ୱର ଯେକୌଣସି ସ୍ଥାନରେ ରହି ମଧ୍ୟ ଆମେମାନେ ସମସ୍ତେ ଉତ୍କଳୀୟ ପରମ୍ପରା ଅନୁସାରେ ଓଡ଼ିଆ

▶▶ପୃଷ୍ଠା ୭

## ଓଡିଆ ଝିଅ ଝିଲି ସିନିୟର ଏସିଆନ ଭାରୋତ୍ତୋଳନ ଚାମ୍ପିୟନସିପରେ ଜିତିଲେ ସ୍ୱର୍ଣ୍ଣ



ଭୁବନେଶ୍ୱର,୧୮/୦୪ (ନି.ପ୍ର): ତାସକେଂଟ ଠାରେ ଚାଲିଥିବା ସିନିୟର ଏସିଆନ ୱେଟଲିଫ୍ଟିଂ ଚାମ୍ପିୟନସିପରେ ୪୫ କିଲୋ କ୍ୟାଟେଗୋରୀରେ ମୋଟ ୧୫୭ କେଜି ଭାରୋତୋଳନ କରି ଓଡ଼ିଶାର ଝିଲି ଦଲବେହେରା ସ୍ୱର୍ଣ୍ଣ ପଦକ ପାଇଛନ୍ତି ।

## ଘୁଞ୍ଚିଲା ଜେଇଇ ମେନ୍ ପରୀକ୍ଷା



ଭୁବନେଶ୍ୱର,୧୮/୦୪ (ନି.ପ୍ର): କରୋନା ମହାମାରୀର ଲଗାତାର ଭାବରେ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଜେଇଇ ମେନ୍ ପରୀକ୍ଷାକୁ ପରବର୍ତୀ ଘୋଷଣା ଯାଏ ସ୍ଥଗିତ ରଖାଯାଇଛି । ଏ ନେଇ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ସୂଚନା ଦିଆଯାଇଛି । ଏନଟିଓ ପକ୍ଷରୁ କୁହା ଯାଇଛି ଯେ ଏହାକୁ ନେଇ ପୁଣି ଥରେ ତାରିଖ ଘୋଷଣା କରାଯିବ । ପରୀକ୍ଷାର ୧୫ ଦିନ ପୂର୍ବରୁ ପରୀକ୍ଷାର୍ଥୀମାନଙ୍କୁ ନୂତନ ତାରିଖ ଜଣାଇ ଦିଆଯିବ ବୋଲି କୁହା ଯାଇଛି ।

## ଓଡିଶାରେ ପହଂଚିଲା ୨ ଲକ୍ଷ କୋଭିସିଲ୍ଡ ଟିକା



ଭୁବନେଶ୍ୱର,୧୮/୦୪ (ନି.ପ୍ର): ନିଅଣ୍ଟିଆ ଟିକା ସମସ୍ୟା ନେଇ ରାଜ୍ୟର ୮ ଟି ଜିଲ୍ଲାରେ ଟିକାକରଣ ବନ୍ଦ ଥିବା ବେଳେ ଆଜି ୨ ଲକ୍ଷ କୋଭିସିଲ୍ଡ ଟିକା ପହଂଚିଥିବା ସୂଚନା ମିଳିଛି । ଏହି ଟିକା ଏବେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିଛି । ଏହି ଟିକାକୁ ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ପଠାଯିବ ବୋଲି କୁହାଯାଇଛି । କହିରଖୁ କି ରାଜ୍ୟରେ ଟିକାକରଣ ଅଭିଯାନକୁ ଜୋରଦାର କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ ଥିବା ବେଳେ କେନ୍ଦ୍ରର ଟିକା ଯୋଗାଣ ନେଇ କିଛିଟା ସମସ୍ୟା ଦେଖା ଦେଇଥିଲା । ଫଳରେ ରାଜ୍ୟରେ ପ୍ରାୟ ୧ ହଜାର ଟିକା କେନ୍ଦ୍ର ବନ୍ଦ ରହିଥିଲା । ବିଶେଷ ଭାବେ ରାଜ୍ୟରେ ୪୨୭ ଟି ଟିକା କରଣ କେନ୍ଦ୍ରରେ ଟିକାଦାନ ଚାଲିଥିବା ବେଳେ ୮ ଟି ଜିଲ୍ଲାରେ ଟିକାକରଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଏନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠି ଲେଖି ଟିକାର ଅଭାବ ବିଷୟରେ ଅବଗତ କରାଇବା ପରେ ଆଜି କେନ୍ଦ୍ର ସରକାର ୨ ଲକ୍ଷ କୋଭିସିଲ୍ଡ ଟିକା ଉପଲବ୍ଧ କରାଇଛନ୍ତି ।

### କରୋନାର ଦ୍ରୁତ ସଂକ୍ରମଣ ରୋକିବାକୁ ଲକଡାଉନ ଏକମାତ୍ର ଉପାୟ ନୁହେଁ

## ଲାନସେଟ୍ ଇଣ୍ଡିଆ ଟାସ୍କ ଫୋର୍ସର ପ୍ରସ୍ତାବ

### ୧୬ଟି ପ୍ରସ୍ତାବ ଦେଲେ ୨୨ ଜଣିଆ ବିଶେଷଜ୍ଞ କମିଟି

ଭୁବନେଶ୍ୱର,୧୮/୦୪ (ନି.ପ୍ର): ଦେଶରେ କରୋନା ଦ୍ୱିତୀୟ ଲହରର ଦ୍ରୁତ ସଂକ୍ରମଣକୁ ରୋକିବା ଦିଗରେ ଲକଡାଉନ ଭଳି ପଦକ୍ଷେପକୁ ଏଡାଇବା ପାଇଁ ପରାମର୍ଶ । କେବଳ ଲକଡାଉନ ଲଗାଇ ସଂକ୍ରମଣକୁ ରୋକିବା ଭଳି ପଦକ୍ଷେପକୁ ବିରୋଧ କରାଯାଇଛି । କେନ୍ଦ୍ର କିମ୍ବା ରାଜ୍ୟ ସରକାର ଗୁଡିକ ଅନ୍ୟ ବିକଳ୍ପ ଉପରେ ଚିନ୍ତା କରିବା ଉଚିତ ବୋଲି କହିଛି- ଲାନସେଟ୍ କୋଭିଡ କମିଶନ ଇଣ୍ଡିଆ ଟାସ୍କଫୋର୍ସ । ସରକାରୀ ଓ ବେସରକାରୀ ୨୨ ଜଣ ବିଶେଷଜ୍ଞଙ୍କୁ ନେଇ ଏହି କମିଟି କରୋନାର ଦ୍ରୁତ ସଂକ୍ରମଣକୁ ରୋକିବା ଲାଗି ୧୬ଟି ପ୍ରସ୍ତାବ ଦେଇଛି । କିନ୍ତୁ ଲକଡାଉନ ଭଳି କଠୋର କଟକଣାକୁ ଏହି କମିଟି ବିରୋଧ କରିଛି । ତେବେ ଲକଡାଉନ,

▶▶ପୃଷ୍ଠା ୭

## ସାନିଟାଇଜ୍ ହେଲା ଶ୍ରୀମନ୍ଦିର : ଆସନ୍ତା କାଲିଠୁ ଲାଗୁ ହେବ ନୂଆ ଏସଓପି



ପୁରୀ,୧୮/୦୪ (ନି.ପ୍ର): ଆଜି ରବିବାରରେ ଶ୍ରୀମନ୍ଦିର ଭିତର ଓ ବାହାର ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯାଇଛି । ପୂର୍ବ ନିଷ୍ପତି ଅନୁଯାୟୀ କେବଳ ରବିବାର ଦିନ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ କରାଯିବା ସହ ସାନିଟାଇଜ୍ କରାଯିବା ପାଇଁ ମୁଖ୍ୟ ପ୍ରଶାସକ ଘୋଷଣା କରିଥିଲେ । ଶ୍ରୀମନ୍ଦିରର ଚାରିଦ୍ୱାର ଓ ତତସଂଲଗ୍ନ ବ୍ୟାରିକେଡ୍, ଭକ୍ତ ସେଡ୍ ଆଦି ସ୍ଥାନ ଗୁଡିକ ସାନିଟାଇଜ୍ କରାଯାଇଛି । ଆସନ୍ତାକାଲି ଠାରୁ ନୂଆ ଏସଓପି ଅନୁଯାୟୀ ପ୍ରତ୍ୟେକ ସପ୍ତାହରେ ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଭକ୍ତ ମାନେ ଦର୍ଶନ କରିପାରିବେ । ୨୪ ତାରିଖ ଠାରୁ ପ୍ରତି ଶନିବାର ଓ ରବିବାର ଦୁଇ ଦିନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ । ହେଲେ ସେବାୟତଙ୍କ ଦ୍ୱାରା ଶ୍ରୀଜୀଉଙ୍କ ନୀତିକାନ୍ତି ଯଥାବିଧି ଜାରୀ ରହିବ ।

# ଗୋଟିଏ ଦିନରେ ୩୬୬୪ କରୋନା ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର,୧୮/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୬୬୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୬୮୨୫୮ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୪୪୮୨୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୧୪୩୬ ରହିଛି । ଆଜି ଚିହ୍ନଟ ହୋଇଥିବା ୩୬୬୪ ଜଣଙ୍କ ମଧ୍ୟରୁ ୨୧୨୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୩୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୭୦୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୯ ଜଣ, ବରଗଡ଼ରୁ ୨୧୦ ଜଣ, ଭଦ୍ରକରୁ ୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୬, କଟକରୁ ୧୯୮ ଜଣ, ଦେବଗଡ ଜିଲ୍ଲାରୁ ୩୦ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୭ ଜଣ, ଗଜପତି ଜିଲ୍ଲାରୁ ୬୩, ଗଞ୍ଜାମରୁ ୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୮ ଜଣ, ଯାଜପୁରରୁ

▶▶ପୃଷ୍ଠା ୭

## ୪ରୁ ୫ ଗୁଣ ଅଧିକ ବେଡ ବୃଦ୍ଧି କରାଯିବ ବୋଲି ସୂଚନା ଦେଲେ ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ

ଭୁବନେଶ୍ୱର,୧୮/୦୪ (ନି.ପ୍ର): ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି ଯେ କରୋନା ପାଇଁ 'ବେଡ ସଖ୍ୟା ବୃଦ୍ଧି କରିବା ପାଇଁ ପ୍ରସ୍ତୁତି ଚାଲିଛି । ଏ ସମ୍ପର୍କରେ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଗତ ବର୍ଷ ଅପେକ୍ଷା ୪ରୁ ୫ ଗୁଣ ଅଧିକ ବେଡ ବୃଦ୍ଧି କରାଯିବ । ଆଇସିୟୁ ବଢାଇବା ଏତେଟା ସମ୍ଭବପର ନୁହେଁ । କାରଣ ଆଇସିୟୁ ପାଇଁ ସେଟଅପ୍ ଆବଶ୍ୟକ ହୋଇଥାଏ । ତଥାପି ପ୍ରାୟ ୨ ଗୁଣ ଆଇସିୟୁ ବେଡ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ସାଧାରଣ ଭାବେ ୪ଟି ଶ୍ରେଣୀର ବେଡର ଆବଶ୍ୟକତା ରହିଥାଏ । ସାଧାରଣ ବେଡ, ଅକ୍ସିଜେନ ସପୋର୍ଟ ବେଡ, ଆଇସିୟୁ ବେଡ ଏବଂ ଆଇସିୟୁ ସହ ଭେଂଟିଲେଟର ଥିବା ବେଡ । ନିୟମ ଅନୁସାରେ ୧୦୦ ବେଡରେ ହାରାହାରି ୬ ପ୍ରତିଶତ ଆଇସିୟୁ ବେଡ ଆବଶ୍ୟକ ରହିଥାଏ । ତେବେ ବର୍ତ୍ତମାନ ସ୍ଥିତି ଦେଖି ଅକ୍ସିଜେନ ସପୋର୍ଟ ବେଡ ଅଧିକ ରଖିବା ପାଇଁ ନିଷ୍ପତି ନିଆଯାଇଥିବା ସେ କହିବା ସହ ଏହାଦ୍ୱାରା କେବଳ ଗୁରୁତର ରୋଗୀଙ୍କୁ ଆଇସିୟୁରେ ରଖାଯିବ । ଆଇସିୟୁ ଓ ଏଚଡିୟୁ ବେଡ ସଂଖ୍ୟା ବୃଦ୍ଧି କରାଯିବ । କିନ୍ତୁ ପର୍ଯ୍ୟାୟ କ୍ରମେ ଆବଶ୍ୟକତା ଅନୁସାରେ ବୃଦ୍ଧି କରାଯିବ । ବର୍ତ୍ତମାନ ସାଧାରଣ ବେଡରେ ୨୫ ପ୍ରତିଶତ ଓ ଆଇସିୟୁରେ ୬୦ ପ୍ରତିଶତ ବେଡରେ ରୋଗୀ ଅଛନ୍ତି । ୧୮ ପ୍ରତିଶତ ଭେଂଟିଲଟର ବ୍ୟବହାର ହୋଇଛି । ୨୪୮ ବେଡରୁ ୪୫ ଜଣ ରୋଗୀ ଭେଂଟିଲେଟରରେ ଅଛନ୍ତି । ଆଇସିୟୁ ବେଡ ୫୪୧ ଥିବା ବେଳେ ୩୨୯ ଜଣ ରୋଗୀ ଅଛନ୍ତି । ଏହାଛଡ଼ା ଷ୍ଟାଣ୍ଡବାୟ ବେଡ ଆମ ପାଖରେ ଅଛି । ତେଣୁ କୌଣସି ଅସୁବିଧା ହେବ ନାହିଁ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ବାରବାଟୀରେ ଜଳଛତ୍ର ଆରମ୍ଭ

ବାଲେଶ୍ୱର,୧୮/୪ (ନି.ପ୍ର): ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ବାରବାଟୀ ବାଳିକା ବିଦ୍ୟାଳୟ ଛକଠାରେ ଏକ ଜଳଛତ୍ର ଆଜି ଶୁଭାରମ୍ଭ କରାଯାଇଛି । ବାଲେଶ୍ୱର ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଓ ସଦର ବିଧାୟକ ସ୍ୱରୂପ କୁମାର ଦାସ ଏହାକୁ ଉଦ୍‌ଘାଟନ କରିବା ସହିତ ବଢୁଥିବା ଗ୍ରୀଷ୍ମ ପ୍ରକୋପରେ ଜନସାଧାରଣଙ୍କ ତୃଷ୍ଣା ନିବାରଣ ପାଇଁ ଏହି ଜଳଛତ୍ର ବେଶ ସହାୟକ ହେବ ବୋଲି କହିଥିଲେ । ଜଳଛତ୍ର ଖୋଲିବାରେ ବିଶେଷ ଭୂମିକା ତୁଲାଇଥିବା ପୂର୍ବତନ କାଉନସିଲର ମୀନା ମହାନ୍ତିଙ୍କ ଉଦ୍ୟମକୁ ସେମାନେ ଭୂୟସୀ ପ୍ରଶଂସା କରିଥିଲେ । ପୂର୍ବତନ କାଉନସିଲର ଶ୍ରୀମତୀ ମହାନ୍ତି ଏହି କାଯ୍ୟକ୍ରମରେ ପୌରହିତ୍ୱ କରିବା ସହିତ ପତିବର୍ଷ ନିୟମିତ ଜଳଛତ୍ର ସ୍ଥାପନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷ କରି ବାଲେଶ୍ୱର ସହରରୁ ଗ୍ରାମାଂଚଳକୁ ହଜାର ହଜାର ଲୋକେ ବାରବାଟୀ ରାସ୍ତା ଦେଇ ଯାଉଥିବା ବେଳେ ପ୍ରବଳ ଗ୍ରୀଷ୍ମ ଦାଉରୁ ସେମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେବା ପାଇଁ ଏହି ଉଦ୍ୟମ ଜାରି ରହିଛି ବୋଲି ଶ୍ରୀମତି ମହାନ୍ତି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତ୍ରୀ ସୁବାସିନୀ ଜେନା, ପୂର୍ବତନ ଗୌରୀ ରାଉତ, ମନୋଜ ରାଉତ, ଶୁଭେନ୍ଦୁ ମଙ୍ଗରାଜ, ସନତ ଦାସ, ଅଜୟ ସାମଲ, ବରଦା ପ୍ରଶନ୍ନ ପଟ୍ଟନାୟକ, ବିଶ୍ୱଜିତ ଦାସ, ସଞ୍ଜିବ ଦାସ, ମନୋଜ ଆଚାର୍ଯ୍ୟ, କୈଳାସ ସେଠୀ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ପ୍ରଥମ ଦିନରେ ଆଜି ପଥଚାରୀଙ୍କୁ ପିଇବା ପାଇଁ ଦହି ସର୍ବତ ପ୍ରଦାନ କରାଯାଇଥିଲା । ସୁବୋଧ ମହାନ୍ତି, ମଧୁସ୍ମିତା ମହାରଣା, ଆଶ୍ରିତା ତରେଇ, ଛାୟାରାଣୀ ମହାରଣା, ସଂଘମିତ୍ରା କର, କଳ୍ପନା ମିସ୍ତ୍ରୀ, ରେବ ମହାଳିକ, ଜ୍ୟୋସ୍ନାରାଣୀ ଜେନା ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ପାଣି ପାଇଁ ୫୩ ନଂ ଜାତୀୟ ରାଜପଥ ଅବରୋଧ

ଢେଙ୍କାନାଳ,୧୮/୪ (ନି.ପ୍ର): ପାନୀୟ ଜଳ ଯୋଗାଣ ଦାବିରେ ୫୩ ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି ଗ୍ରାମବାସୀ । ବାରିହାପୁର ଛକ ନିକଟରେ ବାଲଟି, ଢେ଼କଚି ଧରି ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ ପରେ ଦୀର୍ଘ ସମୟ ଧରି ସମ୍ପୃକ୍ତ ରୁଟ୍ ରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଛି । ବାରମ୍ବାର ଏନେଇ ଅଭିଯୋଗ ସତ୍ୱେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏହାକୁ କର୍ଣ୍ଣପାତ କରୁନଥିବା କାରଣରୁ ଶେଷରେ ବାଧ ହୋଇ ସେମାନେ ଆନ୍ଦୋଳନକୁ ଓହ୍ଲାଇ ଥିବା କହିଛନ୍ତି । ତେବେ ପ୍ରଶାସନ ଯଦି ତୁରନ୍ତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନକରେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

## ନେସନ ପ୍ରାଇଡ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସୁରକ୍ଷା ଦାବି

ବାଲେଶ୍ୱର,୧୮/୪ (ନି.ପ୍ର): ଶେରଗଡ଼ସ୍ଥିତ ନେସନ ପ୍ରାଇଡ ବୃଦ୍ଧାଶ୍ରମରେ ଅନିୟମିତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ଉଠାଇଛନ୍ତି ସଭାପତି ଲକ୍ଷ୍ମଣ କୁମାର ବିଶ୍ୱାଳ ଓ ସମ୍ପାଦକ ସନ୍ତୋଷ କୁମାର ନାୟକ । ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ କର୍ମକର୍ତ୍ତା ଯୋଗଦେଇ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି । ସଭାପତି ଶ୍ରୀ ବିଶ୍ୱାଳ ଓ ସମ୍ପାଦକ ଶ୍ରୀ ନାୟକ ଶେରଗଡ଼ଠାରେ ନିଜସ୍ୱ ଅର୍ଥରେ ଜାଗା କିଣି କୋଠାଘର ନିର୍ମାଣ ସହ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିଥିଲେ । ମାତ୍ର ନେସନ ପ୍ରାଇଡ ସଂଗଠନରେ ନୂତନ ଭାବେ ଯୋଗ ଦେଇଥିବା ଜନ୍ମେଜୟ ଶତପଥୀ ତଞ୍ଚକତା କରି ଆଶ୍ରମ ଜମିକୁ ନିଜ ନାମରେ କରିନେଇଥିବା ସମ୍ପାଦକ ଶ୍ରୀ ନାୟକ ଅଭିଯୋଗ କରିଛନ୍ତି । ଆଶ୍ରମର ରିଜୁ୍ୟଲେସନ ବଦଳାଇ ଜନ୍ମେଜୟ ନିଜେ ସଭାପତି ହେବା ସହ ଆଶ୍ରମକୁ ନିଜ ଅକ୍ତିଆରକୁ ନେଇଯାଇଛନ୍ତି ବୋଲି ଶ୍ରୀ ନାୟକ କହିଛନ୍ତି । ଆଶ୍ରମରେ ରହୁଥିବା ବୃଦ୍ଧ ଅନ୍ତେବାସୀଙ୍କ ଖାଦ୍ୟପେୟଠୁ ଆରମ୍ଭ କରି ସମସ୍ତ ଦାୟିତ୍ୱ ତୁଲାଇବାରେ ଗଫିଲତ କରିଚାଲିଛନ୍ତି ବୋଲି ସେମାନେ କହିଛନ୍ତି । ଅନ୍ତେବାସୀଙ୍କ ମଙ୍ଗଳ ପାଇଁ ପ୍ରଶାସନ ତୁରନ୍ତ ଆଶ୍ରମ ପରିଚାଳନାରେ ହସ୍ତକ୍ଷେପ ସହ ହେଉଥିବା ଅନିୟମିତତା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅସଲି କର୍ମକର୍ତ୍ତା ଦ୍ୱୟ ଦାବି କରିଛନ୍ତି । ଅନ୍ୟାମାନଙ୍କ ମଧ୍ୟରେ ରବୀନ୍ଦ୍ର ନାଥ ସ, ପ୍ରଶାନ୍ତ ରାଉତ, ଶାନ୍ତିଲତା ଚାତାର, ସବିତାମଣି ମହାନ୍ତି, ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## କ୍ଲଷ୍ଟରରେ ମୋ ସ୍କୁଲ୍ ଅଭିଯାନ

ଖଇରା,୧୮/୪ (ନି.ପ୍ର): ଔପଦା ବ୍ଲକ ରାଏରାମ ଚନ୍ଦ୍ରପୁର ନୋଡାଲ ସ୍କୁଲରେ ମୋ ସ୍କୁଲ୍ ଅଭିଯାନର ଆଲୁମିନି ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଧନ୍ୟବାଦ ବିତରଣ ଉତ୍ସବ ପାଳନ କରାଯାଇଛି । ହାଇସ୍କୁଲର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପାଣିଙ୍କ ସଭାପତିତ୍ୱ କରିଥିଲା ବେଳେ ସି.ଆର.ସି.ସି ଭଗବାନ ସାହୁ ପରିଚାଳନା କରିଥିଲେ । ଔପଦା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମଳୟ କୁମାର ବେହେରା, ମାଗୁଣି ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ବେହେରା ,ସି.ବି ନୋଡାଲ ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ସେଠୀ ବରିଷ୍ଠ ଆଲୁମିନି ତଥା ସଂସ୍କୃତ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ମାଧ୍ୟମରେ ସରକାରଙ୍କର ମୋ ସ୍କୁଲ୍ ଅଭିଯାନ ବିଷୟରେ ଆଲୋକପାତ କରିଥିଲେ । କ୍ଲଷ୍ଟର ସ୍ଥିତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନେ ଓ ବରିଷ୍ଠ ଆଲୁମିନି ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଉକ୍ତ କ୍ଲଷ୍ଟରର ସର୍ବାଧିକ ପାଣ୍ଠି ବିନିଯୋଗ କରିଥିବା କେତେକୀଝୁରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ରିବିକ୍ରମ ଦାସଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ବରିଷ୍ଠ ଆଲୁମିନି , ସାମାଜିକ କର୍ମୀ ତଥା ସାମ୍ବାଦିକ ଧନଞ୍ଜୟ ପଣ୍ଡା, ଦୀପକ କୁମାର ଦାସ, ଭଗବାନ୍ ବାରିକ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଦ୍ୟାଳୟ ରେ ସର୍ବାଙ୍ଗିଣ ଉନ୍ନତି ଦିଗରେ ଉକ୍ତ ଅଭିଯାନ ସଫଳ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ଉପସ୍ଥିତ ଥିବା ସମସ୍ତ ଆଲୁମିନି ଏବଂ ପ୍ରଧାନ ଶିକ୍ଷକ ମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ପତ୍ର ଅର୍ପଣ କରାଯାଇଥିଲା । ଶେଷରେ ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କିତ ଆଲୋଚନା ଚକ୍ର

ବାରିପଦା,୧୮/୪ (ନି.ପ୍ର): ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଦିଗରେ ଦୀର୍ଘଦିନ ଧରି କମ କରି ଆସୁଥିବା ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସଂଗ୍ରାମ ଓ ଉଦଳା ବନ୍ୟାଂଚଳଙ୍କ ମିଳିତ ଆନୁକୂଲ୍ୟରେ ଉଦଳା ଥାନା ଅନ୍ତର୍ଗତ ବଡ଼ଖମନ ଗ୍ରାମ ପଂଚାୟତ ଅଧିନ ଲାଲଖମନଠାରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଅଛି । ସଂଗ୍ରାମ ସମ୍ପାଦକ ଭାନୁମିତ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାରିପଦା ବନଖଣ୍ଡ ଏସିଏଫ ଦିଲ୍ଲୀପ କୁମାର ବାରିକ, ଅରୁଣ କୁମାର ବେହେରା ଉଦଳା ବନାଂଚଳ ଅଧିକାରୀ ଅରୁଣ କୁମାର ବେହେରା, ସଂଗ୍ରାମ ଅନୁଷ୍ଠାନର ଅଧ୍ୟକ୍ଷା ସଂଯୁକ୍ତା ବସା ପ୍ରମୁଖଙ୍କ ସମେତ ବିଭିନ୍ନ ଗ୍ରାମରୁ ଆସିଥିବା ମଝିହାଡ଼ାମ, ଦେହୁରୀ ସମିତି ସଭ୍ୟ, ୱାର୍ଡ଼ ମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ଜଙ୍ଗଲ ସୁରକ୍ଷା କମିଟିର ସଭ୍ୟ, ସଭ୍ୟା, ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ଅନୁଷ୍ଠାନ ତରଫରୁ ରବୀନ୍ଦ୍ର ମହାନ୍ତ ସମସ୍ତଙ୍କୁ ସ୍ୱାଗତ ଜଣେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ବନାଂଚଳ ଅଧିକାରୀ ଲୋକଙ୍କ ସହଯୋଗରେ ଜଙ୍ଗଲକୁ କିପରି ସୁରକ୍ଷା କରାଯାଇପାରିବ ଓ ସରକାରଙ୍କ ତରଫରୁ ଲୋକଙ୍କ ଜୀବନ ଜୀବିକା ନିମନ୍ତେ କିପରି ସହଯୋଗ ସବୁ ଗ୍ରାମ ମାନଙ୍କୁ କରାଯାଉଛି ସେ ବିଷୟରେ ସୂଚନା ଦେଇଥିଲେ । ସେହିପରି ଏସିଏଫ ଦିଲ୍ଲୀପ ବାରିକ ମଧ୍ୟ ଲୋକଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରିବା ସହ ବନ ବିଭାଗ ସହ ଗ୍ରାମ କମିଟି ଗୁଡ଼ିକର ସମ୍ପର୍କ କିଭଳି ମଜଭୁତ ହୋଇ ପାରିବ ସେ ଉପରେ ଆଲୋଚନା କରିଥିଲେ । ହୁଡ଼ିସାହି ଗ୍ରାମର ମଝି ହାଡ଼ମ ଜୟ ମୁର୍ମୁ ଓ ଶରତ ଅଂଚଳର ମଝିବାବା ଶୈଳେନ୍ଦ୍ର ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଜଙ୍ଗଲ ଓ ଆଦିବାସୀ କିପରି ଉତପ୍ରୋତ ଜଡ଼ିତ ସେ ବିଷୟରେ ସୂଚେଇବା ସହ ଲୋକଙ୍କର ବିଭିନ୍ନ ସମସ୍ୟା ଦିଗରେ ଆଲୋଚନା କରିବା ସହ ବନ ବିଭାଗର ଲୋକ ସମ୍ପର୍କ ଦିଗ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ । ଜଙ୍ଗଲରେ ନିଆଁ ଲାଗିର ଜନ ଅସନ୍ତୋଷର ବିଭିନ୍ନ କାରଣମାନ ବୈଠକରେ ମତ ପ୍ରକାଶ ପାଇଥିଲା । ଲୋକ ଓ ବନ ବିଭାଗ ମଧ୍ୟରେ ଦୂରତ୍ୱ ନ ରହିଲେ ଜଙ୍ଗଲ ସୁରକ୍ଷା ଦିଗରେ ଲୋକ ଆଗେଇ ଆସିବେ ବୋଲି ଜନମତ ପ୍ରକାଶ ପାଇଥିଲା ।

## କଳପଡା ମହାସଂଘ ଗଠନରେ ଅନିୟମିତତା ଅଭିଯୋଗ

କେନ୍ଦ୍ରାପଡ଼ା,୧୮/୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଳପଡା ପଂଚାୟତ ଅଧିନସ୍ଥ ଖସାଡ଼ି, ଟୁବିହୁଡା, କଳପଡା, ଛଘରିଆ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ଓ ସଂପାଦିକା ବୃନ୍ଦ କଳପଡା ପଂଚାୟତରେ ଦୀର୍ଘଦିନ ହେବ ମହାସଂଘ ନଥିବା ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଗତ କିଛିଦିନ ତଳେ ପ୍ରଶାସନର ଉଦ୍ୟମରେ ପଂଚାୟତ ସଭାଗୃହରେ କ୍ଲଷ୍ଟର ଗଠନରେ କେତେକ ଏସ୍‌ଏଚଜି କୁ ବାଦ୍ ଦେଇ ଭୁଲ ଭାବେ କ୍ଲଷ୍ଟର ର ଗଠନ କରାଯାଇ ମନମୁଖୀ ଭାବେ ମହାସଂଘ ଗଠନ କରାଗଲା । ଏହି ମହାସଂଘ ଗଠନ ବେଳେ କେତେକ ସଦସ୍ୟ ଏହାକୁ ବିରୋଧ କରୁଥିବାର ଜଣାପଡିଥିଲା । ଏହି ମହାସଂଘ ଗଠନରେ ବ୍ୟାପକ ଅନିୟମିତତା ହୋଇଥିବା ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇ ଏହି ପଂଚାୟତର ନୂଆ ଏସ୍‌ଏଚଜି ମାନଙ୍କୁ କ୍ଲଷ୍ଟରେ ମିଶାଯିବାକୁ ଗତ କିଛିଦିନ ପୂର୍ବେ ବ୍ଲକ ଅଫିସରେ ମହାସଂଘ ଗଠନ କରାଯାଇ ଚୟନ ହୋଇଥିବା ସଭାନେତ୍ରୀ ଗିତାଞ୍ଜଳୀ ନାୟକ ଓ ସଂପାଦିକା ନମିତା ସ୍ୱାଇଁଙ୍କୁ ପୁନଃର୍ବାର ବ୍ୟାଙ୍କରେ ଖାତା ଖୋଲିବାକୁ ଆଦେଶ ଦେବାକୁ ସଂପାଦିକା ମିନତୀ ସ୍ୱାଇଁ,ଶୈଳଜା ସ୍ୱାଇଁ, ଭାରତୀ ସାମଲ, ସୌଦାମିନୀ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି ।

## ଆମେ ବିପଦରେ ସାଥି ପକ୍ଷରୁ ବଳକା ଖାଦ୍ୟ ବଂଟନ

କୋରେଇ,୧୮/୪ (ନି.ପ୍ର): ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ବିପଦରେ ସାଥି ପକ୍ଷରୁ ବଳକା ଖାଦ୍ୟ ବଂଟନ କରାଯାଇଛି । ପାଣିକୋଇଲି ମଣିପୁରର ଏକ ଭୋଜିରେ ବଳକା ଖାଦ୍ୟ ଥିବା ଖବର ପାଇଁ ସଙ୍ଗଠନର ସଦସ୍ୟ ମାନଙ୍କ ଦ୍ୱାରା ତାକୁ ଅଣାଯାଇଥିଲା । ବରିଷ୍ଠ ସଦସ୍ୟ ମନମୋହନ ବାରିକଙ୍କ ନେତୃତ୍ୱରେ ଏହି ବଳକା ଖାଦ୍ୟକୁ ପାଣିକୋଇଲି, ଯାଜପୁରରୋଡ ରେଳ ଷ୍ଟେନ ଓ କୁଷ୍ଠ କଲୋନିରେ ବଂଟନ କରାଯାଇଥିଲା । ନିୟମିତଭାବେ ବଳକା ଖାଦ୍ୟ ବଂଟନ କାର୍ଯ୍ୟକ୍ରମ ଜାରି ରଖିଥିବା ଆମେ ବିପଦରେ ସାଥି ସଙ୍ଗଠନ ଏବେ ଜଳଛତ୍ର ଓ ପଶୁପକ୍ଷୀ ମାନଙ୍କୁ ଜଳ ଯୋଗାଣରେ ବ୍ୟସ୍ତ ରହିଛି ।

## ଦୁଇବର୍ଷରେ ଦୁଇଥର ଶିଳାନ୍ୟାସ ହେଲା : ଗେଙ୍ଗୁଟି ନଦୀ ଉପରେ ବିଜୁ ସେତୁ ନିର୍ମାଣ ନୋହିଲା

ଭଦ୍ରକ, ୧୮।୪ (ହି.ସ.) - ଗମନାଗମନ କ୍ଷେତ୍ରରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ବାଧକ ସାଜିଛି ଜୁଆରିଆ ନଦୀ । ଏଠାରେ ପ୍ରବାହିତ ବୈତରଣୀ, ସାଳନ୍ଦୀ, ମନ୍ତେଇ ଓ ଗେଙ୍ଗୁଟି ଆଦି ନଦୀ ସଂପୂର୍ଣ୍ଣ ନିର୍ବାଚନ ମଣ୍ଡଳୀକୁ ବିଚ୍ଛିନ୍ନ କରି ରଖିଛି । ଫଳରେ ସ୍ଥାନୀୟ ଅଂଚଳର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି । ୨୦୦୮ ମସିହାରେ ବୈତରଣୀ ନଦୀରେ ନିର୍ମାଣ ହୋଇଥିବା ପୋଲ ଏବେ ବିପଦସଂକୁଳ, ମନ୍ତେଇ ନଦୀର ବାଂଶଡା ଠାରେ ନିର୍ମାଣାଧୀନ ପୋଲଟି ସଂପୂର୍ଣ୍ଣ ହୋଇପାରୁନି, ସାଳନ୍ଦୀ ନଦୀର ତିନିତର ଠାରେ ହେବାକୁ ଥିବା ପୋଲ ଆରମ୍ଭ ପର୍ଯ୍ୟାୟରେ । ଏଭଳି ସ୍ଥିତିରେ ବ୍ଲକ୍‌ର ଆରଡି ସହିତ ତିହିଡି ବ୍ଲକ୍‌କୁ ସିଧାସଳଖ ସଂଯୋଗ ପାଇଁ ୨୦୧୯ ମସିହା ମାର୍ଚ୍ଚ ମାସ ୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚାନ୍ଦବାଲି ଦୁର୍ଗା ପଡିଆରେ ଗେଙ୍ଗୁଟି ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା । ୯ କୋଟି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ହେବାକୁ ଥିବା ଏହି ପୋଲ ନିର୍ମାଣ ପାଇଁ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ (୨) ତରଫରୁ ଟେଣ୍ଡର କରାଯାଇଥିଲା । ଚାନ୍ଦବାଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିଲା । ଫର୍ଚ୍ଚୁନ ନାମକ ଏକ ଠିକା ସଂସ୍ଥା ଏହି କାମ କରିବାକୁ ଚୁକ୍ତିବଦ୍ଧ ହୋଇଥିଲା । ହେଲେ ମୂଳରୁ ଝୁଁଥିଲା ଠିକା ସଂସ୍ଥା । ଅନ୍ୟ ଏକ ଠିକା ସଂସ୍ଥାକୁ ଏହି କାମ ସବଲେଟ୍ ଦେଇ ନିରବରେ ବସିଯାଇଥିଲା ଫର୍ଚ୍ଚୁନ ସଂସ୍ଥା । ଅପରପକ୍ଷରେ ସବଲେଟ ନେଇଥିବା ସଂସ୍ଥା କେବଳ ମାଟି ପକାଇ କାମ ବନ୍ଦ କରିଦେଇଥିଲା । ଯାହାକୁ ନେଇ ଏହି ପୋଲ କାମ ଅନିର୍ଣ୍ଣିତତା ଭିତରକୁ ଠେଲି ହୋଇଯାଇଥିଲା । ଆରଡି ଧାମକୁ ସିଧାସଳଖ ରାସ୍ତା ଲୋକଙ୍କ ପାଇଁ ସ୍ୱପ୍ନ ହୋଇଗଲା । ପରେ ବିଭାଗ ସାନି ଟେଣ୍ଡର କରିବାକୁ ସୁପାରିଶ କରିଥିଲା । ହେଲେ ଠିକା ସଂସ୍ଥା ଫର୍ଚ୍ଚୁନ ଗ୍ରୁପ୍ ଏହି କାମ କରିବ ବୋଲି ପୁନର୍ବାର ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଣ୍ଡରଟେକିଂ ଦେଇଥିଲା । ଚଳିତବର୍ଷ ଜାନୁଆରୀ ମାସ ୨୩ ତାରିଖ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ଡ. ବ୍ୟୋମକେଶ ରାୟ ତିହିଡି ବ୍ଲକ୍‌ର ମଧୁପୁର ଠାରେ ପୁଣି ଥରେ ଏହି ପୋଲ କାମର ଶିଳାନ୍ୟାସ କରିଥିଲେ । ଆଶା କରାଯାଉଥିଲା ପୁଣି କାମ ତ୍ୱରାନ୍ୱିତ ହେବ । ହେଲେ ୩ ମାସ ପରେ ବି ଫଳ ଶୂନ । କେବଳ କିଛି ଲୁହାରଡ ତଥା ପୋଲ ନିର୍ମାଣ ପାଇଁ ଛା ଜିନିଷ ଛଡା ଆଉ କିଛି କାମ ଅଗେଇନାହିଁ । ବିଭାଗ ସୂତ୍ରରୁ ପ୍ରକାଶ ଯେ, ଏହି ପୋଲର ଡିଜାଇନ୍‌ରେ ପରିବର୍ତନ ହେବ । ବୈତରଣୀ ପୋଲ ଦବିବା କାରଣରୁ ଉଭୟ ପୂର୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଜୁଆରିଆ ନଦୀଗୁଡିକରେ ହେଉଥିବା ପୋଲ ଗୁଡିକର ଡିଜାଇନ୍ ପରିବର୍‌ନ କରାଯାଉଛି । ଏଣୁ ଏହି ପୋଲରେ ବି ଡିଜାଇନ୍ ପରିବର୍ତନ ହେବ । ଫଳରେ କାମ କେବେ ଆରମ୍ଭ ହେବ, ନିର୍ଦ୍ଧାରିତ ସମୟ ମଧରେ କାମ ସରିବା ତଥା ବିଳମ୍ବିତ କାର୍ଯ୍ୟ ପାଇଁ ଅଧିକ ବ୍ୟବବରାଦ କଥା ଏବେ ସଂପୂର୍ଣ୍ଣ କାମକୁ ବ୍ୟାକଫୁଟରେ ପହ ।ଇ ଦେଇଛି । ଅଭିଯୋଗ ସମ୍ବନ୍ଧରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରସନ୍ନ ସାହୁଙ୍କୁ ପଚାରିବାରୁ କାମ ବିଳମ୍ବକୁ ସ୍ୱୀକାର କରିବା ସହ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଘଟଣାସ୍ଥଳ ଅନୁଧାନ କରି ନୂତନ ଡିଜାଇନ୍‌କୁ ସୁପାରିଶ କଲା ପରେ କାମ ଆରମ୍ଭ ହେବ ବୋଲି ଜଣାପଡିଛି । ମାତ୍ର ମୁଖ୍ୟଯନ୍ତ୍ରୀ କେବେ ଆସିବେ, ତାହା ସ୍ଥିରୀକୃତ ହୋଇନଥିବାରୁ ପୋଲ କାମ ବି ବିଳମ୍ବ ହେଉଛି ।

## ଝାରସୁଗୁଡା ଜିଲ୍ଲାରେ ଥିବା ରେଳ ଷ୍ଟେସନ ଓ ବିମାନ ବନ୍ଦର ଉପରେ ତୀକ୍ଷ୍ଣ ନଜର

ଝାରସୁଗୁଡା,୧୮/୪ (ନି.ପ୍ର): ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣ ଚେନକୁ ଭାଙ୍ଗିବା ଲାଗି କଟକଣାକୁ କଡାକଡି କରିଛନ୍ତି ସରକାର । ପଡ଼ୋଶୀ ଛତିଶଗଡ଼ରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢୁଥିବାରୁ ଏହା ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଏହାକୁ ଦୃଷ୍ଟିରେ ରଖି ଛତିଶଗଡ ସୀମାନ୍ତ ୧୦ ଜିଲ୍ଲାରେ ଆଜିଠାରୁ ସଂଧ୍ୟା ୬ରୁ ସକାଳ ୫ଟା ଯାଏଁ ନାଇଟ କର୍ଫ୍ୟୁ ଲାଗୁ ହେବ । ସେହିପରି ୧୦ଟି ଜିଲ୍ଲାର ସହରାଞ୍ଚଳରେ ଶନିବାର ଓ ରବିବାର ସପ୍ତାହାନ୍ତ ସଟଡାଉନ୍ ବି ଲାଗୁ ହୋଇଛି ।ଆଜିଠାରୁ ପ୍ରତି ଶନିବାର ଓ ରବିବାର ହୋଇଛି ସଟଡାଉନ୍ । ଏଥିପାଇଁ ଝାରସୁଗୁଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି । ଜିଲ୍ଲାରେ ଥିବା ରେଳ ଷ୍ଟେସନ ଓ ବିମାନ ବନ୍ଦର ଉପରେ ତୀକ୍ଷ୍ଣ ନଜର ରଖିଛି ଝାରସୁଗୁଡା ଜିଲ୍ଲା ପ୍ରଶାସନ । ପଡୋଶୀ ଛତିଶଗଡ଼ ସମେତ ମହାରାଷ୍ଟ୍ର ଓ ଦିଲ୍ଲୀରେ କରୋନା ହୁ ହୁ ହୋଇ ବଢୁଥିବାରୁ ବାହାର ରାଜ୍ୟରୁ ଯେଉଁମାନେ ଆସୁଛନ୍ତି ତାଙ୍କ ଉପରେ ନଜର ରଖୁଛି ଜିଲ୍ଲା ପ୍ରଶାସନ । ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଅନୁସାରେ ସେମାନଙ୍କ ପାଇଁ ପୂର୍ବଭଳି ଡାଟା ବେଶ ପ୍ରସ୍ତୁତ କରାଯାଉଛି । ପ୍ରବାସୀ ଫେରନ୍ତାଙ୍କ ସମସ୍ତ ତଥ୍ୟ ସଂରକ୍ଷିତ ରହିବ ବୋଲି ଝାରସୁଗୁଡା ଉପଜିଲ୍ଲାପାଳ କହିଛନ୍ତି ।

## କରୋନା କଟକଣାକୁ ଅଣଦେଖା

ଧର୍ମଶାଳା,୧୮/୪ (ନି.ପ୍ର): କରେନା ସଂକ୍ରମଣ ବଢି ବଢି ଚାଲିଛି । ଯାହାକୁ ନେଇ ସରକାର ଏବେ ଚିନ୍ତିତ । ରାଜ୍ୟର ସମସ୍ତ ଜିଲାରେ ରାତ୍ରୀ କର୍ଫ୍ୟୁ କରିଛନ୍ତି । କୋଭିଡ୍ ନିୟମ ମୁତାବକ ସାମାଜିକ ଦୂରତା ଓ ମାକ୍ସ ପିନ୍ଧିବା ବାଧତାମୂଳକ କରାଯାଇଛି । ହେଲେ ଏହି ସବୁ ନିୟମ ନିୟମରେ ରହିଯାଇଛି । ପ୍ରଶାସନ କିଛି ପଦକ୍ଷେପ ନେଉ ନ ଥିବା ଦେଖିବାକୁ ମିଳିଛି । ଯାଜପୁର ଜିଲା ଧର୍ମଶାଳା ବ୍ଲକ କବାଟବନ୍ଧ ଅଂଚଳରେ ଥିବା ସାପ୍ତାହିକ ହାଟ ଗୁଡିକରେ କରୋନା କଟକଣା ମାନୁ ନ ଥିବା ଦେଖିବାକୁ ମିଳିଛି । ଏହି ଅଂଚଳର ବାରକଣା, କବାଟବନ୍ଧ, ମାଳହାଟ, ବୃନ୍ଦାଦେଇପୁର ଓ ଚଢେଇଧରା ନିକଟରେ ହାଟ ରହିଛି । ଏହି ହାଟକୁ ଶହଶହ ପରିବା ବ୍ୟବସାୟୀ ଓ ଖାଉଟି ଆସିଥାନ୍ତି । ପ୍ରାୟତଃ ଅଧିକାଂଶ ବ୍ୟକ୍ତି ମୁହଁରେ ମାକ୍ସ ପିନ୍ଧି ନ ଥିବା ବେଳେ କେହି ସାମାଜିକ ଦୂରତା ରଖୁନାହାନ୍ତି । ଅପରପକ୍ଷେ କରୋନା ୨ୟ ଲହର ଭୟଙ୍କର ରୂପ ନେଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି । ଜିଲା ତୁରନ୍ତ ଏଭଳି ହାଟ ବଜାର ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି ।

## ଜୟପୁରରେ ବିଜେଡ଼ି ପକ୍ଷରୁ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ଜୟପୁର,୧୮/୪ (ନି.ପ୍ର): ଆଜି ଜୟପୁର ଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି । ଜୟପୁର ବିଜୁ ଭବନ ଠାରେ ପୂର୍ବତନ ପୌର ଉପାଧକ୍ଷ ସୂର୍ଯ୍ୟ ନାରାୟଣ ରଥଙ୍କ ଆହ୍ୱାନରେ ବିଜୁ ପଟ୍ଟନାୟକଙ୍କ ୨୪ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି । ବିଜୁ ପଟ୍ଟନାୟକଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ବିଜୁ ବାବୁ ଅମର ରହେ ସ୍ଲୋଗାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ମନୋଜ ବେହେରା, ଜସପାଲ ସିଂ, ଆଶୁତୋଷ ସାନ୍ତାପାତ୍ର, ନବିନ ପାତ୍ର, ସିମାଂଚଳ ବିଷୋୟୀ, ସନ୍ତାଷ ନାୟକ, ଭଗବାନ ପୁଜାରି, ଟି. ରାବଣା ପ୍ରମୁଖ ଉପସ୍ଥିତ ଥିବା ବେଳେ ପୂର୍ବତନ କାଉନସିଲରଙ୍କ ଦ୍ୱାରା ଏହି ଶ୍ରାଦ୍ଧ ଦିବସ ପାଳିତ ହୋଇଛି । ସେହପରି ପରବର୍ତି ସମୟରେ ଏଠାରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଇନ୍ଦିରା ନନ୍ଦ, ବାଲା ରାୟ, ରମା ନାଥ ମିଶ୍ର, ଅଗ୍ନି ପଟ୍ଟନାୟକ, ଟୁକୁରୁ ଦାସ, ବାପି ପରିଡା ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ୧୯ ବର୍ଷ ପରେ ୩ ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଗଞ୍ଜାମ,୧୮/୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅଧିନ ବରଗାଁରେ ଗତ ୨୦୦୨ ମସିହାରେ ଘଟିଯାଇଥିବା ଏକ ସଙ୍ଘବଦ୍ଧ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି । ଜଣେ ଅନୁସୂଚିତ ଜାତିର ବ୍ୟକ୍ତିଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ୧୦ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଆଜି ୩ ଜଣଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ୧୯ ବର୍ଷ ପରେ ଏହି ମାମଲାର ଶୁଣାଣି କରି ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅରୁଣ କୁମାର ସାହୁ ଏହି ରାୟ ଶୁଣାଇଛନ୍ତି । ମାମଲାରେ ମୋଟ୍ ୮ ଜଣଙ୍କ ସାକ୍ଷ୍ୟଗ୍ରହଣ କରିଥିଲେ କୋର୍ଟ । କୋର୍ଟ କେସ୍ ନଂ ଏସପି ୫୯/୨୦୦୩ ମାମଲାର ବିଚାର କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଥିବା ତିନି ଜଣ ପ୍ରମୋଦ କୁମାର ସାହୁ, ରବି ନାୟକ ଓ ସୋମନାଥ ଜେନାଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

## ଜନ୍ମ ଦିନରେ ବୃକ୍ଷରୋପଣ

କୋରେଇ,୧୮/୪ (ନି.ପ୍ର): ଜନ୍ମ ଦିନକୁ ବିଭିନ୍ନ ଢଙ୍ଗରେ ପାଳନ କରାଯାଉଥିବା ଏବେ ଏକ ନିଆରା ଢଙ୍ଗରେ ଜନ୍ମ ଦିନ ପାଳିତ ହୋଇଛି । ଦୀର୍ଘ ୬ବର୍ଷ ଧରି ଏହି କାର୍ଯ୍ୟକ୍ରମ ଚାଲୁରହିଥିବା ବେଳେ ପାଣିକୋଇଲିର ଆଦିତ୍ୟ ନାରାୟଣ ତାଙ୍କ ୬ଷ୍ଠ ବାର୍ଷିକ ଜନ୍ମ ଦିନରେ ପାଣିକୋଇଲି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟରେ ବୃକ୍ଷରୋପଣ କରିଛନ୍ତି । ଆଦିତ୍ୟ ନାରାୟଣ ୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ଘଡାଇଙ୍କ ନାତି । ଆଜି ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ଚକ୍ରପତି କଅଁର, ଆରଆଇ ସୁଧି ରଂଜନ ମଲିକ, ବରିଷ୍ଠ ନାଗରିକ ମଂଚ ପକ୍ଷରୁ ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ଅଦୈତ୍ୟ ଚରଣ ଦାଶ, ଉମାକାନ୍ତ ଖଣ୍ଡାଇ ଓ ସଦସ୍ୟ ବୃନ୍ଦଙ୍କ ସମେତ ଗ୍ରାମମୁରବୀ ମାନଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଇଥିଲା ।

## ଉତ୍କଳୀୟ ଚେତନା ଦିବସ ପାଳିତ

ଭଦ୍ରକ,୧୮।୪(ହି.ସ) :ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ଓ ଭକ୍ତ ସମାଜର ସମ୍ପାଦକ ମହାପାତ୍ର ପ୍ରଫୁଲ୍ଲ କୁମାର ସାହୁଙ୍କ ପକ୍ଷରୁ ଭଦ୍ରକ ସଦାବର୍ତ୍ତ ମଠ ପ୍ରାଙ୍ଗଣରେ ଉତ୍କଳୀୟ ଚେତନା ଦିବସ ପାଳିତ ହୋଇ ଯାଇଛି । ଏଥି ନିମନ୍ତେ ଆୟୋଜିତ ଏକ ସଭାରେ ସମିତିର ମୁଖ୍ୟ ପଣ୍ଡିତ ଭାଗିରଥୀ ନନ୍ଦଶର୍ମା ଅଧକ୍ଷତା କରିଥିଲେ । ପ୍ରଥମେ ସଭାରେ ଶ୍ରୀଗଜନ୍ନାଥ ଓ ହନୁମାନଙ୍କ ସ୍ତୁତି ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଚେତନା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ, ସମ୍ପାଦକ ନାରାୟଣ ଚନ୍ଦ୍ର ପ୍ରଧାନ ବକ୍ତବ୍ୟ ରଖି ଶ୍ରୀଜଗନ୍ନାଥ ସଂସ୍କୃତି ଓ ଉତ୍କଳୀୟ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧରେ ଅନ୍ନପୂର୍ଣ୍ଣା ଦେବୀ, ସୁବାସିନୀ ଦତ୍ତ, ପ୍ରବଚିକା ସୁଶ୍ରୀ ତପସ୍ୱିନୀ ପାଢୀ, ଲକ୍ଷ୍ମୀଧର ଖଟୁଆ, ମହାପାତ୍ର ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ବହୁ ସେବକ ସହଯୋଗ କରିଥିଲେ । ଶେଷରେ ଭାଗିରଥୀ ନନ୍ଦଶର୍ମାଙ୍କ ଲିଖିତ ଶ୍ରୀଶ୍ର ହନୁମାନ ପୂଜା ପଦ୍ଧତି ପୁସ୍ତକ ଉନ୍ମୋଚନ କରାଯାଇଥିଲା ।

## ଗ୍ରାମୀଣ ଏକତା ମଂଚ କାର୍ଯ୍ୟାଳୟ ଉଦଘାଟିତ

ଧର୍ମଶାଳା,୧୮/୪ (ନି.ପ୍ର): ଯାଜପୁର ଜିଲା କଲଣଠାରେ ସ୍ୱେଚ୍ଛାସେବୀ ସଂଗଠନର ଗ୍ରାମୀଣ ଏକତା ମଂଚର ଆଂଚଳିକ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ଗ୍ରାମଚଂଳରେ ଆର୍ଥିକ ଅନଗ୍ରସର ପରିବାର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଉପକରଣ ପ୍ରଦାନ, ବୃକ୍ଷରୋପଣ ଓ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ସଂଗଠନ ଜିଲାସ୍ତରରେ କାର୍ଯ୍ୟ କରୁଛି । ଏଠାରେ କାର୍ଯ୍ୟାଳୟ ହେବା ଦ୍ୱାରା ଧର୍ମଶାଳା ଓ ରସୁଲପୁର ବ୍ଲକରେ ଏହାର କାର୍ଯ୍ୟ ପରିସର ବୃଦ୍ଧି ପାଇବ । କଲଣ ପଂଚାୟତରେ ପ୍ରଥମ ମାଟ୍ରିକ ପାସ କରିଥିବା ଶିକ୍ଷାବତ୍ କାଳନ୍ଦୀ ଚରଣ ସାହୁ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ । କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ନାୟକ, ସତ୍ୟନାରାୟଣ ସାହୁ, ଦୀପକ ଦାସ, ଦିବାକର ସାହୁ, କମଳାକାନ୍ତ ସାହୁ, ସଂଜୟ କୁମାର ଓଝା ଓ ବିପିନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ୭୫ ବର୍ଷ ବୟସରେ ବିଧବା ମା'ର ହାତ ଛାଡ଼ି ଦେଲେ ଜନ୍ମ କଲା ପୁଅ: ଜରାଜୀର୍ଣ୍ଣ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ ଚଳାଇଛନ୍ତି ନିରାଶ୍ରୟା ମା'

ବାରିପଦା,୧୮/୪ (ନି.ପ୍ର): ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଜନସାଧାରଣଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରାଇଛନ୍ତି । ତେବେ ଏହି ଯୋଜନାର ସୁଫଳ ପହଂଚି ପାରୁନାହିଁ ବାସ୍ତବ ହିତାଧିକାରୀଙ୍କ ନିକଟରେ । ଏଭଳି ଏକ ଚିତ୍ର ସାମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା ବାରିପଦା ସହର ଷ୍ଟେସନ ବଜାର ଅଂଚଳରେ । ଦୁଃଖ ଦୁର୍ଦ୍ଦିନରେ ଖଟ ଉପରେ ଶୋଇ ରହି ଜୀବନ କାଟୁଛନ୍ତି ଅସହାୟ ବିଧବା ବୃଦ୍ଧା ମହିଳା । ଅସହାୟ ଅବସ୍ଥାରେ ଦୀର୍ଘ ଦିନରୁ ପଡିରହିଥିବା ଗରୀବ ମହିଳା ଜଣକ ହେଲେ ସ୍ୱର୍ଗତ ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ସହଧର୍ମିଣୀ ଶାନ୍ତିଲତା ବିଶ୍ୱାଳ (୭୫) । ସ୍ୱାମୀଙ୍କ ମୃତ୍ୟୁ ପରେ ବିଧବା ମହିଳା ଜଣକ ବୟସର ଅପରାହ୍ନରେ ନିଜ ଜନ୍ମିତ ପୁଅ ପାଖରେ ଜୀବନ ବିତାଉଥିବା ବେଳେ ଦୁଇ ପୁଅ ଜନ୍ମ କଲା ମାଆର ହାତ ଛାଡି ବେସାହାରା କରି ଏକାକୀ ଛାଡ଼ି ଦେଇ ଅନ୍ୟତ୍ର ଚାଲିଗଲେ । ବାଧ ହେଇ ବେସାହାରା ଅବସ୍ଥାରେ ପଲିଥିନ ତଳେ ଖରା ବର୍ଷା ଶୀତ କାକର ମଧ୍ୟରେ ଏକ ଖଟିଆରେ ପଡିରହି ଦୁଃଖ ଦୁର୍ଦ୍ଦିନରେ ଜୀବନ କାଟିବା ପାଇଁ ବାଧ ହୋଇଥିଲେ ରୋଗୀଣା ବୃଦ୍ଧା ଜଣକ । ଦୀର୍ଘ ଦିନ ସେବା ଯତ୍ନ ଓ ଖାଦ୍ୟ ଅଭାବରୁ ଖଟିଆରେ ପଡିରହି ଶରୀର କ୍ଷୀଣ ପ୍ରାୟ । ବୃଦ୍ଧା ମହିଳାଙ୍କ ଶରୀରରେ ପିମ୍ପୁଡ଼ି ଓ ପୋକ ସାଲୁବାଲୁ କରୁଥିବାର ଦୃଶ୍ୟ ମଧ ପରିଲକ୍ଷିତ ହେଉଛି । ଏହି ଅସହାୟ ବୃଦ୍ଧାଙ୍କ ପ୍ରତି ସ୍ଥାନୀୟ ପ୍ରଶାସନ ବା ପୌର ପ୍ରଶାସନର କିପରି ଦୃଷ୍ଟିପଡ଼ିନି ସେ ନେଇ ବିଭିନ୍ନ ମହଲରେ ଅଭିଯୋଗ ହେଉଛି । ବୃଦ୍ଧାଙ୍କର କେହି ସାହା ଭରସା ନଥିବା କାରଣରୁ ସେ ନିଜ ଭାଗ୍ୟକୁ ନିନ୍ଦି ଅସହାୟ ଅବସ୍ଥାରେ ଦୀର୍ଘ ଦିନରୁ ପଡିରହିଥିବାର ଜଣାପଡ଼ିଛି ।

# ସମୁଦ୍ରରୁ ଆବର୍ଜନା ସଫା ପାଇଁ ବୈଦ୍ୟୁତିକ ବୋଟ୍





ସମୁଦ୍ରଟି ବୃଦ୍ଧି ପାଉଥିବା ଆବର୍ଜନା ମାନବ ଜୀବନ ଏବଂ ଜନଜାତି ପାଇଁ ଅନେକ କୁପ୍ରଭାବ ସୃଷ୍ଟି କରୁଛି । ଏହାକୁ ଧ୍ୟାନରେ ରଖି ଦୁନିଆର ପ୍ରଥମ ସୋଲାର ପାୱାର୍ଡ ବୈଦ୍ୟୁତିକ ବୋଟ ତିଆରି କରାଯାଇଛି । ଏହା ଖୁବ୍ ଶୀଘ୍ର ଉପଯୋଗରେ ଆସିବ ବୋଲି ଜଣାପଡ଼ିଛି । ଏହି ବୋଟ ସମୁଦ୍ରରୁ ଆବର୍ଜନା ସଫା କରିବାରେ ବିଶେଷ ଭୂମିକା ନିର୍ବାହ କରିବ । ଏପଟେ ସୌରଶକ୍ତି ଦ୍ୱାରା କାର୍ଯ୍ୟକ୍ରମ ହୋଇଥିବାରୁ କୌଣସି ପ୍ରକାର ଇନ୍ଧନ ଖର୍ଚ୍ଚ ପାଇଁ ଭୟ ରହିବନି । ବର୍ତ୍ତମାନ ଏହି ବୈଦ୍ୟୁତିକ ବୋଟର ନାମକରଣ କରାଯାଇନାହିଁ । କିନ୍ତୁ ପରଫମାନ୍ସ ୪୮ ଭି ବ୍ୟାଟେରୀ ସହ ସଂଯୁକ୍ତ ହୋଇଛି । ଏଥିରେ ଲାଗିଥିବା ବ୍ୟାଟେରୀକୁ ୧୦୦ ୱାଟର ସୋଲାର ପ୍ୟାନେଲ ଚାର୍ଜ କରିଥାଏ । ଏହାଦ୍ୱାରା ମୋଟରରେ ଏତେ ଶକ୍ତି ସଂରକ୍ଷିତ ହୋଇ ରହିଯାଏ ଯେ, ପୂରା ଦିନ ଲଗାତର ବ୍ୟାକଅପ୍ ଦେବାରେ ସାହାଯ୍ୟ କରିଥାଏ । ଏହି ବୋଟ୍ ଉପରେ ୮ ସୋଲାର ପ୍ୟାନେଲ ସଂଯୁକ୍ତ ହୋଇଛି । ଯଦ୍ୱାରା ପ୍ରତି ଗୋଟିଏ ପ୍ୟାନେଲ ୧୦୦ ୱାଟ୍ ବିଜୁଳି ଉତ୍ପନ୍ନ କରିଥା, । ବୋଟକୁ ଅନେକ ପରିଶ୍ରମ ପରେ ତିଆରି କରାଯାଇଛି । ଇଷ୍ଟ ସୋର ଡିଷ୍ଟ୍ରିକ୍ଟ ହେଲଥ ଡିପାର୍ଟମେଣ୍ଟ ଏବଂ ୟେଲୋସ୍କୁଲ ଅଫ୍ ପବ୍ଲିକ୍ ହେଲଥର ବୁଝାମଣା ଦ୍ୱାରା ଏହାକୁ ତିଆରି କରାଯାଇଛି । ଏହାଛଡ଼ା ଆମେରିକାର ଫିଶ୍ ଏବଂ ୱାଇଲ୍ଡଲାଇଫ୍ ସର୍ଭିସ୍ ତଥା କନେକ୍ଟିକଟ୍ ଡିପାର୍ଟମେଣ୍ଟ ଅଫ୍ ଏନର୍ଜି ଆଣ୍ଡ ଏନଭାଇରୋମେଣ୍ଟାଲ ପ୍ରୋଟେକ୍ସନ୍ ଦ୍ୱାରା ବୋଟ ତିଆରି ପାଇଁ ଅର୍ଥ ଖର୍ଚ୍ଚ କରାଯାଇଛି । ଆଲୁମିନିୟମରେ ତିଆରି ଏହି ବୋଟର ଲମ୍ୱା ୨୫ ଫୁଟ୍ ଥିବାବେଳେ ଏହାର ନିର୍ମାଣ ପାଇଁ ୧କୋଟି ୪୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏହାକୁ ସର୍ବପ୍ରଥମେ ଆମେରିକାର କନେକ୍ଟିକଟର ବ୍ରାନଫୋର୍ଡରେ ଆରମ୍ଭ କରାଯିବାର ସୂଚନା ରହିଛି ।

# ବୃଦ୍ଧାବସ୍ଥା ଶୀଘ୍ର ଅନୁଭବ କରନ୍ତି ଭାରତୀୟ

ଭାରତରେ ବାସ କରୁଥିବା ଲୋକେ ଜାପାନ ଏବଂ ସ୍ୱିଜରଲ୍ୟାଣ୍ଡବାସୀଙ୍କ ତୁଳନାରେ ଶୀଘ୍ର ଏବଂ ଅଧିକ ବୟସ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାକୁ ଅନୁଭବ କରିଥାନ୍ତି । ଏହାସହ ବୃଦ୍ଧାବସ୍ଥା ପୂର୍ବରୁ ହିଁ ସେମାନେ ନକାରାତ୍ମକ ପ୍ରଭାବର ସମ୍ମୁଖୀନ ହୋଇଥାନ୍ତି । ଏହା ବାର୍ଦ୍ଧକ୍ୟଜନିତ ସମସ୍ୟାକୁ ନେଇ ପ୍ରଥମ ବୈଜ୍ଞାନିକ ଗବେଷଣା । ଦି ଲାସେଣ୍ଟ ପବ୍ଲିକ୍ ହେଲଥରେ ପ୍ରକାଶିତ ଗବେଷଣା ଅନୁସାରେ, ଏହି ଦେଶରେ ସବୁଠୁ ଅଧିକ ଏବଂ ସୁବୁଠୁ କମ୍ ବୟସର ଲୋକଙ୍କ ମଧ୍ୟରେ ପ୍ରାୟ ୩୦ ପ୍ରତିଶତ ଫରକ୍ ଥାଏ । ଗବେଷକମାନେ ଜାଣିବାକୁ ପାଇଛନ୍ତି, ଆନୁମାନିକ ୬୫ ବର୍ଷ ବୟସର କୌଣସି ବ୍ୟକ୍ତିକୁ ହେଉଥିବା ବୟସ ସମ୍ବନ୍ଧୀୟ ରୋଗ ଜାପାନ ଏବଂ ସ୍ୱିଜରଲ୍ୟାଣ୍ଡରେ ୭୬ ବର୍ଷୀୟ ବ୍ୟକ୍ତିଙ୍କ ନିକଟରେ ଦେଖିବାକୁ ମିଳିଥାଏ । ବିଶ୍ଳେଷଣରୁ ଏହାମଧ୍ୟ ଜଣାପଡ଼ିଛି, ଭାରତରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ୬୦ ବର୍ଷ ଛୁଇଁବା ପୂର୍ବରୁ ହିଁ ଅନୁଭବ କରିସାରିଥାନ୍ତି । ଆମେରିକାର ୟୁନିଭର୍ସିଟି ଅଫ୍ ୱାଇଂଟନରେ ପୋଷ୍ଟଡକ୍ଟରାଲ ଗବେଷକ ଏଞ୍ଜେଲା ୱାଇ ଚାଙ୍ଗଙ୍କ ମତରେ,



ଭାରତୀୟଙ୍କ ମଧ୍ୟରେ ଏଭଳି ସମସ୍ୟା ଭୋଗିବାର ପ୍ରଥମ କାରଣ ସେମାନଙ୍କ ପରିବର୍ତ୍ତିତ ଜୀବନଶୈଳୀ ଏବଂ ଚାକିରି ସମସ୍ୟା । ଏମାନେ ଖୁବ୍ ଶୀଘ୍ର କୌଣସି ନା କୌଣସି କଥାକୁ ନେଇ ତୁରନ୍ତ ଚିନ୍ତିତ ହୋଇପଡ଼ନ୍ତି । କିଛି ରୋଗ ହୋଇଥାଉ କି ନହୋଇଥାଉ, ସେ ବିଷୟରେ ଚିନ୍ତା କରି କରି ରୋଗିଣା ହୋଇସାରିଥାନ୍ତି ।

# ଘରୋଇ ଜିନିଷକୁ ନେଇ ସତର୍କତା

ଅଧିକାଂଶ ଲୋକେ ନିଜ ଘରର ଜିନିଷକୁ ନେଇ ବେଶ୍ ସଚେତନ ଥାନ୍ତି ହେଲେ କେତେଜଣ ମଧ୍ୟ ଘରେ ବ୍ୟବହୃତ ହେଉଥିବା ଜିନିଷର କୁପ୍ରଭାବ ଜାଣିଥାନ୍ତି । ଏକ ସର୍ବେକ୍ଷଣରୁ ଜଣାଡ଼ିଛି, କେତେପ୍ରକାର ଧୂପକାଠିରେ କାର୍ବନ ମନୋକ୍ସାଇଡ, ସଲଫର ଡାଇଅକ୍ସାଇଡ଼ ଭଳି ବିଷାକ୍ତ ଦ୍ରବ୍ୟ ବ୍ୟବହୃତ ହୋଇଥାଏ । ଏହିସବୁ କାରଣରୁ ଅନେକଙ୍କ ଶ୍ୱାସ ସଂକ୍ରମଣ ହେଉଥିବାର ଜଣାପଡ଼ିଛି । ରୁମ୍ ହିଟର ବ୍ୟବହୃତ କରୁଥିବା ଲୋକେ ବେଶ୍ ସତର୍କ ରହିବା ଉଚିତ । କାରଣ ଏହା କକ୍ଷରେ ଅମ୍ଳଜାନର ମାତ୍ରାକୁ ନିୟନ୍ତ୍ରଣ କରେ । ପୂରାରାତି ଏହି ଯନ୍ତ୍ରକୁ ଲଗାଇ ଶୋଇବା ହାନିକାରକ । ମହମବତୀର ବ୍ୟବହାର ଶୋଇବାବେଳେ ନକରିବା ଉଚିତ । ଏଥିରେ ମହଜୁଦ ଥିବା ବେଞ୍ଜିନ ପରି ବିଷାକ୍ତ ପଦାର୍ଥ ନିଶ୍ୱାସପ୍ରଶ୍ୱାସରେ ବାଧା ଉତ୍ପନ୍ନ କରେ । ଆଜିକାଲି ଏୟାର ଫ୍ରେଶନରର ବହୁଳ ବ୍ୟବହାର ହେଉଥିବାର ଦେଖାଯାଉଛି । ଏଥିରେ ଥିବା ତତ୍ତ୍ୱମାନ ହରମାନ ଅସମତୁଲତା ସହ ନିଶ୍ୱାସ ପ୍ରକ୍ରିୟାକୁ ପ୍ରଭାବିତ କରେ । ନିକଟରେ ହୋଇଥିବା ସର୍ବେକ୍ଷଣରୁ ପ୍ରକାଶିତ ଯେ କପଡ଼ାକୁ ଡ୍ରାଏ-କ୍ଲିନ୍ କରିବା ପାଇଁ ପରଫ୍ଲୋରୋଇଥିଲିନ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଏ । ଏହା ଯକୃତ, ବୃକକ ତଥା ନର୍ଭସ ସିଷ୍ଟମକୁ ପ୍ରଭାବିତ କରେ ।

# କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟକରେ ବ୍ରୋକଲି



ନିକଟରେ କରାଯାଇଥିବା ଏକ ଗବେଷଣା ଅନୁସାରେ ବ୍ରୋକଲିରେ ଏପରି ଏକ ତତ୍ତ୍ୱ ରହିଛି ଯାହା ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ । ଏହି ବ୍ୟାକ୍ଟେରିଆ ପେଟରେ କ୍ୟାନ୍ସର ସୃଷ୍ଟି କରିଥାଏ । ପେଟରେ କ୍ୟାନ୍ସରର ଏକ କାରଣ ହେଉଛି ହେଲିକୋବେକ୍ଟର ପାୟଲୋରୀ ବ୍ୟାକ୍ଟେରିଆ । ଏହି ବ୍ୟାକ୍ଟେରିଆକୁ ନଷ୍ଟ କରିବାରେ ବ୍ରୋକଲିର ସେବନ ଲାଭପ୍ରଦ ହେବ । ବ୍ରୋକଲି ଏକ ଏପରି ଆଣ୍ଟିବାୟୋଟିକ ଯାହା ବହୁତ ମହଙ୍ଗା । ବ୍ରୋକଲି କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟ କରିବା ସହିତ ଲାଭକାରୀ ବ୍ୟାକ୍ଟେରିଆକୁ ଉତ୍ପନ୍ନ କରିଥାଏ । ଜାନ୍ସ ହାପିକନ୍ସ ୟୁନିଭର୍ସିଟିର ବିଶେଷଜ୍ଞ ଓ ଦ ଫ୍ରେଞ୍ଚ ନ୍ୟାସନାଲ ସାଇଣ୍ଟିଫିକ ରିସର୍ଚ୍ଚ ସେଣ୍ଟରର ବିଶେଷଜ୍ଞ ଟିମଙ୍କ କହିବାନୁସାରେ ଏହି କ୍ଷତିକାରକ ବ୍ୟାକ୍ଟେରିଆ ଯୋଗୁଁ ଶରୀରରେ ଯେଉଁ ସଂକ୍ରମଣ ହେଉଛି ବ୍ରୋକଲି ତାକୁ ଦୂର କରିପାରିବ ।

# ଦୂରେଇ ରୁହନ୍ତୁ ଚାଇନିଜ୍ ଫୁଡ଼ଠାରୁ



ଆଜିକାଲି ଅଧିକାଂଶ ଲୋକ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ଚଟ୍‌ପଟି ଖାଦ୍ୟ ବିଶେଷ କରି ଚାଇନିଜ୍ ଫୁଡ୍ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । କିନ୍ତୁ ଏହାକୁ ପ୍ରତିଦିନ ଖାଇବା ଦ୍ୱାରା ଆପଣଙ୍କ ଶରୀରର କେତେ କ୍ଷତି ହେଉଛି ତାହା ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ।

ଚାଇନିଜ୍ ଫୁଡ଼ରେ ସାଧାରଣତଃ ଫ୍ୟାଟ୍ ବଢ଼ାଇବା ମାତ୍ରା ଅଧିକ ଥାଏ । ଏହାଦ୍ୱାରା ଆପଣଙ୍କ ଶରୀରରେ ଅଚାନକ ମାଂସପେଶୀ ବଢ଼ିବାକୁ ଲାଗିଥାଏ, ଯାହା ମୋନୋସୋଡ଼ିୟମ ଗ୍ଲୁଟାମେଟ୍ ବା ଏମଏସଜି ନାମରେ ଜଣାଶୁଣା । ଏଥିରେ ବହୁ ମାତ୍ରାରେ ସୋଡ଼ିୟମ ମିଶିକରି ଥାଏ । ତେବେ ଆସନ୍ତୁ ଜାଣିବା ଏଭଳି ଖାଦ୍ୟ ଆପଣଙ୍କ ଶରରରେ କ'ଣ କ୍ଷତି ପହଞ୍ଚାଉଛି । ଏମଏସଜିରେ ପୀଡ଼ିତ ଲୋକଙ୍କୁ ବାରମ୍ବାର ଭୋକ ଲାଗିବା ସହ ମସ୍ତିଷ୍କର ଶିରା ପ୍ରଶିରା ଅଧିକ ମାତ୍ରାରେ ଉତ୍ତେଜିତ ହୋଇ ରହିଥାଏ । ଯାହା ଫଳରେ ମୁଣ୍ଡ ବ୍ୟଥା ସହ ଶରୀର ଅସୁସ୍ଥ ଏବଂ ଚାଲିଚଳଣରେ ପରିବର୍ତ୍ତନ ଆଦି ସମସ୍ୟା ଦେଖାଦେଇଥାଏ ।

ଚାଇନିଜ ଫୁଡ଼ରେ ଫିଟୋଏଷ୍ଟ୍ରୋଗେନର ପରିମାଣ ଅଧିକ ମାତ୍ରାରେ ଥାଏ, ଯାହାକି ବ୍ରେଷ୍ଟ କ୍ୟାନସର, ନପୁଂସକତା, ସେକ୍ସ ଇଚ୍ଛାରେ ହ୍ରାସ ଭଳି ଅନେକ ସମସ୍ୟା ଉପୁଜିଥାଏ ।

ଚାଇନିଜ ଫୁଡ଼ରେ ସୋଡ଼ିୟମ ଗ୍ଲୁଟାମେଟର ମାତ୍ରା ଅଧିକ ଥିବାରୁ ଉଚ୍ଚ ରକ୍ତଚାପର ଶିକାର ହୋଇପାରନ୍ତି ।

ଏହି ଖାଦ୍ୟରେ ସୋୟା ଫାଇଟେଟ ରହିଥାଏ । ଯାହା ଶରୀରର ପାଚନକ୍ରିୟା ଓ ହୃତପିଣ୍ଡକୁ ପ୍ରଭାବିତ କରିଥାଏ । ନିଃଶ୍ୱାସ ଓ ପ୍ରଶ୍ୱାସର ଗତି ଅସ୍ୱାଭାବିକ ହେବା ସହ ଛାତିରେ ଯନ୍ତ୍ରଣା ମଧ୍ୟ ଅନୁଭୂତ ହୋଇଥାଏ ।

ଏହି ଖାଦ୍ୟ ଖାଇବା ଦ୍ୱାରା ଦୁର୍ବଳତା ଅନୁଭବ କରିବା, ବାନ୍ତି ଲାଗିବା, ହାଡ଼ରେ ଯନ୍ତ୍ରଣା ଅନୁଭବ କରିବା, ଗମ୍‌ଗମ୍ ଝାଳ ବାହାରିବା ଆଦି ସମସ୍ୟା ମାନ ଦେଖାଦେଇଥାଏ ।



# ପିଆଜ ଶଣ୍ଢାର ଉପକାରିତା

ପିଆଜ ଶଣ୍ଢା ଏକ ଶୀତଦିନିଆ ପରିବା ଭାବେ ଜଣାଯାଏ । ଅନ୍ୟ ଋତୁ ତୁଳନାରେ ଏହି ଋତୁରେ ପିଆଜ ଶଣ୍ଢା ସବୁଠୁ ଅଧିକ ବଜାରରେ ବିକ୍ରିହୁଏ । ପୋଷାକତତ୍ତ୍ୱରେ ଭରପୁର ପିଆଜ ଶଣ୍ଢା ଶରୀର ପାଇଁ ଖୁବ ଉପକାରୀ । ଭିଟାମିନ ଏ, ସିବି-୨, କପର, ଥିଆମାଇନ, ପେଟାସିୟମ ଆଦିରେ ଭରପୂର ପିଆଜ ଶଣ୍ଢା ପ୍ରତ୍ୟହ ବିଭିନ୍ନ ବ୍ୟଞ୍ଜନରେ ମିଶାଇ ଖାଇବା ଭଲ ବୋଲି ଖାଦ୍ୟ ବିଶେଷଙ୍କ ମତ ।

ହୃଦରୋଗୀଙ୍କ ପାଇଁ ପିଆଜଶଣ୍ଢା ଉତ୍ତମ ପରିବା ଅଟେ । ଏହା କୋଲେଷ୍ଟରଲକୁ ନିୟନ୍ତ୍ରଣ କରିବା ସହ ହୃଦରୋଗର ଆଶଙ୍କାକୁ କମ୍ କରେ । ଏଥିରେ ଭିଟାମିନ ସି ଅଧିକ ପରିମାଣରେ ଥିବାରୁ ରକ୍ତଚାପକୁ ସନ୍ତୁଳିତ ରଖେ । ଏହା ସହ ପିଆଜ ଶଣ୍ଢାରେ ଥିବା ସଲଫର ମଧ୍ୟରେ ହୃଦରୋଗୀଙ୍କ ପାଇଁ ଉତ୍ତମ ।



# ୧୧୦ ବର୍ଷ ପୁରୁଣା ଗଛରେ ତିଆରି ହୋଇଥିବା ପାଠାଗାର



ବହିକୁ ମଣିଷର ପ୍ରକୃତ ବନ୍ଧୁ ଭାବେ ବିବେଚନା କରାଯାଇଥାଏ । ଅଧିକାଂଶଲୋକ ବିଭିନ୍ନ ପ୍ରକାର ବହି ପଢ଼ିବାକୁ ପସନ୍ଦ କରିଥାନ୍ତି । ଆଜି ତାରିଖରେ ଲାଇବ୍ରେରି ଯାଇ ବହି ପଢ଼ିବା ଅନେକାଂଶରେ କମିଗଲାଣି ।

ପୁସଦ୍‌ତକ ପ୍ରେମୀମାନଙ୍କୁ ବିଭିନ୍ନ ପ୍ରକାର ବହି ଯୋଗାଇ ଦେବା ପାଇଁ ବି୍‌ବର ଅନେକ ସ୍ଥାନରେ ପାଠାଗାରମାନ ରହିଛି । 'ଲିଟିଲ ଫ୍ରି ପାଠାଗାର ଭେଟି ଦେଇଛି । ଏହି ସଂସ୍ଥା ୧୧୦ ବର୍ଷର ପୁରୁଣା ଗଛରେ ଏକ ସୁନ୍ଦର ପାଠାଗାର ତିଆରି କରିବାରେ ଜଣେ ମହିଳାଙ୍କୁ ସାହାଯ୍ୟ କରିଛି । ଯାହା ପୁସ୍ତକପ୍ରେମୀମାନଙ୍କୁ ଖୁବ୍ ଆକୃଷ୍ଟ କରିପାରିଛି । ଆମେରିକାର ଇଡାହୋ ସହରରେ ରହୁଥିବା ଜରେ ଆର୍ଟିଷ୍ଟ ନିଜ ଘର ବାହାରେ ଥିବା ଏକ ଶୁଖିଲା ଗଛରେ ଛୋଟ ପାଠାଗାରଟିଏ ତିଆରି କରଇଛନ୍ତି । ଏଠାରେ ବୟସ୍କଙ୍କ ପାଇଁ ଫିକ୍ସନ ବହି ଓ ଛୋଟ ପିଲାମାନଙ୍କ ପାଇଁ ପ୍ରାୟ ୭୦୦୦୦ରୁ ଅଧିକ ବହି ରଖାଯାଇଛି । ଶାହରାଲି ଆର୍ମିଟେଜ ହୋୱାର୍ଡ ନାମକ ଜନୈକ ମହିଳା ଏହି ପାଡାଗାର ପ୍ରତିଷ୍ଠା କରିଛନ୍ତି । ଏହାକୁ ନିର୍ମାଣ କରିବା ପାଇଁ ୭୩ ହଜାର ବା (୫,୧୩୩) ଯଙ୍କା ଖର୍ଚ୍ଚ ହୋଇଛି । ଲିଟିଲ ଫ୍ରି ଲାଇବ୍ରେରି ଏକ ବେସରକାରୀ ସଂସ୍ଥା ଯାହା ଦୁନିଆରେ ଥିବା ପାଠାଗାରଗୁଡ଼ିକର ନିର୍ମାଣ ଓ ତାହାକୁ କାର୍ଯ୍ୟକାରୀ କରିବାରେ କାମ କରିଥାଏ ।

# ଛାଇ ଦେଉଥିବା ଗଛ ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ କମ୍ କରାଏ



ଗୃହ ନିକଟରେ ଛାୟାପ୍ରଦ ବୃକ୍ଷ ଗୃହକର୍ତ୍ତାଙ୍କର ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ କମ କରିପାରେ । ଅବର୍ଣ୍ଣ ବିଶ୍ୱବଦ୍ୟିାଳୟର ସ୍କୁଲ ଅଫ୍ ଫରେଷ୍ଟି ଆଣ୍ଡ ୱାଇଲ୍ଡ ଲାଇଫ୍ ସାଇନ୍ସର ପ୍ରଫେସର ଡେଭିଡ ଲାୱାଣ୍ଡ୍‌ଙ୍କ ମତ ଅନୁଯାୟୀ ବିଦ୍ୟୁତ୍ ଶକ୍ତି ବ୍ୟବହାର ଓ ମୂଲ୍ୟ ଗୃହକର୍ତ୍ତାଙ୍କର ଶତକଡ଼ା ୧୧.୪ ଭାଗ ହ୍ରାସ କରିପାରେ । ଯଦି ତାଙ୍କ ଗୃହ ନିକଟରେ ଶତକଡ଼ା ୧୭.୫ ଭାଗ ଛାୟାପ୍ରଦ ବୃକ୍ଷ ରହିଥିବ । ଏହି ତଥ୍ୟକୁ ଆଦୌ ବୃକ୍ଷ ନଥିବା ଗୃହ ସହିତ ତୁଳନା କରାଯାଇଥିଲା । ଗହଳ ପତ୍ରବିଶିଷ୍ଟ ବୃକ୍ଷ ଓ ବିଳମ୍ବିତ ଅପରାହ୍ନ ପର୍ଯ୍ୟନ୍ତ ଛାୟା ପ୍ରଦାନ ଏହାର କାରଣ । ଏହାଦ୍ୱାରା ଗୃହ ମାଲିକମାନେ ବିଦ୍ୟୁତ୍ ଶକ୍ତିରେ ବ୍ୟୟ ହେଉଥିବା ଅର୍ଥକୁ ସଂଚୟ କରିପାରିବେ । ଦୀର୍ଘଦିନର ଅଧ୍ୟୟନ ଫଡ଼ଲରେ ପ୍ରଫେସର ଡେଭିଡ ଉପରୋକ୍ତ ତଥ୍ୟ ପ୍ରଦାନ କରିଥିଲେ । ଏହି ତଥ୍ୟ ପାଇଁ ଆଲାର ଅ।ଲବମ୍ ଅଂଚଳରେ ଥିବା ୧୬୦ଟି ଗୃହକୁ ବିଶେଷଜ୍ଞମାନେ ବର୍ଷସାରା ଅନୁଧ୍ୟାନ କରିଥିଲେ । ସେମାନେ ସାଧାରଣତଃ ମେ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଅଧ୍ୟୟନକୁ ଅଧିକ ଘନୀଭୂତ କରିଥିଲେ । ସେମାନେ ଗୃହକର୍ତ୍ତାଙ୍କ ବାର୍ଷିକ ବିଦ୍ୟୁତ୍ ଖର୍ଚ୍ଚକୁ ବିଶ୍ଳେଷଣ, ଛାୟା ଗ୍ରହଣ କରୁଥିବା ସ୍ଥାନର ହିସାବ ଓ ଗୃହକର୍ତ୍ତାଙ୍କର ଗୃହ ଅବସ୍ଥିତିର ଚତୁପାର୍ଶ୍ୱକୁ ସର୍ବେକ୍ଷଣ କରିଥିଲେ । ଏହାବ୍ୟତୀତ ପ୍ରଫେସର ଗୃହକର୍ତ୍ତାଙ୍କର ବୁଦ୍ୟୁତ୍ ବ୍ୟବହାରର ଅଭ୍ୟାସ ବର୍ଗଫୁଟ ଅଂଚଳରେ ବ୍ୟବହାର, ଏୟାର କଣ୍ଡିସନରର ପ୍ରକାର ଭେଦ ଓ ବାହାରେ ଥିବା ପଦାର୍ଥ ଆଦି ସବୁ ମଧ୍ୟ ପରୀକ୍ଷା କରାଯାଇଥିଲା । ବିଶେଷକରି ପର୍ଶ୍ଚିମ ଦିଗରେ ବୃକ୍ଷ ଥିଲେ ଗୃହକର୍ତ୍ତା ତୁଳନାତ୍ମକ ଭାବରେ ବିଦ୍ୟୁତ୍ ଖର୍ଚ୍ଚ କମ୍ କରିଥାନ୍ତି । ଏହି ଗବେଷଣା ଅନୁଯାୟୀ ହାଲ୍‌କା ଘଞ୍ଚ ବୃକ୍ଷ ଗୃହକର୍ତ୍ତାଙ୍କୁ ଶତକଡ଼ା ୧୦.୩ ଭାଗ ଖର୍ଚ୍ଚ କମ୍ କରାଇବାରେ ସହାୟକ ହୋଇଥାଏ । ଏଥିପାଇଁ ଥର୍ମୋଷ୍ଟାର୍ଟ ସେଟିଙ୍ଗ ଆବଶ୍ୟକ ବୋଲି କହିଥିଲେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚୁକ୍ତିନାମା ଉଜ୍ଜୀବିତ ହେଉ....

ସମଗ୍ର ବିଶ୍ୱକୁ କରୋନା ମହାମାରୀ ଆକ୍ରାନ୍ତ କରି ରଖିଥିବାବେଳେ ଆମେରିକା ଓ ଇରାନ ଏବେ ଭିଏନାରେ ଶାନ୍ତି ଖୋଜୁଛନ୍ତି। ୨୦୧୫ ମସିହାରେ ସ୍ୱାକ୍ଷରିତ ଇରାନ୍ ଆଣବିକ ରାଜିନାମାରୁ ୨୦୧୮ ମସିହା ମେ' ମାସରେ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଏକତରଫା ଭାବେ ଓହରି ଯାଇଥିଲେ ଓ ଇରାନ ଉପରେ ଅଧିକ ଆର୍ଥିକ କଟକଣା ଜାରି କରିଥିଲେ। ଏହାର ଜବାବରେ ଇରାନ ତା'ଣ ଆଣବିକ କାର୍ଯ୍ୟକ୍ରମକୁ ପୁଣିଥରେ ଆରମ୍ଭ କରି ୟୁରାନିୟମ ସମ୍ବର୍ଦ୍ଧନ କରିବା ସହ ସେଣ୍ଟ୍ରିଫ୍ୟୁଜ୍ ପ୍ରସ୍ତୁତିରେ ଲାଗି ପଡ଼ିଥିଲା। ଇରାନ୍ ଆଣବିକ ରାଜିନାମା ବିଫଳ ହେବାପରେ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସମଗ୍ର ବିଶ୍ୱ ପାଇଁ ଏକ ବିପଦ ଦେଖାଦେଇଛି। ସୌଭାଗ୍ୟକର କଥା, ଆମେରିକାର ବର୍ତ୍ତମାନ ରାଷ୍ଟ୍ରପତି ଜୋ ବାଇଡେନ୍ ପୁଣିଥରେ ଆଣବିକ ରାଜିନାମାକୁ ଫେରିବାର ସଂକେତ ଦେଖାଇଛନ୍ତି। ଇରାନ୍ ମଧ୍ୟ ଅନରୂପ ମନୋଭାବ ପ୍ରଦର୍ଶନ କରିଛି। ତେଣୁ ଭିଏନାଠାରେ ଗତ ମଙ୍ଗଳବାର ଦିନ ଅନୁଷ୍ଠିତ ଆଲୋଚନାରେ ଚୀନ, ରୁଷିଆ, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ ଓ ଇରାନର ପ୍ରତିନିଧିମାନେ ଆଲୋଚନା କରି ଏହି କଥାବାର୍ତ୍ତାକୁ ଆଗକୁ ବଢ଼ାଇବା ସକାଶେ ସହମତ ପୋଷଣ କରିଛନ୍ତି। ଏହି ଆଲୋଚନା ବେଳେ ଆମେରିକାର ଏକ ଉଚ୍ଚ ପ୍ରତିନିଧିମଣ୍ଡଳ ଉପସ୍ଥିତ ଥିଲେ ସୁଦ୍ଧା, ଉଭୟ ପକ୍ଷଙ୍କ ମଧ୍ୟରେ ପ୍ରତ୍ୟକ୍ଷ କଥାବାର୍ତ୍ତା ହୋଇନାହିଁ। ସୂଚନା ଅନୁସାରେ, ଇରାନ ତା'ଣ ଆଣବିକ ସମ୍ବର୍ଦ୍ଧନ କାର୍ଯ୍ୟ ବନ୍ଦ ରଖି ରାଜିନାମାକୁ ଫେରିବାକୁ ସଂକେତ ଦେଇଛି। କିନ୍ତୁ ଏଥିପାଇଁ ତେହେରାନ୍ କର୍ତ୍ତୃପକ୍ଷ ସର୍ତ୍ତ ରଖିଛନ୍ତି ଯେ, ପ୍ରଥମେ ଆମେରିକା କଟକଣା ହଟାଉ। ଆମେରିକାର ସର୍ତ୍ତ ଠିକ୍ ବିପରୀତ। ତେଣୁ ପ୍ରଥମେ ବିଲେଇ ବେକରେ ଘଂଟି ବାନ୍ଧିବ କିଏ? ଏକଥା କାହାକୁ ଅଛପା ନାହିଁ ଯେ, ୨୦୧୮ ମସିହାରେ ପ୍ରଥମେ ଆମେରିକା ଏହି ରାଜିନାମାରୁ ଓହରି ଯାଇଥିଲା। ଏହି ରାଜିନାମାକୁ ସବୁଠାରୁ ନିକୃଷ୍ଟ ସହମତ ରାଜିନାମା ବୋଲି ରାଷ୍ଟ୍ରପତି ଟ୍ରମ୍ପ କହିଥିଲେ। ସେତେବେଳେ ଟ୍ରମ୍ପଙ୍କ ଯୁକ୍ତି ଥିଲା ଉଦ୍ଭଟ। ଏବେ ରାଷ୍ଟ୍ରପତି ବାଇଡେନ ପର୍ଯ୍ୟାୟକ୍ରମେ କଟକଣା ହରାଇବାର ସୂଚନା ଦେଇଛନ୍ତି। ଏହା ମଧ୍ୟ ଗ୍ରହଣୀୟ। କିନ୍ତୁ କଟକଣା ଓହରାଇ ନେବା ସକାଶେ ୱାଶିଂଟନ ପ୍ରଥମେ ନିଷ୍ଠା ଦେଖାଇବା ଉଚିତ୍। ତାହାହେଲେ ଇରାନର ଆଣବିକ କେନ୍ଦ୍ରଗୁଡ଼ିକୁ ଅନ୍ତଃରାଷ୍ଟ୍ରୀୟ ନିରୀକ୍ଷକ ଦଳ ଗସ୍ତ କରିପାରିବେ। ଯେହେତୁ ଏହି ରାଜିନାମା ଉପରେ ମଧ୍ୟପ୍ରାଚ୍ୟର ଶାନ୍ତି ଯଥେଷ୍ଟ ମାତ୍ରାରେ ନିର୍ଭରଶୀଳ। ଏହାକୁ ପୁନଃ କାର୍ଯ୍ୟକାରୀ କରିବା ଦିଗରେ ଉଭୟ ପକ୍ଷ ଓ ଅନ୍ୟରାଷ୍ଟ୍ରମାନେ ନିଷ୍ଠା ପ୍ରଦର୍ଶନ କରିବା ଉଚିତ୍। ଏହି ରାଜିନାମା ବାତିଲ ହେବାପରେ ଇରାନ୍ ତା'ର ହେଜବୋଲ୍ଲା, ହାମାସ, ସିଆ ମିଲିସିଆଙ୍କ ଜରିଆରେ ମଧ୍ୟପ୍ରାଚ୍ୟରେ ହିଂସାକାଣ୍ଡ ଘଟାଇ ଚାଲିଛି। ଏବେ ମଧ୍ୟପ୍ରାଚ୍ୟ କ୍ଷେତ୍ର ଅଶାନ୍ତ। ଉପସାଗରୀୟ ଅଂଚଳ ଉତ୍ତେଜନାପ୍ରବଣ ହୋଇପଡ଼ିଛି। ତୈଳ ପରିବହନ ବ୍ୟାହତ ହୋଇଛି। ସିରିଆ ଶାନ୍ତି ଆଲୋଚନା ଭୁଶୁଡ଼ିଛି। ଇରାକ୍ ଓ ଆମେରିକା ମଧ୍ୟରେ ଯଦି ସହମତ ଘଟେ ଓ ଉଭୟ ରାଷ୍ଟ୍ର ପୁଣି ଏହି ରାଜିନାମାକୁ ଗ୍ରହଣ କରନ୍ତି ତାହା ଉଭୟ ପକ୍ଷର ବିଜୟ ହେବ ଓ ସମଗ୍ର ବିଶ୍ୱ ମଧ୍ୟ ଆଶ୍ୱସ୍ତ ହେବ। ଇରାନରେ ଆସନ୍ତା ଜୁନ୍ ମାସରେ ରାଷ୍ଟ୍ରପତି ନିର୍ବାଚନ। ତେଣୁ ରାଜିନାମାକୁ ଲେଉଟିବାର ପ୍ରକୃଷ୍ଟ ସମୟ ଏବେ ଉପସ୍ଥିତ। ଏହାକୁ ହାତଛଡ଼ା କରିବା ଅନୁଚିତ୍। ସେହିଭଳି ରାଷ୍ଟ୍ରପତି ଜୋ ବାଇଡେନ୍ ଇତିମଧ୍ୟରେ ହ୍ୱାଇଟ୍ ହାଉସ୍‌ରେ ନିଜ ସ୍ଥିତିକୁ ସୁଦୃଢ଼ କରିସାରିଛନ୍ତି। ଜଣେ ଉଦାରବାଦୀ ଓ ପ୍ରଗତିଶୀଳ ନେତାରୂପେ ସମସ୍ତେ ତାଙ୍କୁ ବିବେଚନା କରନ୍ତି। ତେଣୁ ଏହି ରାଜିନାମାକୁ ପୁନଃ ପ୍ରତ୍ୟାବର୍ତ୍ତନ ତାଙ୍କ ମର୍ଯ୍ୟାଦାକୁ ପୁଷ୍ଟ କରିବ। ବିଶ୍ୱ ଏବେ ପ୍ରାକୃତିକ ବିପର୍ଯ୍ୟୟକୁ ଏତେ ମାତ୍ରାରେ ସାମ୍ନା କରୁଛି ଯେ, ତାହା ସହିତ ମାନବୀୟ ବିପର୍ଯ୍ୟୟ ଓ ସଂକଟର ମିଶ୍ରଣ ଏହାକୁ ଅଧିକ ଜଟିଳ ଓ ଦୁର୍ବିସହ କରିପକାଇବ। ଏଥିପାଇଁ କେହି ରାଜି ନୁହଁନ୍ତି। ତେଣୁ ଭିଏନା ଆଲୋଚନାର ଅନ୍ୟ ସଦସ୍ୟ ରାଷ୍ଟ୍ରମାନେ ଦୁଇ ମୁଖ୍ୟ ପକ୍ଷଙ୍କୁ ଏକତ୍ରିତ କରି ରାଜି କରାଇବା ଦିଗରେ ବ୍ରତୀହେବା ଆବଶ୍ୟକ।

## କବିତା କୋଣାର୍କ

### ହସ...

**ରାଜେନ୍ଦ୍ର କୁମାର ତ୍ରିପାଠୀ**

ବିଚିତ୍ର ମୟ ଏ ସୃଷ୍ଟି
ଅନେକ ଜୀବଜନ୍ତୁ ଏଠି
ଯିବ ମଧ୍ୟରେ ମକ୍ଷନବ ଶ୍ରେଷ୍ଠ
ତା ମୁଖେ ହସ ଦେଇଛି ସ୍ରଷ୍ଟା
ସୃଷ୍ଟି ନିକଟରେ ସ୍ରଷ୍ଟା କ୍ରିତ ଦାସ
ସ୍ରଷ୍ଟା ଚାହାଁନ୍ତି ସୃଷ୍ଟି ମୁହଁରେ ହସ
ଏହା ଦେଖାଯାଏ ମକ୍ଷନବ ମୁଖରେ
ଅନ୍ୟ କୌଣସି ଯିବ ହସି ନପାରେ
ମିଠା ଲାଗଇ କେତକ ହସ
ଅନ୍ୟ କେତକ ହସ ଲାଗଇ ବିଷ
ମାନବର ହୃଦ ଯେବେ
ଖୁସିରେ ଭରେ
ଖିଲି ଖିଲି ହସ ତାର ମୁଖୁ ବାହାରେ
ଯେବେ ସଫଳତା ପାଏ
କୌଣସି କାମେ
ବିର ହସ ତାର ଫୁଟେ
ସୌଭାଗ୍ୟ କ୍ରମେ
ତାଚ୍ଛଲ୍ୟ ହସ ତାର ଆସେ ବାହାରି
ଯେତେବେଳେ ଦେଖେ
ଦୁର୍ବଳତା କାହାରି
ଅନ୍ୟକୁ ଚାହି ଟାପରକ୍ଷ ସମୟେ
ମୁରୁକି ହସ ତାର ମୁଖେ ଦେଖାଯାଏ
କାହାକୁ ହତୋତ୍ସାହିତ
କରିବା ବେଳେ
ଖଳ ନାୟକ ହସ
ବାହାରେ ସେକାଳେ
ଯେ କାହାରିକୁ ଦୁର୍ବଳ
କରିବା ପାଇଁ ହସେ
ନିର୍ଲଜ ହସ ତାହାର
ମୁଖରୁ ବାହାରି ଆସେ
କୌଣସି କଥାଟିଏ ଯଦି ମନକୁ ପାଏ
ସେଠାରେ ସ୍ମିତ ହସ
ବାହାରି ଆସିଥାଏ
କଥା କହୁ କହୁ ଯେ ହସି ଥାଏ
ମୁରୁଖ ତଳେ ତାକୁ ଗଣା ହୁଏ
ଠୋ ଠୋ ହୋଇ ହସନ୍ତି ଯେଉଁ ଜନ
ଲକ୍ଷ୍ମୀ ତାଠାରୁ ଦୁରେଇ ଯାଆନ୍ତି ଜାଣ
କେତେକ ହସ ଦିଏ ସଂକେତ
ତଦନୁଯାଇ କାମ ହୁଏ ବହୁତ
ହସର ସଂକେତ ଯେହୁ ବୁଝି ନପାରେ
ବିପଦରେ ସେହୁ ପଡ଼ିଥାଇ ସେଠାରେ
କର୍ମଜଞ୍ଜାଳରେ ରହି ପ୍ରକୃତ
ହସ ହସି ନପାରଇ
ସ୍ଥଳ ବିଶେଷରେ ନର କୃତ୍ରିମ
ହସ ହସି ଥାଇ
ହେ ଶ୍ରେଷ୍ଠ ଯିବ ମନଭରି ହସ
କିନ୍ତୁ କାହାକୁ ନକର ନିରାଶ ।
ମକ୍ଷନବ ମନର ଭାଷା ଜଣାପଡେ
ହସ ଯେବେ ତା
ମୁହଁରୁ ବାହାରି ପଡେ ।
ହେ ମନବ କାହାକୁ
ଇଙ୍ଗିତ କରି ନହସ
ତୁଟି ଯିବ ତୁମ ଗର୍ବ
ଅହଂକାର ତଥା ପୌରୁଷ।

+ଲାଠୀ,ଗଞ୍ଜାମ
ଫୋନ:୯୫୮୩୫୦୯୭୫୮



## ବାସନ୍ତୀକ ଦୁର୍ଗାପୂଜା

**ଡକ୍ଟର ଶ୍ରୀହରି ପଣ୍ଡା**

ସୃଷ୍ଟି ଅନ୍ତରାଳରେ ଶିବ ଏବଂ ଶିବାନୀଙ୍କର ଭୂମିକାର ବର୍ଣ୍ଣନା ସିଦ୍ଧାନ୍ତ ଦର୍ଶନ ତତ୍ତ୍ୱରେ ଦେଖିବାକୁ ମିଳେ । ଏହି ତତ୍ତ୍ୱ ଅନୁଯାୟୀ ଅବିନଶ୍ୱର ଦିବ୍ୟ ଚେତନାର ଉତ୍ସ ହେଲେ ପରା-ଶିବ(ଅର୍ଥାତ୍ ପରିପୂର୍ଣ୍ଣ ଶିବ,ତାଙ୍କର ଦର-ପ୍ରକାଶିତ ରୂପକୁ କୁହାଯାଏ ସଦା-ଶିବ)ପରା-ଶିବଙ୍କ ଏକହଜାର ଭାଗରୁ ଭାଗେ ଦ୍ୱାରା ରୂପ ପାଆନ୍ତି ପରା-ଶକ୍ତି । ପରା-ଶକ୍ତିଙ୍କଠାରୁ ରୂପ ପାଆନ୍ତି ଆଦ୍ୟା-ଶକ୍ତି(ବା ଆଦି-ଶକ୍ତି)। ଆଦ୍ୟା-ଶକ୍ତିଙ୍କ ଠାରୁ ରୂପ ପାଆନ୍ତି ଇଚ୍ଛା-ଶକ୍ତି । ଇଚ୍ଛା-ଶକ୍ତିଙ୍କ ଠାରୁ ଜନ୍ମ ନିଅନ୍ତି ଜ୍ଞାନ-ଶକ୍ତି । ଜ୍ଞାନ-ଶକ୍ତିଙ୍କ ଠାରୁ ଜନ୍ମ ନିଅନ୍ତି କ୍ରିୟା-ଶକ୍ତି । ଏହି ପାଞ୍ଚ ଶକ୍ତି (ପରା- ଶକ୍ତି, ଆଦ୍ୟା-ଶକ୍ତି, ଇଚ୍ଛା-ଶକ୍ତି, ଜ୍ଞାନ-ଶକ୍ତି ଓ କ୍ରିୟା-ଶକ୍ତି) ସଦା-ଶିବଙ୍କର ପାଞ୍ଚଗୋଟି ବିଭବ ଯଥା: ଇଶାହ, ତତ୍‌ପୁରୁଷ, ଅଘୋର, ବାମଦେବ, ସଦ୍ୟୋଜାତ ପଞ୍ଚମନ୍ତ୍ର ଓ ପଞ୍ଚକୃତ୍ୟ ସହିତ ସମ୍ପୃକ୍ତ । ପଞ୍ଚ-ମନ୍ତ୍ର ଓ ପଞ୍ଚ-କୃତ୍ୟ ଆଧିପତ୍ୟ ବିସ୍ତାର କରନ୍ତି ପଞ୍ଚ-ଭୂତ (ଅର୍ଥାତ୍ କ୍ଷିତି, ଅପ୍, ତେଜୋଃ, ମରୁତ୍, ବ୍ୟୋମ ବା ମାଟି, ପାଣି, ଆଲୋକ, ପବନ ଓ ଇଥର) । ସୃଷ୍ଟିର ରହସ୍ୟ ଭଳି ରହସ୍ୟମୟ ଶିବ-ଶକ୍ତି ତତ୍ତ୍ୱ । ତତ୍ତ୍ୱ ଯେତେ ଗୁଢ ଓ ଅବୋଧ ହୋଇଥିଲେ ବି ଶକ୍ତି ଉପାସନା ହିନ୍ଦୁ ସମାଜରେ ସର୍ବଜନ ବିଦିତ ଓ ଆଦୃତ । ହିନ୍ଦୁ ଧର୍ମରେ ପୂଜିତା ଦେବୀମାନେ କେଉଁଠି ଦୁର୍ଗା, କାଳୀ, ଚଣ୍ଡୀ ଆଦିରୂପରେ ଉପାସିତ ହେଉଛନ୍ତି । ମନୁଷ୍ୟ ନିଜର ଐହିକ କଲ୍ୟାଣ,ବୈଷୟିକ ସୁଖ ପାଇଁ ଆଦ୍ୟାଶକ୍ତିଙ୍କ ଆରାଧନା କରିଥାଏ । ସୃଷ୍ଟି ତିଷ୍ଠି ରହିଛି ଶକ୍ତିଙ୍କ ପାଇଁ । ସୃଷ୍ଟିର ମଙ୍ଗଳ ନିମନ୍ତେ ଶକ୍ତି ବିଭିନ୍ନ ରୂପନେଇ ପୂଜା ପାଉଛନ୍ତି । ତନ୍ମଧ୍ୟରୁ ମାଦୁର୍ଗାଙ୍କର ନିତ୍ୟନୈମିତ୍ତିକଭାବେ ପୂଜା ପ୍ରତ୍ୟହ ସମ୍ପନ୍ନ ହେଉଥିଲେ ସୁଦ୍ଧା ସାର୍ବଜନୀନ ଭାବେ ବର୍ଷକ ମଧ୍ୟରେ ଶାରଦୀୟ ଏବଂ ବାସନ୍ତୀକଭାବେ ୨ଥର ଅଭିନନ୍ଦନୀୟ ଅଟେ । 'ନବରାତ୍ର ଦ୍ୱୟଂ ଚୈବବ୍ରତଂ ପ୍ରୀତିକରମମ୍' । ବାସନ୍ତୀକ ଦୁର୍ଗୋତ୍ସବରେ ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦାଠାରୁ ନବରାତ୍ର ଉପାସନା ଆରମ୍ଭ ହୁଏ । ଏହା ସାଧାରଣତଃ ପୀଠମାନଙ୍କରେ ହେଉଥିବାବେଳେ ମୃଣ୍ମୟୀ ପ୍ରତିମୂର୍ତ୍ତି ପୂଜା ଶୁକ୍ଳ ୭ମୀ, ୮ମୀ, ୯ମୀ ଓ ୧୦ମୀ ଦଶହରା ଏହିପରି ଚାରିଦିନ ଅନୁଷ୍ଠିତ ହୋଇଥାଏ ।



ଦୁର୍ଗା ଶକ୍ତିରୂପିଣୀ ଅଟନ୍ତି । ଏଣୁ ଶକ୍ତି ଦ୍ୱାରା ବିଜୟଲାଭ ହିଁ ଏକ ପ୍ରକୃଷ୍ଟମାର୍ଗ ହୋଇଥିବାରୁ ଶକ୍ତି ବା ସାମର୍ଥ୍ୟ ଆହରଣ ନିମନ୍ତେ ଦୁର୍ଗପୂଜା କରାଯାଇଥାଏ । 'ଶକ୍ୟତେ ଜେତୁଂ ଅନୟା ଇତି ଶକ୍ତି ।' ହିନ୍ଦୁଧର୍ମରେ ଶକ୍ତିଙ୍କର ମହିମା ବହୁ ଭାବରେ ବର୍ଣ୍ଣିତ । ଲକ୍ଷ୍ମୀ, ରାଧା, ସୀତା, ସତୀ, ପାର୍ବତୀ, ସିଦ୍ଧି, ରିଦ୍ଧି, ସାବିତ୍ରୀ, ଗାୟତ୍ରୀ ଆଦିଦେବୀ ମହାଶକ୍ତି ସମ୍ପନ୍ନା ଅଟନ୍ତି । ଶକ୍ତି ଉପାସନାର ସ୍ରୋତ ନୂତନ ପ୍ରସ୍ତର ଯୁଗରୁ ଆରମ୍ଭ ହୋଇ ବୈଦିକ, ଉପନିଷଦୀୟ, ଜୈନ, ବୌଦ୍ଧ, ପୌରାଣିକ ଯୁଗ ମଧ୍ୟଦେଇ ଆଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରବାହିତ । ଏହି ଯୁଗରେ ଶାଳୀନମାନଙ୍କ ଦ୍ୱାରା ଦୁର୍ଗଭାବେ ବ୍ୟବହୃତ ସୁରକ୍ଷାଶକ୍ତି ସମ୍ପନ୍ନ ଅସ୍ତ୍ରଶସ୍ତ୍ର ଉପାସନା ପ୍ରାଥମିକ ଦୁର୍ଗାପୂଜା ବା ଶକ୍ତିପୂଜାର ସୂଚନା ଦେଇଥାଏ । ବୈଦିକଯୁଗରେ ୪୦ରୁ ଉର୍ଦ୍ଧ୍ୱଦେବୀଙ୍କର ଉପାସନାର ସୂଚନା ମିଳୁଥିବା ବେଳେ ଆଦ୍ୟାଶକ୍ତିଙ୍କର ବିଶିଷ୍ଟ ମହିମା ଋକବେଦର ଦେବୀସୂକ୍ତରୁ ମିଳିଥାଏ । ସେହିପରି ଉପନିଷଦରେ କାଳୀ ଅଗ୍ନିଦେବଙ୍କ ସପ୍ତଜିହ୍ୱାମଧ୍ୟରେ ଏକତମ ଅଟନ୍ତି । ବେଦ ଉପନିଷଦ କାଳୀନ ଶକ୍ତି ଉପାସନାର ବିକଶିତ ପରମ୍ପରା ପୁରାଣ ତଥା ଜୈନ,ବୌଦ୍ଧଧର୍ମରେ ଉନ୍ମେଷିତ ହୋଇଥିଲା । ଅଷ୍ଟାଦଶ ପୁରାଣ ଶକ୍ତିମହିମାରେ ଶତମୁଖ ହୋଇଉଠିଛି । ଜୈନମାନଙ୍କର ଲକ୍ଷ୍ମୀ,ସରସ୍ୱତୀ ଏବଂ ଶାସନଦେବୀମାନେ ଅନ୍ତର୍ଭୁକ୍ତ ଥିବାବେଳେ ବୌଦ୍ଧମାନଙ୍କ ତାରା, ମାରିଚୀ, ଅପରାଜିତା, ଜାଙ୍ଗଲୀ ଆଦି ତାନ୍ତ୍ରିକଦେବୀ ପ୍ରସିଦ୍ଧା ଅଟନ୍ତି । ପୁରାଣମାନଙ୍କରେ ମହାକାଳୀ, ମହାସରସ୍ୱତୀ, ମହାଲକ୍ଷ୍ମୀଙ୍କପରି ନବଦୁର୍ଗା, ସପ୍ତମାତୃକା, ଅଷ୍ଟାଦଶ ମାତୃଗଣା, ୬୪ ଯୋଗିନୀ ପ୍ରମୁଖ ଶାକ୍ତପରମ୍ପରାର ବିଭୂତି ସ୍ୱରୂପା ଅଟନ୍ତି ।

ଦେବୀ ଦୁର୍ଗା ଦୁର୍ଗତନାଶିନୀ, ଦୁଷ୍ଟବିନାଶିନୀ, ମଙ୍ଗଳମୟୀ ଓ ମାତୃରୂପା ଅଟନ୍ତି । ଏହିସବୁ କଲ୍ୟାଣକାରୀ ଉପଯୋଗକୁ ମାନବସମାଜ କୃତଜ୍ଞତା ଜଣାଇବାରୁ ଦୁର୍ଗାପୂଜା ପ୍ରସିଦ୍ଧି ଲଭିଛି । ମହାଭାରତର ବର୍ଣ୍ଣନାନୁସାରେ 'ଦସ୍ୟୁର୍ଭିର୍ବା ନିରୁଦ୍ଧାନାଂ ତ୍ୱଂଗତିଃ ପରମାନୃଣାମ୍' ଅର୍ଥାତ୍ ଦସ୍ୟୁମାନଙ୍କ ଦ୍ୱାରା ପଣବନ୍ଦୀଥିଲେ,ସମୁଦ୍ରରେ ବୁଡ଼ିଯାଉଥିବା ବେଳେ କାନ୍ତାର ମଧ୍ୟରେ ପଥପାଉନଥିବାବେଳେ ଦୁର୍ଗାଦେବୀ ହିଁ ସହାୟ ହେଉଥିଲେ । "ଦୁର୍ଗୋଦୈତ୍ୟେ ମହାବିଘ୍ନେ ଭବବନ୍ଧେ କୁକର୍ମଣି" ଅର୍ଥାତ୍ ଭବବନ୍ଧନ, ମହାବିଘ୍ନ, ଶୋକ, ଦୁଃଖ, ଯମଦଣ୍ଡ, ମହାଭୟ, ଅତିରୋଗ ଭଳି ବିପଦରୁ ଦେବୀଦୁର୍ଗା ଉଦ୍ଧାର କରନ୍ତି । ଦୁର୍ଗମ ନାମକ ରାକ୍ଷସକୁ ବଧକରି ଦେବୀ ଦୁର୍ଗା ନାମରେ ପ୍ରସିଦ୍ଧା ହେଲେ । ଯାହାଙ୍କଠାରୁ ଆଉ କେହି ଶ୍ରେଷ୍ଠ ନାହାନ୍ତି ସେହି ଦୁର୍ଗା । 'ଯସ୍ୟା ପରତରଂ ନାସ୍ତି ସୈଷା ଦୁର୍ଗାପ୍ରକର୍ତ୍ତିତା' । ଶବ୍ଦ କଳ୍ପତରୁ ଗ୍ରନ୍ଥରେ ଦୁର୍ଗାଙ୍କର ତାତ୍ତ୍ୱିକ ବିଶ୍ଳେଷଣ ଏହିପରି -ଦ-ଦୈତନାଶକ, ଉକାର-ବିଘ୍ନନାଶକ,ଗ-ପାପନାଶକ, ରେଫ-ରୋଗନାଶକ,ଆ-ଭୟ ଓ ଶତ୍ରୁନାଶକ ଅଟନ୍ତି । ତେଣୁ ଦେବୀ ଦୁର୍ଗାଙ୍କୁ ନିତ୍ୟ ସ୍ମରଣ କରିବା ଉଚିତ, ଯେପରି ସୂର୍ଯ୍ୟ ଭୟରେ ଅନ୍ଧକାର ଦୂରୀଭୂତ ହୋଇଥା । "ପ୍ରଭାତେଯଃ ସ୍ମରେନିତ୍ୟଂ ଦୁର୍ଗା ଦୁର୍ଗାକ୍ଷର ଦ୍ୱୟମ୍,ଆପଦସ୍ତସ୍ୟ ନିଶ୍ୟନ୍ତି ତମଃ ସୂର୍ଯ୍ୟୋଦୟେ ଯଥା ।" ଦେବୀ ଭାଗବତର ବର୍ଣ୍ଣନାନୁସାରେ ପ୍ରଭୁ ଶ୍ରୀରାମ ରାବଣ ନିଧନଲାଗି ବାସନ୍ତୀକଦୁର୍ଗା ଉପାସନା କରିଥିଲେ । 'ବସନ୍ତେ ସେବନ କାର୍ଯ୍ୟ ତ୍ୱୟା ତତ୍ରାତି ଶ୍ରଦ୍ଧୟା,ହତ୍ୱାର୍ଥ ରାବଣଂ ପାପଂ କୁରୁରାଜ୍ୟଂ ଯଥା ସୁଖମ୍ ।'(୩/୩୦/୫୭) ଏହି ପୂଜା ସମସ୍ତେ କରିପାରିବେ । ପୂଜାର ମୁଖ୍ୟ ହେଉଛି ଘଟସ୍ଥାପନ, ଦୀପଦାନ, କୁମାରୀ ପୂଜନ, ଉପବାସ ଓ ବ୍ରତ ବିସର୍ଜନ । ଘଟ କିମ୍ବା ମୃଣ୍ମୟୀ ବିଗ୍ରହ ଉପାସନାର ବିଧାନ ନିହିତ । ଘଟସ୍ଥାପନ ପରେ ଦୀପଦାନମନ୍ତ୍ର ଯଥା- 'ଭୋ ଦୀପ ବ୍ରହ୍ମ ସ୍ୱରୂପସ୍ତ୍ୱଂ ହ୍ୟନ୍ଧକାର ନିବାରକ, ଇମାଂମୟାକୃତାଂ ପୂଜାଂ ଗୃହ୍ଣତେଜଃ ପ୍ରବର୍ଦ୍ଧୟ ।' ଆହୂତିଆଦି ଷୋଡ଼ଶ ଉପଚାରରେ ପୂଜା ପ୍ରତ୍ୟହ କର୍ତ୍ତବ୍ୟ । କୁମାରୀପୂଜା ଉକ୍ତବ୍ରତର ପ୍ରଧାନ ଅଙ୍ଗ,ଏଣୁ କୁମାରୀମାନଙ୍କୁ ଦେବୀ ରୂପରେ ପୂଜା କରାଯାଏ । ନବରାତ୍ର ସମାପନ ପରେ ଦଶହରା ପର୍ବପାଳନ କରାଯାଇ ଦୁର୍ଗାପୂଜା ସମ୍ପନ୍ନ ହୋଇଥାଏ । ଯେଉଁ ଆଦ୍ୟାଶକ୍ତିଙ୍କୁ ଆରାଧନା କରି ବ୍ରହ୍ମା ସୃଷ୍ଟିନିର୍ମାଣ କରିଛନ୍ତି,ବିଷ୍ଣୁ ପାଳନ କରୁଛନ୍ତି, ମହେଶ୍ୱର ସଂହାର କରନ୍ତି ତଥା ଯୋଗୀଜନ ତତ୍ତ୍ୱାର୍ଥଦର୍ଶୀ ଅଭିଜ୍ଞମାନେ ଯାହାକୁ ମୂଳପ୍ରକୃତି ରୂପେ ବନ୍ଦନା କରୁଛନ୍ତି,ସେହି ବିଶ୍ୱଜନନୀଙ୍କୁ ନମସ୍କାର ।

॥ ଜୟ ଜଗନ୍ନାଥ ॥

+ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮

## ସଂକ୍ଷିପ୍ତ ରାମାୟଣ

**ଶଙ୍କର ଚରଣ ରାଉତ**

ଭାଗ -୧୨

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା । ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍‌କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।



(ଯେଉଁଠାରେ ମାରୀଚ ରାବଣର ନିର୍ଦ୍ଦେଶରେ ସ୍ୱର୍ଣ୍ଣମୃଗ ବେଶ ଧାରଣ କରିଥିଲା।) ତାପରେ ପଥ ମଧ୍ୟରେ ଋଷି ଗୌତମଙ୍କ ସ୍ତ୍ରୀ ଅଭିଶାପରେ ପଥର ମୂର୍ତ୍ତି ହୋଇଯାଇଥିବା ଅହଲ୍ୟାଙ୍କ ଶରୀରରେ ପଦ ଦେଇ ତାଙ୍କୁ ମାନବ ରୂପରେ ଜଣେ ସ୍ତ୍ରୀ ଭାବରେ ଜୀବିତ କରାଇ ଦେବାରୁ ସେ ସ୍ୱର୍ଗକୁ ଚାଲିଗଲେ। ଋଷି ଗୌତମ ଆସି ଶ୍ରୀରାମଙ୍କୁ ଆଶୀର୍ବାଦ କଲେ। ତାପରେ ସେମାନେ ଯାଇ ଗଙ୍ଗା ନଦୀ କୂଳରେ ପହଞ୍ଚିଲେ ଏବଂ ନାଉରୀ ନଦୀ ଆର ପାରିରେ ଥିବାରୁ ସେ ତାକୁ ଡାକିଲେ ମାତ୍ର ସେ ଶୁଣିଲା ନାହିଁ।

ଶ୍ରୀରାମ କହିଲେ -
ବଧିର ହେଲୁ କି ବୀର
ବୋଇଲା ସେହି ଧୀବର
ପଥରେ ପାଦ ତୋ ବାଜି
ନାୟିକା ହେଲା,
ବାଲି ପଡି ତୋ ଚରଣୁ-
ଆଶଙ୍କା ଉପୁଜେ ଏଣୁ
ନଉକା ନାୟିକା ହେଲେ
ବୁଡିବ ଭେଳା।
ବୃତ୍ତି ଏ ମୋର ପୋଷେ
କୁଟୁମ୍ବ
ବସାଇ ନଦେବି ନାବେ
ନ ଧୋଇ ପାଦ।
ବଢାଇ ଦେଲେ ପୟର-
ଭାବଗ୍ରାହୀ ରଘୁବୀର
ପୟର କ୍ଷାଳୀତ କରି
ବସନେ ପୋଛି
ବ୍ରହ୍ମାରେ ଧୌତ ଯେ
ପଦ ନ ପାଇ ଶିବ ବିଷାଦ
ବିଜ୍ଞାନୀ କୈବର୍ତ୍ତ ଧୋଇଲା -
ବିଶ୍ୱେ ପତିତପାବନ ନାମ ରହିଲା।
ବିଶ୍ୱମିତ୍ରଙ୍କୁ ଶ୍ରୀରାମ-ପଚାରିଲେ
ଗଙ୍ଗାନାମ ଭଗୀରଥି ନାମ କିମ୍ପା ହେଲା
ଗୋସାଇଁ ବିଷ୍ଣୁ ନଖ କୋଣେ ଏ ଥିଲା
ବାମନାବତାରେ ଭଗୀରଥ ଆଣିଲା।
ବିଧି ପୂର୍ବ କରି ଋଷି-ସମସ୍ତ ଚରିତ
ଭାଷୀ ନଉକା ତ୍ୱରିତ ଯାଇ ଲାଗେ
କୂଳର ॥

ତା'ପରେ ସେମାନେ ନଦୀ କୂଳେ ଯାଇ ମିଥିଳାରେ ପ୍ରବେଶ କଲେ। ସେଠି ଜନକ ରାଜାଙ୍କ ରାଜପୁରରେ ସମସ୍ତେ ବିଶ୍ୱାମିତ୍ରଙ୍କୁ ଚିହ୍ନିଥିଲେ ମଧ୍ୟ ଏହି ଦୁଇ ଭାଇଙ୍କୁ କେହି ଚିହ୍ନି ନ ଥିଲେ। ସେମାନେ ଯେପରି ସୁନ୍ଦର ଥିଲେ ସେହିପରି ଧର୍ନୁବାଣ କାନ୍ଧରେ ପକାଇ ଧିରେ ଧିରେ ଚାଲିଥିଲେ। ବିଶ୍ୱାମିତ୍ରାଙ୍କଠାରୁ ସେମାନେ ଏହି ଦୁଇ ଭାଇଙ୍କ ପରିଚୟ ଜାଣି ସେମାନଙ୍କୁ ସମ୍ବର୍ଦ୍ଧିତ କଲେ ଏବଂ ବିଶ୍ୱାମିତ୍ରଙ୍କ ପାଇଁ ଗୋଟେ ଗୃହ ରହିବା ପାଇଁ ବନ୍ଦୋବସ୍ତ କଲେ। ରାମ ଓ ଲକ୍ଷ୍ମଣ ଦୁଇ ଭାଇଙ୍କ ପାଇଁ ଅନ୍ୟ ଗୃହର ବନ୍ଦୋବସ୍ତ କଲେ। ବିଶ୍ୱାମିତ୍ରଙ୍କ ପାଦତଳେ ଦୁଇ ଭାଇଯାଇ ବସି ପାଦସେବା କଲେ। ଗୁରୁ କହିଲେ ହେ ରାମ! ତୁମକୁ ସୁଶୀଳା ନାରୀ ଲାଭ ହେଉ, ପରଦିନ ପ୍ରଭାତରୁ ଫୁଲ ତୁଳସୀ ସଂଗ୍ରହ ପାଇଁ ରାମ ଲକ୍ଷ୍ମଣଙ୍କୁ ବଗିଚାକୁ ପଠାଇଲେ। ସେହି ବଗିଚାରେ ପାର୍ବତୀଙ୍କ ମନ୍ଦିର ଥିଲା। ସୀତା ପାର୍ବତୀଙ୍କ ପୂଜା ପାଇଁ ସେଠାରେ ଆସିଥିଲେ। ସେ ସେଠାରେ ଶ୍ରୀରାମଙ୍କ ଦର୍ଶନ ଲାଭ କଲେ। ରାମ ସୀତାକୁ ଦେଖିବାକୁ ପାଇଲେ। ଏହି ଦିବ୍ୟ ଦର୍ଶନରେ ଉଭୟେ ପରମ ଆନନ୍ଦ ଲାଭ କଲେ। (କ୍ରମଶଃ)

+ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର

## ନକ୍ସଲ ମାନଙ୍କ ଉପଦ୍ରବ

**ଶ୍ରୀକୃଷ୍ଣ ସାମଲ**

ଏକ ଗଣତନ୍ତ୍ର ରାଷ୍ଟ୍ରରେ ଆଉ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ କରିବାର ପ୍ରୟାସ କୌଣସି ବି ସ୍ଥିତିରେ ସମ୍ଭବପର ନୁହେଁ । ଏହା ଆଶା କରିବା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅମୂଳକ । ହୁଏତ ଗଣତନ୍ତ୍ର ଶାସନର ଲୋକପ୍ରତିନିଧିମାନେ ଦୁର୍ନୀତିଗ୍ରସ୍ତ ଓ ଏକଛାତ୍ରବାଦୀ ହୋଇଗଲେ ତାଙ୍କୁ ଅପସାରଣ କରାଯାଇ ନୂଆ ସାଧୁ ସଚ୍ଚୋଟ ଲୋକପ୍ରତିନିଧିମାନଙ୍କୁ ଶାସନ ଭାର ଅର୍ପଣ କରିବା ପାଇଁ ଆମ ସମ୍ବିଧାନରେ ବିଧି ବ୍ୟବସ୍ଥା ଅଛି । ଏଥିପାଇଁ ଆମକୁ ପାଞ୍ଚବର୍ଷ ଅପେକ୍ଷା କରିବାକୁ ପଡିବ ନଚେତ୍ ଆଉ ଏକ ନିର୍ବାଚନକୁ ଅପେକ୍ଷା କରିବାକୁ ପଡିବ । ତାହା କରା ନ ଯାଇ ଏକ ଗଣତନ୍ତ୍ର ରାଷ୍ଟ୍ରରେ ମଣିଷ ମାରିବା, ପୋଲ, ବନ୍ଧ, ଟାୱାର, ଯାନ ବାହାନ ଉଡାଇ ଦେବା, ବ୍ୟାଙ୍କ ଲୁଣ୍ଠନ, ସରକାରୀ ଅଫିସ୍ ପୋଡାଜ୍ୱଳା କରିବା ଯାବତୀୟ ଧ୍ୱଂସାତ୍ମକ ପନ୍ଥାର ଆଶ୍ରୟ ନେବା ଆଦୌ ସ୍ମରଣୀୟ ନୁହେଁ, ଯାହା ନକ୍ସଲପନ୍ଥୀମାନେ କରୁଛନ୍ତି । ହୁଏତ ପୁଣିଥରେ ଦୁର୍ନୀତିଗ୍ରସ୍ତ ଲୋକ ପ୍ରତିନିଧିମାନେ ଶାସନ କ୍ଷମତାକୁ ନ ଆସିବାକୁ ପ୍ରବଳ ଜନମତ ସୃଷ୍ଟି କରି ଲୋକମାନଙ୍କୁ ଏକଜୁଟ କରି ସାଧୁ ଓ ସଚ୍ଚୋଟ ଲୋକମାନଙ୍କୁ ଶାସନ କ୍ଷମତାକୁ ଆଣିବା ପାଇଁ ରୀତିମତ ପ୍ରୟାସ କରି ଜୀବନକୁ ବାଜି ଲଗାଇବାକୁ ପଡିବ । ଏହା କରା ନ ଯାଇ ଧ୍ୱଂସାତ୍ମକ ଦିଗକୁ ଲ ପ୍ରଦାନ କରିବା ଦ୍ୱାରା ନକ୍ସଲ ମାନଙ୍କ ପ୍ରତି ଦେଶବାସୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି । ଏହା ବିଦେଶୀ ଶତ୍ରୁମାନଙ୍କ ଷଡଯନ୍ତ୍ର ନୁହେଁ ତ ! ସୀମା, ଆକାଶ ପଥ ଓ ଜଳପଥ ପରେ ଦେଶ ଅଭ୍ୟନ୍ତରରେ ଏପରି ଅଭାବନୀୟ ପରିସ୍ଥିତି ଭିଆଇବା ପଛରେ ତାଙ୍କର ହାତ ନାହିଁ ତ ? ଯାହା ହେଉ ସେକଥା ସମୟ କହିବ । ଦିନ ଥିଲା ଗୋଟିଏ ଜାତି ଓ ଦେଶ ଅନ୍ୟ ଏକ ଦୁର୍ବଳ ଦେଶ ଓ ଜାତିକୁ ନିଜ କବ୍‌ଜାକୁ ନେଇ ରୀତିମତ ଶୋଷଣ ଓ ଲୁଣ୍ଠନ କରି ଚାଲିଥିଲା । ଏଥିପାଇଁ ବିପ୍ଳବୀ ନେତାମାନେ ହିଂସାର ଆଶ୍ରୟ ନେଉଥିଲେ । ବିକ୍ଷୋଭ ପ୍ରଦର୍ଶନ କରୁଥିଲେ । ପ୍ରତିବଦଳରେ ଅନେକ ନୀରିହ ଜନତା ପ୍ରାଣ ବଳି ଦେଉଥିଲେ । ଏହା ଆମ ଭାରତବର୍ଷରେ ବି ଘଟିଛି । ସେତେବେଳେ ବି ଭାରତୀୟମାନେ ହିଂସାକୁ ପ୍ରଶ୍ରୟ ଦେଉ ନଥିଲେ । କାରଣ ସେତେବେଳର ବିପ୍ଳବୀ ନେତାଙ୍କ ପ୍ରତି ଭାରତୀୟ ମାନଙ୍କର ସମର୍ଥନ ଥିଲେ ମଧ୍ୟ ସେମାନଙ୍କୁ ସହଯୋଗ କରୁ ନଥିଲେ । ଫଳରେ ଗାନ୍ଧିଜୀ ଅହିଂସା ବଳରେ ଭାରତକୁ ସ୍ୱାଧୀନତା ଆଣିଥିଲେ । ହେଲେ ଏବେ ସେକଥା ନାହିଁ । ପୃଥିବୀ ଶାନ୍ତିରେ ନିଃଶ୍ୱାସ ମାରୁଛି । ଏଣୁ ଏବେ ଶାନ୍ତି ବଦଳରେ ଅସ୍ତ୍ର ଧରିଲେ ହୁଏତ ପୁଣି ବଦଳିଯିବ ବିଶ୍ୱ । ପୂର୍ବ ଅବସ୍ଥାକୁ ଫେରି ଆସିବ ।

+ଶ୍ରୀକୃଷ୍ଣ ନିବାସ
କରଂଜିଆ, ମୟୂରଭଂଜ
ମୋ-୯୪୩୭୩୨୦୬୭୯

## କବିତା କୋଣାର୍କ

### ଶବ୍ଦ ତରଙ୍ଗ ...

**ସୁଦର୍ଶନ ମହାପାତ୍ର**



ସମୁଦ୍ର ବୁକୁର ଶୋକ ସଙ୍ଗୀତରେ
କାରୁଣ୍ୟର କୋଳାହଳ
ବିରହୀ ପ୍ରେମୀର ଉଜୁଡା ବିଶ୍ୱାସେ
ଅପହଞ୍ଚ ଥଳକୂଳ ।

ଚକୋର ମନରେ ପ୍ରତୀକ୍ଷା ଉପାନ୍ତେ
ସୁଶୋଭିତ ସ୍ୱପ୍ନ ତୁଟେ
ଉଜାଣି କୋହରେ ବେଳାଭୂମି ପରେ
ଅହରହ ମଥା ପିଟେ ।

ତୃଷାର୍ତ୍ତ ଛାତିର ଶୋଷ ସ୍ୱାକ୍ଷରରେ
ଶେଷହୀନ ଅବଶୋଷ
ଚାତକ ଆଶାର ଚପଳ ଚକ୍ଷୁରେ
ମୃଗତୃଷ୍ଣା ମୃଦୁହସ ।

ନଶ୍ୱର ଆତ୍ମାର ପରମାତ୍ମା ସାଥେ
ଅନ୍ତଃସ୍ୱରେ ଏକାକାର
ଛଳ ଛଳ ସେହି ଛାୟା ସଙ୍ଗୀତର
ଛନ୍ଦମୟ ଭାବଧାର ।

ରଙ୍ଗୋଲି ଛିଟାର ରଙ୍ଗ ମଉଛବେ
ସଜବାଜ ଶାମୁକାର
ଶୁଦ୍ଧ ଶୂନ୍ୟତାର ନିର୍ମୋକ ଭିତରେ
ମୁକୁତାର ଅଭିସାର ।

ରୂପ ଲାବଣ୍ୟର ରୂପକାର ସତେ
ରାକା ରଜନୀରେ ଭିଜେ
ଅସୀମ ଅନନ୍ତ ସୁନୀଳ ବାହୁରେ
ପ୍ରୀତି ପୁଲକରେ ହଜେ ।

ଜାଗରିତ ଏହି ଜୀବନ ଯାତ୍ରାରେ
ଅସୀମ ଆନନ୍ଦ ଭରେ
ଶବ୍ଦ ତରଙ୍ଗରେ ଲେଖିଯାଏ କେତେ
କବିତା ଅମିତ୍ରାକ୍ଷରେ ।

+କୁଞ୍ଜବିହାରୀ ଲେନ,କଟକ

### ଲୁଚିଛି ଜହ୍ନ...

**ସୁବ୍ରତ କୁମାର ଜେନା**

ଏଇ ଏବେ ଏବେ ଲୁଚିଛି ଜହ୍ନ ,
ଦୂର ପାହାଡର ଉହାଡରେ,
ଆକାଶ ବକ୍ଷରେ ମେଘର ଘର,
ଅନବରତ ରିମ ଝିମ ସ୍ୱର,
ଭାସି ଯାଏ ଖଣ୍ଡ ଖଣ୍ଡ ସ୍ମୃତି,
ତୋତେ ଆଉ ମୋତେ
ନେଇ କମଳ ଦେଶକୁ ।

ଭ୍ରମ ସୃଷ୍ଟି ହୁଏ ମାନସ ପଟ୍ଟରେ,
ନେତ୍ର ହୁଏ ଭ୍ରମିତ
ଖରା ଛାଇ ଖେଳରେ,
ହେଇ ଅଛି ହେଇ ନାହିଁ,
ପାଇବାକୁ ବ୍ୟାକୁଳ ମନ,
ଶାନ୍ତି ନାହିଁ ବ୍ୟସ୍ତ ବକୁଳ ବନ,
ଯେଝା ବ୍ୟସ୍ତ ଯେଝା ହିସାବରେ,
କିଏ ମାଗେ ଜହ୍ନ ରାତି,
କରିବାକୁ ଚୋରା ପୀରତି,
କିଏ ପୁଣି ମନାଶେ ଅମାବାସ୍ୟାକୁ ।

ବୁଝିହେଲାନି ଏ ଅଜଣା ମେଘକୁ,
ଭାସି ବୁଲୁଥିଲା କେଉଁ ଦୂର ସହରେ,
ଅଚାନକ ଆସିଗଲା
ବିନା ନିମନ୍ତ୍ରଣରେ,
ଚାହୁଁଥିଲା ଜଣାଇବାକୁ
ସ୍ଥିତିକୁ ନିଜର ଛୁଆଁରେ,
କେତେ ସହଜରେ
ଭିଜାଇବାକୁ ସଭିଙ୍କୁ ,
ସବୁକିଛିକୁ ଅଟକାଇବାକୁ
କ୍ଷଣକ ଲାଗି,
ମନୁଆ ରାଇଜର
ମନୁଆ ରାଜା ହୋଇ ।

ଜହ୍ନ ଲୁଚିଛି ଦୂରରୁ
ଭିଜୁଥିବା ଗଛ କୋରଡରେ,
ଏଣେ ନୀଳ କଇଁ
ଖୋଜିବୁଲେ ଠିକଣା ତାର ,
ବିଚରା କାଠହଣା ଚଢେଇ !
ଏମିତି ବି ହୁଏ କେବେ କେବେ,
ଖାଇବା ମୁହଁରୁ ଫେରି ଆସେ ଖାଦ୍ୟ,
ମୃତ୍ୟୁକୁ ମିଳେ ମୁହଁତୋଡ ଜବାବ,
ସତୀ ଅନୁଶୟା ପାଖରୁ କାହାଣୀରେ,
ଜହ୍ନକୁ ବି ଝୁରିବାକୁ
ହୁଏ ନୀଳ କଇଁକୁ
କେବେ ପ୍ରେମକୁ ପାଇ
କେବେ ପ୍ରେମ ପାଇଁ ।

+ସୁରଡ଼ିହ,ନନ୍ଦିପୁର,ଯାଜପୁର
ଦୂରଭାଷ - ୮୨୪୯୨୨୦୮୩୦

## ● ଧାରାବାହିକ ଆତ୍ମଜୀବନୀ ●

ଭାଗ-୧୨

# ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

ରମାକାନ୍ତ ବେହେରା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମୋର ଏ ଦୁଇଟି ବହି ରଚନା ମୂଳରେ ଥିବା ଅନ୍ତର୍ବେଦନା ପ୍ରସଙ୍ଗରେ ଏତେ କଥା ଆଲୋଚନା କଲି । କାହାକୁ ନିନ୍ଦା କରିବା ପାଇଁ ନୁହେଁ, ମୋର ନିଜ ଅଭିଜ୍ଞତା ହିଁ ପ୍ରକାଶ କଲି ରାଷ୍ଟ୍ରୀୟ ସଚେତନତା ପାଇଁ, ରାଷ୍ଟ୍ରୀୟ ହିତ ପାଇଁ ।

କିନ୍ତୁ ବ୍ୟତିକ୍ରମ ବି ଅନେକ ଅଛି । ସେଇମାନେ ହିଁ ଯୁଗେ ଯୁଗେ ନମସ୍ୟ । ବହୁ ବିଦ୍ୱାନ ମନୀଷୀ ନିଜେ ବ୍ରାହ୍ମଣ ହୋଇବି ଜନ୍ମପାଇଁ କାହାକୁ ନୀଚ ଘୃଣ୍ୟଭାବିବାର ଚେତନାର ଉର୍ଦ୍ଧ୍ୱରେ ରହିଛନ୍ତି । ମୋର 'ବିଶ୍ୱ ଭାଷା ସଂସ୍କୃତ : ଏକ ବିସ୍ମୟ' ପୁସ୍ତକର ଭୂୟସୀ ପ୍ରଶଂସା କରି 'ସରସ୍ୱତୀଙ୍କ ବରପୁତ୍ର' ଲେଖିଥିବା କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ, ବିଶ୍ୱହିନ୍ଦୁ ପରିଷଦର ମୂର୍ଦ୍ଧନ୍ୟ ସଂଗଠକ ଗଣ ଏବଂ ଅନ୍ୟ ଅନେକ ବ୍ରାହ୍ମଣ ବିଦ୍ୱାନ ମୋତେ ଆଜୀବନ ଆଶୀର୍ବାଦ ଦେଇଛନ୍ତି ତା ନୁହେଁ ବହୁ ବନବାସୀଙ୍କ ସେବା ମଧ କରି ଆସୁଛନ୍ତି । ସ୍ୱର୍ଗତ ସ୍ୱାମୀ ଲକ୍ଷଣାନନ୍ଦ ସରସ୍ୱତୀଙ୍କ ସେବା ଅତୁଳନୀୟ । ବହୁ ବ୍ରାହ୍ମଣ ବିଦ୍ୱାନ ଜାତିଭେଦ ଘୃଣା ବିଦ୍ୱେଷ ଧାରଣାର ଉର୍ଦ୍ଧ୍ୱରେ ଉଦାର ମାନବତାବାଦରେ ବିଶ୍ୱାସୀ, ମୋର ଜଣେ ସହୃଦ ହିତୈଷୀ ଅଧାପକ ଗୌରୀ କୁମାର ରଥ ମୋ ସହ ଭୋଗରାଇ ସୁନାଧରବସାଣ ହରିଜନଙ୍କ ମହୋତ୍ସବରେ ସେମାନଙ୍କ ସହ ଭୋଜନ କରିଛନ୍ତି । ଜନ୍ମରେ ବ୍ରାହ୍ମଣ ଅଗଣିତ ସାଧୁସନ୍ଥ ମହାପୁରୁଷ ଏହି ମହାଚେତନାହିଁ ପ୍ରଚାର ପ୍ରସାର କରି ଆସିଛନ୍ତି । ଏଇମାନେ ହିଁ ଯଥାର୍ଥରେ ଆର୍ଯ୍ୟରଷି ପରମ୍ପରାର ଯଥାର୍ଥ ରକ୍ତଧାରୀ, ସେମାନେ ଅଧିକାଂଶ ଆମ ଆଧ୍ୟାତ୍ମିକ ବିଶ୍ୱଚେତନାର ଉଦ୍‌ଗାତା ଓ ସଂରକ୍ଷକ,ମାତ୍ର ସେମାନଙ୍କ ଜୀବନବ୍ୟାପୀ ସାଧନାର ପୁଣ୍ୟ ଏ ମହାଜାତିର ଯେତିକି ଗୌରବର କାରଣ ହୋଇଛି ସେଇ ବଂଶୋଦ୍ଭବ ଅନେକ ହୀନମନ୍ୟ ସଂକୀର୍ଣ୍ଣ ଚେତା ଜନ୍ମ ଭିତ୍ତିକ ଉତ୍ତୁଙ୍ଗ ପ୍ରାଚୀର ସୃଷ୍ଟି ନିଜକୁ ମହାମାନ୍ୟ ଭାବି ସ୍ୱକଳ୍ପିତ ଏକ ଅନ୍ଧକୂପରେ ନିମଜ୍ଜିତ ରହି ରାଷ୍ଟ୍ରୀୟ ଦୁର୍ଭାଗ୍ୟର କାରଣ ହୋଇ ଆସିଛନ୍ତି । ସତ୍ୟବାଦୀର ସାରସ୍ୱତ ସାଧକ ପ୍ରାୟ ସମସ୍ତେ ବ୍ରାହ୍ମଣ- ସେମାନେ ଜୀବନ ବ୍ୟାପୀ ସାଧନାରେ ଜାତିଭେଦ ବିଲୋପପାଇଁ ଐତିହାସିକ ଦୃଷ୍ଟାନ୍ତ ରଖିଛନ୍ତି, ମାତ୍ର ଜାତିର ଦୁର୍ଭାଗ୍ୟ, ଗାନ୍ଧି ଗୋପବନ୍ଧୁଙ୍କ ଆଦର୍ଶକୁ ପଦଦଳିତ କରି ଅନେକ ଭେଦାଭାବର ଲୌହ ପ୍ରାଚୀର ମଧ୍ୟରେ ବନ୍ଦୀହୋଇ ରହିବାକୁ ଗୌରବବୋଧ କରନ୍ତି । କହିବା ବାହୁଲ୍ୟ ଶୀତ କାଳିଆ ସଜନା ଗଛର ସାଲୁବାଲୁ ସଁବାଳୁଆ ଭଳି ସେମାନଙ୍କ ସଂଖ୍ୟା କ୍ରମ ବର୍ଦ୍ଧମାନ ।

ଗଳ୍ପ ରଚନା ମଧ ମୋର ସାରସ୍ୱତ ସାଧନାର ସ୍ମରଣୀୟ କୃତି । ପୂର୍ବରୁ ଲେଖିଛି ବହୁଗଳ୍ପ ଝଡ଼ବର୍ଷାରେ ବିନିଷ୍ଟ ହୋଇଥିଲା, ଏକାଧିକ ସଂକଳନ ହୋଇ ପାରିଥାନ୍ତା । ମାତ୍ର ସେ ସୌଭାଗ୍ୟ ମୋର ନଥିଲା, ପ୍ରାକୃତିକ ବିପଦ ସେଥିରୁ ବଞ୍ଚିତ କଲା ଏ ଜୀବନ ପାଇଁ । ତଥାପି କିଛି ପ୍ରକାଶିତ ଏବଂ ପରବର୍ତ୍ତୀ ସମୟରେ ଲିଖିତ ବାଇଶଟି ଗଳ୍ପ ଏବଂ 'ସପ୍ତର୍ଷି ସପ୍ତ ସଙ୍କେତ' ନାମରେ ସାତଟି ବ୍ୟଞ୍ଜନା ଧର୍ମୀ ମିନିଗଳ୍ପରେ ଏକ ସଂକଳନ 'ଅଶାନ୍ତ ଯୌବନ' ନାମରେ ପ୍ରକାଶ କଲି ୨୦୦୮ରେ ।

ଶୀର୍ଷକ ନାମରେ ଥିବା ଗଳ୍ପଟି ବିପ୍ଳବାତ୍ମକ । ସ୍ୱାଧୀନତା ପାଇଁ ଦିନେ ବହୁ ଯୁବକ ହସି ହସି ଫାଶୀ ମଞ୍ଚରେ ଝୁଲିଥିଲେ , କିନ୍ତୁ ସ୍ୱାଧୀନତା ପରେ ତତ୍‌କାଳୀନ ଶାସକ ଦଳର ଦୁର୍ନୀତି, ରକ୍ତ ଶୋଷା ଜୀବନ ଯନ୍ତ୍ରଣାରେ ଅତିଷ୍ଠ ହୋଇ କିଛି ଯୁବକ ଶାସକ ଦଳ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କଲେ । ତତ୍‌କାଳୀନ ସମୟର ସେଇ ରକ୍ତଝରା ପୃଷ୍ଠଭୂମି ଉପରେ ଗଳ୍ପଟି ଆଧାରିତ, ସେଥିରେ ସଂକଳିତ ଅଧିକାଂଶ ଗଳ୍ପ ସେତେବେଳର ସମ୍ଭ୍ରାନ୍ତ ପତ୍ରିକା ଝଙ୍କାରରେ ପ୍ରକାଶିତ, ଅବଶ୍ୟ ଡ. ମହତାବ ଏଇ ମର୍ମରେ ଏକ ସ୍ମରଣୀୟ ଗଳ୍ପ 'ହୃଦର ଷଡ଼ଯନ୍ତ୍ର' ଲେଖିଥିଲେ । କିନ୍ତୁ ତାଙ୍କ ପୂର୍ବରୁ 'ଅଶାନ୍ତ ଯୌବନ' ଗଳ୍ପଟି ଲେଖିଥିଲି ।

ସଂକଳନରେ ଦୁଇଟି ବ୍ୟଙ୍ଗ ଗଳ୍ପ ରହିଛି । ଏକ ପତ୍ର ଗଳ୍ପ 'ସାୟାହ୍ନର ସ୍ୱରଲିପି' ରହିଛି- ଭାବ ଓ ଭାଷା ଦୃଷ୍ଟିରୁ ବହୁ ସୁଧୀ ପାଠକ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି । ସେହିଭଳି ମେଘେଢ଼ଙ୍କା ତାରା The star behind the clouds ନାମରେ ପ୍ରକାଶ ପାଇ ଉଚ୍ଚ ପ୍ରଶଂସିତ ହୋଇଛି । ଅନ୍ୟ ଗଳ୍ପ ମୋ ଲେଖନୀର ଶ୍ରେଷ୍ଠ ଆଲେଖ୍ୟ । ପ୍ରେମ ପ୍ରଣୟର ସୁଧାସ୍ନିଗ୍ଧ ଆଲେଖ୍ୟ କେତୋଟି ଗଳ୍ପରେ ରହିଛି । ଗଳ୍ପ ଗୁଡ଼ିକର କାହାଣୀ, ଭାଷା, ଭାବ ନେଇ ମୋର ନିଜର କିଛି ମନ୍ତବ୍ୟ ଦେବା ଠିକ୍ ନୁହେଁ । ବିଶ୍ୱବିଖ୍ୟାତ ଗାଳ୍ପିକ ମନୋଜ ଦାସଙ୍କୁ ଡାକରେ ଗୋଟିଏ ବହି ଉପହାର ପଠାଇଥିଲି, କିଛି ଦିନପରେ ଫୋନ୍‌ରେ ତାଙ୍କର ଏକ ଉଚ୍ଛ୍ୱସିତ ମନ୍ତବ୍ୟ ଶୁଣିଲି- 'ରମାକାନ୍ତ ବାବୁ, ମୁଁ ଆପଣଙ୍କ ପ୍ରେରିତ ବହିଟିର ପ୍ରଥମ ଗଳ୍ପଟି ପଢ଼ି କହୁଛି- ଆପଣ ଯଦି ଦୁର୍ଭାଗ୍ୟର ଶିକାର ହୋଇ ଆବାଲ୍ୟ ଯନ୍ତ୍ରଣା ଜର୍ଜରିତ ହୋଇ ନଥାନ୍ତେ, ମୋ ଭଳି ଅନୁକୂଳ ପରିସ୍ଥିତିରେ ନିରବଚ୍ଛିନ୍ନ ଗଳ୍ପ ରଚନାରେ ମଗ୍ନ ରହିଥାନ୍ତେ ତେବେ ଆମ ସାହିତ୍ୟ ଆଉ ଜଣେ ମନୋଜ ଦାସଙ୍କୁ ପାଇଥାନ୍ତା ।'

ଓଡ଼ିଆ ସହ ଇଂରାଜୀ ଗଳ୍ପ ଲେଖାନେଇ ପୂର୍ବରୁ ଆଲୋଚନା କରିଛି । ତେଣୁ ଅଧିକ ଲେଖୁନାହିଁ ।

ପରବର୍ତ୍ତୀ ଜୀବନରେ ଗବେଷଣା ଓ ସର୍ଜନାତ୍ମକ ପ୍ରବନ୍ଧ ରଚନାରେ ମଗ୍ନ ରହି ମଧୁର ସ୍ୱପ୍ନ ସାଧନାର କାବ୍ୟ, ଗଳ୍ପ, ଉପନ୍ୟାସ ଜଗତରୁ କ୍ରମେ ଦୂରେଇ ଗଲି ଯଦିଇଓ ମଧ୍ୟେ ମଧ୍ୟେ ସେ କଳାତ୍ମକ ବୈଭବ ଆତ୍ମମଗ୍ନ ରହେଁ ।

ଜୀବନର ଦେଖିନଥିବା ଜଣେ ଅପରିଚିତ ଉତ୍ତୀର୍ଣ୍ଣ ବୟସର ସାରସ୍ୱତ ସାଧକ ଉତ୍ତରକୁଳ ହାଟ, ପୀତିପୁର, ଯାଜପୁରର ପଣ୍ଡିତ ଆର୍ତ୍ତତ୍ରାଣ ଆଚାର୍ଯ୍ୟ ସଂସ୍କୃତି ଭିତ୍ତିକ ପତ୍ରିକା 'ଋତମ୍ଭରା' ର ସଂପାଦକ ଥିଲେ । ମୋ ଲେଖାମାନ ବିଭିନ୍ନ ପତ୍ରିକାରୁ ପଢ଼ି ସ୍ୱତଃ ଋତମ୍ଭରାର ପ୍ରତିଟି ସଂଖ୍ୟା ମୋ ପାଇଁ ଉପହାର ରୂପେ ପଠାଉଥିଲେ । ସେ ଏକ ପତ୍ରରେ ମୋତେ ଅନୁରୋଧ କଲେ 'ଭାରତୀୟ ସଂସ୍କୃତି' ଉପରେ ଏକ ନାତିଦୀର୍ଘ ପ୍ରବନ୍ଧ ଲେଖି ପଠାଇବା ପାଇଁ ।

ଏହା ଉପରେ ଦେଶ ବିଦେଶର ବହୁବିଦ୍ୱାନ ବହୁ ଗ୍ରନ୍ଥ ଲେଖିଥିଲେ ମଧ ସଂସ୍କୃତି ଉପରେ କଲମ ଚଳାଇବା ସହଜ ହେଲା ନାହିଁ, ଏ ନେଇ ଅଧ୍ୟୟନ ଅନୁଧାନ ଅନୁଚିନ୍ତନ ଯଥେଷ୍ଟ କରିବାକୁ ହେଲା । ଲେଖୁଲେଖୁ ପ୍ରାୟ ଦୁଇଶହ ପୃଷ୍ଠାରୁ ବଳିଗଲା । ଆମ ମହାନ ସଂସ୍କୃତିର ଏହା ଏକ ସାର ସଂକ୍ଷେପ, 'ବିନ୍ଦୁରେ ସିନ୍ଧୁ ଦର୍ଶନ' କରୁ କରୁ ମୁଁ ଯେପରି ବିଶ୍ୱଦର୍ଶନ କଲି । ଆମ ସଂସ୍କୃତିହିଁ ବିଶ୍ୱ ସଭ୍ୟତାର ଆଦ୍ୟ ଆଲୋକ । ସହସ୍ର ଉତ୍‌ଥାନ ପତନ, ବିଦେଶୀ ଆକ୍ରମଣ ଲୁଣ୍ଠନ ଧ୍ୱଂସ ସାଧନ ସତ୍ତ୍ୱେ ଆମ ସଂସ୍‌କୃତିର ଅବିଚ୍ଛନ୍ନ ଧାରା କିପରି ବିଶ୍ୱ ମନୀଷୀଙ୍କ ଦୃଷ୍ଟିରେ ବିଶ୍ୱର ଆଦ୍ୟ ବିସ୍ମୟ ଏବଂ ବିଶ୍ୱଜୀବନୀ ଶକ୍ତିର ଚିରନ୍ତନ ଧାରା ବା ସଞ୍ଜୀବନୀ ସୁଧା ବହୁ ଗବେଷଣା ପରେ ତାହାହିଁ ପ୍ରତିପାଦନ କଲି । ଜ୍ଞାନପିପାସୁ ଛାତ୍ରଛାତ୍ରୀ ସୁଧୀ ପାଠକଙ୍କ ମନରେ ଦେଶାତ୍ମବୋଧର ବିଶ୍ୱଚେତନା ଉଦ୍ଦୀପିତ କରିବା ପାଇଁ ପ୍ରୟାସ କଲି । ଏହାର କିଛି ଅଧ୍ୟାୟ ଭଦ୍ରକରୁ ପ୍ରକାଶିତ 'ବିଶେଷ ଖବର' ଧାରାବାହିକ ଭାବେ ପ୍ରକାଶ ପାଇଥିଲା ।

'ଆମ ସଂସ୍କୃତି : କିଛି ବୈଚାରିକ ବିଶ୍ଳେଷଣ' ନାମରେ ଏକ ପୁସ୍ତକ ରୂପେ ଏହା ପ୍ରଥମେ ୨୦୦୭ରେ ଭୁବନେଶ୍ୱର ଡ୍ରିମସ୍ ପବ୍ଲିକେଶନ ଦ୍ୱାରା ପ୍ରକାଶ ପାଇଥିଲା । ସାହିତ୍ୟ ସଂସ୍କୃତି ପ୍ରେମୀ ତତ୍‌କାଳୀନ ଜିଲ୍ଲାପାଳ ଅଲେଖ ଚନ୍ଦ୍ର ପଢ଼ିଆରୀଙ୍କ ଦ୍ୱାରା ତାହା ବାଲେଶ୍ୱରରେ ଉନ୍ମୋଚିତ ହୋଇଥିଲା । ଦ୍ୱିତୀୟ ପରିବର୍ଦ୍ଧିତ ସଂସ୍କରଣ ବାଲେଶ୍ୱର 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଦ୍ୱାରା ୨୦୧୪ରେ ପ୍ରକାଶ ପାଇଲା ।

ଦୁଃଖର କଥା ଯାହାଙ୍କ ପ୍ରେରଣାରେ ଏହା ରଚିତ ତାଙ୍କୁ ଉପହାର ଦେବାପୂର୍ବରୁ ସେ ସ୍ୱର୍ଗରେ ।

କିନ୍ତୁ ସେଇ ପ୍ରଜ୍ଞାବାନ ସଂସ୍କୃତି ପ୍ରେମୀଙ୍କ ଅନୁରୋଧ ହିଁ ମୋତେ ବିଶ୍ୱ ଦଶନରଗୌରବ ଦେଲା । ଭାରତୀୟ ସଂସ୍କୃତି ହିଁ ବିଶ୍ୱ ସଂସ୍କୃତିର ପ୍ରତି ଧ୍ୱନିତ ହୋଇଥିଲା, ଚେତନାର ଆଲୋକ ବିଶ୍ୱ ବିଚ୍ଛୁରିତ ହୋଇଥିଲା । କିଛିମାସ ନୁହେଁ ବେଶ୍ କିଛିବର୍ଷ ମୋତେ ଅତୀତର ଐତିହ୍ୟ ମଧ୍ୟରେ ଆତ୍ମମୁଗ୍ଧ ହେବାକୁ ହେଲା । ମୋ ପାରିବାରିକ ଏବଂ ଚାକିରୀ ଜୀବନର ଯନ୍ତ୍ରଣା ସତ୍ତ୍ୱେବ । କିନ୍ତୁ ସେସବୁ ଯନ୍ତ୍ରଣା ଏ ସବୁ ଦିବ୍ୟାନବୁଭବଠାରୁ ତୁଚ୍ଛ ମନେହେଲା । ମୁଁ ପରମ ଗୌରବ ଲାଭ କଲି ଅନ୍ତଃ କରଣରେ ।

ସମଗ୍ର ବିଶ୍ୱ ଯେତେବେଳେ ଅଜ୍ଞାନ କାଳିମାରେକ ଆଚ୍ଛନ , ଭାରତର ଆର୍ଯ୍ୟ ଜ୍ଞାନ ବିଜ୍ଞାନ ସଂସ୍କୃତି ଶୀର୍ଷତ୍ୱ ଲାଭ କରିଥିଲା । ସଂସ୍କୃତି କେବଳ ଜ୍ଞାନ ଚର୍ଚ୍ଚାରେ ନୁହେଁ, ଧନ ଐଶ୍ୱର୍ଯ୍ୟରେ ଏ ଭୂମିକୁ ପୃଥିବୀର ସୁନାର ଦେଶ ବା 'ସୋନେକି ଡିଆ' ରୂପେ ଖ୍ୟାତି ଦେଇଥିଲା । ପରବର୍ତ୍ତୀ ଦସ୍ୟୁ ଲୁଟେରା ଜାତି ଭାରତକୁ ବାରମ୍ବାର ଆକ୍ରମଣ ଲୁଣ୍ଠନ କଲା କେବଳ ଏଇଧନ ଐଶ୍ୱର୍ଯ୍ୟର ଲୋଭରେ ଏବଂ କ୍ରମେ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର ଆକୁମାରୀ ହିମ୍ବାଳ ଛାଇଗଲା ।

ଭାରତ ଯେପରି ନୃଶଂସ ଆକ୍ରମଣ ଲୁଣ୍ଠନର ସମ୍ମୁଖୀନ ହୋଇଛି, ଏଠି ଯେମିତି ରକ୍ତନଦୀ ବହିଛି, ପରବର୍ତ୍ତୀ କାଳରେ ଗ୍ରୀକ୍ ରୋମାନ୍ ମସପଟାସିଆ ସେ ଦୁର୍ଭାଗ୍ୟ ଭୋଗିନଥିଲେ । ଯେହେତୁ ସେସବୁ ଭୋଗବାଦୀ ସଂସ୍କୃତି ତେଣୁ ତାହା ଏବେ ସଂପୂର୍ଣ୍ଣ ବିଲୁପ୍ତ, ମାତ୍ର ଭାରତୀୟ ସଂସ୍କୃତି ଯେହେତୁ ଅଧାତ୍ମ ଜୀବନ ଦର୍ଶନ ଉପରେ ଆଧାରିତ, ଯାହା ଚିରନ୍ତନ, ତାରକି କେତେ ବିନାଶ ହୋଇପାରେ ? ତେଣୁ ବୈଦିକ, ଉପନିଷଦ, ରାମାୟଣ ମହାଭାରତ ଯୁଗର ହଜାର ହଜାର ବର୍ଷର ସମସ୍ତ ସଂଘାତ ସହି ଆଜିବି ଅକ୍ଷତ ଅବିନାଶୀ ଐଶ୍ୱର୍ଯ୍ୟ ନେଇ ବିଶ୍ୱ ବିଦ୍ୱାନଙ୍କୁ ବିସ୍ମୟାଭୂତ କରୁଛି ।

କିନ୍ତୁ ସମସ୍ତେ ଉଦାର ନୁହନ୍ତି କି ଜ୍ଞାନର ପୂଜାରୀ ନୁହନ୍ତି । ଅନେକ ବିଦେଶୀ ଶାସିତ ପରାଧୀନ ଜାତିର ସାଂସ୍କୃତିକ ଐଶ୍ୱର୍ଯ୍ୟ ଉପରେ କଳଙ୍କ ବୋଳିଛନ୍ତି, ଅର୍ବାଚୀନ ବୋଲି ଷ୍ଟାମ୍ପ ଦେଇଛନ୍ତି, ଇଂଲଣ୍ଡର ଏକ ସ୍କୁଲ ଲାଇବ୍ରେରୀର ଗୋଟିଏ ଥାକର ବହି ଠାରୁ ଏ ଜାତିର ମୂଳ ସଂସ୍କୃତି ତଥା ବେଦ ଉପନିଷଦ ଆଦି ସାହିତ୍ୟ ତୁଳନୀୟ ନୁହେଁ । ଏ ଅପବାଦ ଯେ ଦେଇଥିଲେ ସେ ବି ମୁକ୍ତ କଣ୍ଠରେ ଭାରତୀୟ ସନାତନ ସଂସ୍କୃତିର ପ୍ରଶଂସା କରିଥିଲେ- ଏଠାରେ ଭାରତ ନିନ୍ଦୁକ ସେଇ ଲର୍ଡ଼ମାକଲେଙ୍କ ବାକ୍ୟଟିଏ ସ୍ମରଣ କରୁଛି "Many centuries before Christ when the people of England were still wearing raw skins on their painted bodies and roaming wildly in the deep forest even in the remote antiquity InDia have attaied a high degree of civillisation Lord Macaulay"

ତଥାପି ଭାରତୀୟ ସଂସ୍କୃତିକ କ୍ଷୁର୍ଣ୍ଣ କରିବାରେ ସେ ଥିଲେ ମୁଖ୍ୟ ନାୟକ । ତା ସତ୍ତ୍ୱେ ବହୁ ପାଶ୍ଚାତ୍ୟ ଜ୍ଞାନ ପିପାସୁ ସାଧକ ଭାବରେ ସଂସ୍କୃତିର ଭୂୟସୀ ପ୍ରଶଂସା ସହ ବିଶ୍ୱ ବ୍ୟାପ୍ତିରେ ସହାୟକ ଥିଲେ । ସୂର୍ଯ୍ୟାଲୋକ ପୃଥିବୀକୁ ଆଲୋକିତ କରେମାତ୍ର ବେଳେ ବେଳେ ମେଘ କୁଝଟ୍‌ଟିର କାଳିମା କିଛି କାଳ ପାଇଁ ସୂର୍ଯ୍ୟଙ୍କୁ ଢ଼ାଙ୍କି ରଖେ । ଠିକ୍ ସେହିପରି ବିଦେଶୀ ବିଦ୍ୱେଷୀ ମାନେ ବିଧ୍ୱଂସୀ ଷଡ଼ଯନ୍ତ୍ର କଲେ । ଆମ ସଂସ୍କୃତି ପରମ୍ପରାକୁ ଉଚ୍ଛେଦ କରି ଇଂରାଜୀ ଶିକ୍ଷା ପ୍ରଚଳନ କଲେ । ଫଳରେ ବହୁ ତଥା କଥିତ ଇଂରେଜୀ ଶିକ୍ଷିତ ସ୍ଖଳିତ ଚରିତ୍ର ସ୍ୱଦେଶୀ ସଂସ୍କୃତିକୁ ନିମ୍ନ ଦୃଷ୍ଟିରେ ଦେଖିଲେ । ହେୟ ଜ୍ଞାନ କଲେ । ଇଂରେଜଙ୍କ ପାଦଚଟା ଭାରତୀୟଙ୍କ ମଗଜରେ ଇଠରେଜଙ୍କ ମତକୁ ଅଭ୍ରାନ୍ତ ସତ୍ୟ ମଣିଲେ । ଏ ନେଇ ଏକ ବ୍ୟଙ୍ଗ ସଂସ୍କୃତ ଶ୍ଳୋକ ଏଠାରେ ସ୍ମରଣ କରୁଛି ।

(କ୍ରମଶଃ)

+ସାଧନାଳୟ, ବିକାଶନଗର,
ବାଲେଶ୍ୱର, ମୋ: ୯୪୩୭୭୫୪୭୯୬

## ● ଆଜିର ଗଳ୍ପ ●

# ଏତଲା

ଭାସ୍କର ଚନ୍ଦ୍ର ବିଶ୍ୱାଳ
ଖରିଦ୍ ମୁଖୁରା, ଗୋବିନ୍ଦପୁର, ରେମୁଣା, ବାଲେଶ୍ୱର-୭୫୬୦୧୯
ଫୋ: ୦୬୭୮୨-୨୭୫୭୦୭
ମୋ: ୮୧୭୮୨୫୬୪୦୦

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏହିପରି ଭାବନା ରାଜ୍ୟରେ ବୁଡ଼ି ରହିଥିବା ବେଳେ ମନ୍ଦିରରେ ପଶିଥିବା ଲୋକଟି ମନ୍ଦିରରୁ ବାହାରି ବସା ଆଡ଼େ ଚାଲିଲେ । ଗୋପାଳବାବୁ ନିଶ୍ଚିତ ହେଲେ ଯେ- ଏଇ ହେଉଛନ୍ତି ଥାନାବାବୁ । ଘରେ ଠାକୁର ପୂଜା ସାରି ନିଶ୍ଚୟ ଶୀଘ୍ର ଆସିବେ । ଅଫିସ୍ ଯିବା ପାଇଁ ଛାନିଆ ହେଉଥିଲେ ବି ଟିକିଏ ଅଟକି ଗଲେ । ଏଣେ ଛାନିଆ ଲାଗୁଛି । ଅଫିସ୍ ଯିବାକୁ ହେବ । ଛୁଟି ଦରଖାସ୍ତ ଦେଇ ନାହାନ୍ତି । ୧୧ଟା ବାଜି ଗଲାଣି । କଣ କରିବେ । ବ୍ୟସ୍ତରେ ଏପାଖ ସେପାଖ ହେଉଥିବା ବେଳେ ବଡ଼ବାବୁ ଆସି ସିଟ୍‌ରେ ବସିଲେ । ପ୍ରଥମେ ବଡ଼ ପାଟିରେ ଚିତ୍କାର କଲେ- କିବେ ଧଡ଼ିଆ ! ତୁ କଣ ଏତେବେଳ ଯାଏଁ ବସିଛୁ । ସେ ବିଶୁଆଟା ଆସିନାହିଁ କି ?

-ନାଇଁ ଆଜ୍ଞା ! ତାର ଦେଖା ନାହିଁ । ସେଥିପାଇଁ ଓପାସ ଭୋକରେ ବସିଛି । କାଲିଠାରୁ ଶୀଘ୍ର ଆସିବା ପାଇଁ ବିଶୁଆକୁ କହିବେ ଆଜ୍ଞା ।

-ସେଇଟା ଘୋଡ଼ା ମଦୁଆଟା । କେଉଁଠି ରାସ୍ତାକଡ଼ରେ ଗଡୁଥିବ, ତାକୁ କହିବି କଣ ! ହଉ, ତୁ ଯା ଚାହା ଜଳଖିଆ ଧରି ଆସିବୁ ।

-ଆଜ୍ଞା ଜଣେ ବାବୁ ବହୁତ ବେଳୁ ଆସି ବସିଛନ୍ତି । ତାଙ୍କ କଥା କଣ ସେ ଆପଣଙ୍କୁ କହିବେ ।

-ହଉ, ଡାକ ତାଙ୍କୁ ।

ଗୋପାଳବାବୁଙ୍କ ମନଟା ଖୁସି ହେଇଗଲା । ତାଙ୍କ ଦେଇଥିବା ୨୦ ଟଙ୍କାଟି ଠିକ୍ କାମରେ ଲାଗିଛି । ଖୁସି ମନରେ ସାହସ ବାନ୍ଧି ଅଫିସ୍ ଭିତରକୁ ପଶିଲେ ଗୋପାଳ ବାବୁ । କେବେ ଥାନାରେ ଆସି ନାହାନ୍ତି ତ ! ଗୋଡ଼ ଥରୁଥାଏ । ଏହି ସମୟରେ ଜମାଦାର ବାବୁ, ହାବିଲଦାର ଓ ଅନ୍ୟ ଦୁଇଜଣ କନେଷ୍ଟବଳ ପଶି ଆସିଲେ । ଥାନାବାବୁଙ୍କ ଉଚ୍ଚସ୍ୱର



ଶୁଣାଗଲା- ଯା, ଚାହା ଜଳଖିଆ ନେଇ ଆ । ଏ ବାବୁ ସକାଳୁ ଆସିଲେଣି ପରା । ସମସ୍ତଙ୍କ ପାଇଁ ଆଣିବୁ । ଖାଇ ସାରିଲେ ବାବୁ କଣ କହୁଛନ୍ତି ବୁଝିବା । କାଲାଠାରୁ କାଲୁଣି ବୁଝିଲା । ଗୋପାଳବାବୁଙ୍କୁ ବାରଣ୍ଡାକୁ ଡାକି ନେଇ କହିଲା ଦେଖିଲେ ତଃ ଆପଣଙ୍କୁ ଦେଖି ବାବୁ କିଛି ନ ଖାଇ ଘରୁ ଚାଲି ଆସିଲେ । ଭାରି ଦୟାଳୁ ଲୋକ । ପଇସା ଦିଅନ୍ତୁ- ଜଳଖିଆ ଆଣି ଖାଇ ସାରିବା ପରେ ଆପଣଙ୍କ ସବୁ କଥା ବୁଝି ଦେବେ । ଗୋପାଳ ବାବୁଙ୍କର ଆଉ ଟିକିଏ ଭରସା ହେଲା । ସେ କହିଲେ- ତମେ ଜଳଖିଆ ଆଣ, ଯାହା ପଇସା ହବ ମୁଁ ଦେଇଦେବି ।

କନେଷ୍ଟବଳ ତ ଏଇଆ ଚାହୁଁଥିଲା । କିଛି ସମୟ ଭିତରେ ପ୍ଲେଟ୍ ଭରା ଜଳଖିଆ ସଜ ହେଇଗଲା । ଗୋପାଳବାବୁଙ୍କୁ ବି ଗୋଟେ ପ୍ଲେଟ୍ ଜଳଖିଆ ମିଳିଲା । ସମସ୍ତେ ଖିଆପିଆ ସରିବା ପରେ ଥାନାବାବୁ କହିଲେ- କଣ ତୁମ କଥା କୁହ । ଗୋପାଳବାବୁ ସବୁ କଥା କହିଲେ । ବଡ଼ବାବୁ କିଛି ଲେଖା ଆଣିଛ । ଘରୁ ଲେଖି ଆଣିଥିବା କାଗଜଟି ବଢ଼ାଇଦେଲେ ଗୋପାଳବାବୁ । ଆଖି ବୁଲେଇ ନେଇ ଥାନା ବାବୁ କହିଲେ- ଏଇଟା ଛୁଆଙ୍କ ରଚନା ଲେଖିବା ଭଳି ହୋଇଛି । ଏଥିରେ କଡ଼ା ଦଫା ଲଗାଇ କିଛି ହୋଇପାରିବ ନାହିଁ । ଯଦି କିଛି କରିବାକୁ ଚାହନ୍ତି, ତେବେ କୌଣସି ଓକିଲଙ୍କଠାରୁ ଲେଖି ଆଣି ମୋତେ କାଲି ୫ଟା ସୁଦ୍ଧା ଦେଇଯିବେ । କଣ କରିବେ କିଛି ବୁଝି ନପାରି ବାଧ ଛାତ୍ରଟିଏ ଭଳି କାଗଜ ଖଣ୍ଡିକ ଧରି ବାହାରକୁ ଆସିଲେ ଗୋପାଳବାବୁ । ବାହାରେ ଛିଡ଼ା ହେଇଛି ଧଡ଼ିଆ । ହଠାତ୍ କହିଲା- ଜଳଖିଆ ବାବଦ ୩୦୦ଟଙ୍କା ଦିଅନ୍ତୁ । କିଛି କହିବାର ଉପାୟ ନଥିଲା । ଅଗତ୍ୟା ୩୦୦ ଟଙ୍କା ବଢ଼ାଇ ଦେଇ ରାସ୍ତାକୁ ଆସିଲେ ଗୋପାଳବାବୁ । କଣ କରିବେ । ଦିନ ଗୋଟାଏ ବାଜିଲାଣି । ଅଫିସ୍‌ରେ ଛୁଟି ଦରଖାସ୍ତ ଦିଆହେଇନି । ବିନା ଦରଖାସ୍ତରେ ରହିଗଲେ କାଲି ବଡ଼ବାବୁ କଣ ନାଇଁ କଣ କରିବେ । ବାଧ ହୋଇ ଅଗାଧୁଆ ଅଖିଆ ଅଫିସ୍ ଯାଇ ଘରେ ଅସୁବିଧା ଅଛି ବୋଲି ମିଛ କହି ଦରଖାସ୍ତ ଦେଇ ଘରକୁ ୪ଟାରେ ଫେରିଲେ ଗୋପାଳବାବୁ ।

ଏତେ ଡେରିରେର ଫେରିଥିବାରୁ କାମଟା ଠିକ୍ ହୋଇଛି ବୋଲି ଭାବିନେଲେ ସୁନନ୍ଦା ଦେବୀ । ସ୍ୱାମୀଙ୍କ ଗାଧୁଆ ଖିଆ ସରିବା ପରେ ପଚାରିଲେ- କଣ କାମ ସବୁ ହେଇଗଲା ତ ! ଦିନଯାକର ଘଟଣା କହିଗଲେ ଗୋପାଳବାବୁ । ଘରଣୀଙ୍କର ଏକା ଜିଦ୍, ଯାହା ଖର୍ଚ୍ଚ ହେଉ ପଛକେ ଭଲ ଓକିଲଠାରୁ ଚିଠା କରି ଥାନାରେ ଦେବାକୁ ହେବ । ତା ପରଦିନ ଅଫିସ୍ ଯାଇ ଜଣେ ଚିହ୍ନା ଓକିଲଙ୍କୁ ଶହେ ଟଙ୍କା ଦେଇ ଗୋଟିଏ ଦରଖାସ୍ତ ଲେଖାଇଲେ । ଗୋପାଳ ବାବୁ । ତା ପର କାମ ହେଲା ଅଫିସ୍‌ରୁ ଶୀଘ୍ର ଯାଇ ଥାନାରେ ଦରଖାସ୍ତଟି ଦେବାକୁ ହେବ । ଦେଖିଲେ ବଡ଼ବାବୁଙ୍କ ମିଜାଜ ଠିକ୍ ଅଛି । ଦୁଇକପ୍ ଚାହା ମଗାଇ କହିଲେ- ବଡ଼ବାବୁ, କପେ ଚାହା ପିଅନ୍ତୁ । ବଡ଼ବାବୁ ତ ପୁରୁଣା ମୂଷା । ଜାଣିନେଲେ ଆଜି ଗୋପାଳବାବୁଙ୍କର କିଛି ଗୋଟାଏ କାମ ଅଛି । ଯେଉଁ ଦିନ କାମ ଥାଏ, ସେ ଏମିତି ଚାହା ଯାଚନ୍ତି । ଟିକିଏ ହସି ଦେଇ କହିଲେ- ମୁଁ ଜାଣିଲିଣି ଗୋପାଳ ବାବୁ ! ଆଜି ତୁମର କିଛି ଗୋଟାଏ କାମ ଅଛି । ଚାହା ପିଆଲା ମୁହଁରେ ଦେଇ କହିଲେ- ହଉ କୁହ, କଣ ହେଇଛି ? ଏପରି ସୁଯୋଗକୁ ହାତଛଡ଼ା ନ କରି ଗୋପାଳବାବୁ ଗୋଟି ଗୋଟି ସବୁ କଥା କହିଗଲେ । ବଡ଼ବାବୁ କହିଲେ- ହୋଇହୋ ଗୋପାଳବାବୁ ! ତମେ ପରା କିରାଣୀ ଚାକିରୀ କରିଛ । ଥାନା ବାବୁ ତୁମକୁ ଦରଖାସ୍ତ ଫେରାଇ ଦେବାର କିଛି କାରଣ ବୁଝି ପାରିଲ ନାହିଁ । ଜଳ ଜଳ କରି ଚାହିଁଥାନ୍ତି ଗୋପାଳବାବୁ । ବୋକାଙ୍କ ପରି ଚାହଁଛ କଣ ମ ? ଆଜିକାଲି ଯୁଗରେ ବିନା ଟଙ୍କାରେ କିଛି କାମ ହୁଏ ? ତୁମ ଫାଇଲ୍ ତଳେ ପରା ଏମିତି ହଜାରେ ଦରଖାସ୍ତ ପଡ଼ିଥିବ । ତୁମେ ତାଙ୍କୁ କହୁଛ କଣ ? ଯଦି କିଛି କାମ କରିବାର ଅଛି, ପ୍ରଥମେ ଯାଇ ଅତି କମ୍‌ରେ ୫୦୦ ଟଙ୍କା ଥାନାବାବୁଙ୍କ ହାତକୁ ବଢ଼ାଇ ଦେଇ ତା'ପରେ କଥାବାର୍ତ୍ତା କରିବ । ବଡ଼ବାବୁଙ୍କ କଥାଟା ମନକୁ ପାଇଲା । ଶେଷରେ ଦରଖାସ୍ତଟି ଧରି ଚାଲିଲେ ଗୋପାଳବାବୁ ।

ଥାନାରେ ପହଞ୍ଚି ଦେଖିଲେ- ଥାନାବାବୁଙ୍କ ରୁମ୍‌ରେ କେହି ନାହାନ୍ତି । ଏଇଟା ସୁବର୍ଣ୍ଣ ସୁଯୋଗ ଭାବି ଭିତରକୁ ପଶି ଯାଇ ଲମ୍ବା ଚଉଡ଼ା ନମସ୍କାରଟିଏ ପକାଇ କହିଲେ ଗୋପାଳବାବୁ ! ଆଜ୍ଞା ଟିକିଏ ମୋ କଥାକୁ ବୁଝନ୍ତୁ । ନଚେତ୍ ମୁଁ ହଇରାଣ ହୋଇଯିବି । ଏଇକଥା କହୁ କହୁ ୫୦୦ ଟଙ୍କିଆ ନୋଟ୍‌ଟିଏ ଥାନା ବାବୁଙ୍କ ହାତକୁ ବଢ଼ାଇ ଦେଲେ । ଚଟାପଟ ପକେଟ୍‌ରେ ଟଙ୍କାଟା ରଖି ଦେଇ ଥାନାବାବୁ କହିଲେ- କଣ ଆଉଥରେ ଦରଖାସ୍ତ ଲେଖିଲେ । ହଁ ଆଜ୍ଞା ଆପଣଙ୍କ କଥା ମାନି ଓକିଲଙ୍କଠାରୁ ଲେଖି ଆଣିଛି । ଦରଖାସ୍ତଟି ରଖି ଦେଇ ଥାନାବାବୁ କହିଲେ- ତୁମେ ଆଜି ଯାଅ । ମୁଁ ସେମାନଙ୍କ କଥା ବୁଝି ଦେଉଛି । ଆଉ ଅଧିକ କଥାବାର୍ତ୍ତା ନ କରି ବାହାରକୁ ଆସିଲେ ଗୋପାଳବାବୁ । ବାରଣ୍ଡାରେ ଜୁଆଳିଆ ନିଶ ରଖି ମହିଷାସୁର ଚେହେରାର ଲୋକଟିଏ ଛିଡ଼ା ହୋଇଥାଏ । ଗୋପାଳବାବୁଙ୍କୁ ବୁଝିବାର ବାକି ରହିଲା ନାହିଁ ଯେ ଏଇ ଲୋକଟା ବିଶୁଆ । କାରଣ ବିଶୁଆ ନାଁ ଧରି ପାଣି ମାଗିବା ବେଳେ ଏଇ ଲୋକଟି ନେଇ ଦେଇଥିଲା । ତା ପାଖ ଦେଇ ଚାଲି ଆସିଲା ବେଳେ ସେ କହିଲା- ହୋଇହୋ ଗୋପାଳବାବୁ ! ଚାଲିଯାଉଛ କଣ ? ବଡ଼ବାବୁଙ୍କ ପାଖରେ ଦରଖାସ୍ତ ଦେଇଦେଲେ କାମ ହେଇଯିବ ? ଆମେ ପରା ତାଙ୍କର ଚେଡି ଚାମୁଣ୍ଡା । ଯଦି କାମ ହେବ ତ ଆମ ଦ୍ୱାରା ହବ । ବାସୁଆକୁ ମୁଣ୍ଡିଆ ନ ମାରି ଶିବ ଦର୍ଶନ କଲେ କିଛିଫଳ ମିଳେ ? ବାଧ ହୋଇ ୨୦ ଟଙ୍କା ବାହାର କଲେ ଗୋପାଳବାବୁ । ଟଙ୍କା ଦେଖି ଲୋକଟି କହିଲା-୨୦ ଟଙ୍କା କଣ ଦେଉଛନ୍ତି ମ । ଆଜିକାଲି ଯୁଗରେ ୨୦ ଟଙ୍କାର ମୂଲ୍ୟ କଣ ? ଅଗତ୍ୟା ୫୦ଟଙ୍କିଆ ନୋଟଟିଏ ବଢ଼େଇ ଚାଲି ଆସିଲେ ଗୋପାଳବାବୁ । ସବୁ କଥା ଶୁଣି ସୁନନ୍ଦା ଦେବୀ ମନେ ମନେ ଖୁବ୍ ଖୁସି ହେଲେ । ଏଇଥର ପଡ଼ିଶା ଘର ଲୋକ ପାନେ ପାଇବେ । ତା ପରଦିନ ସେଇ ନିଶୁଆ କନେଷ୍ଟବଳଟା ଆସି ପଡ଼ିଶା ଘର ଚାରିଭାଇଙ୍କୁ ଥାନାକୁ ଯିବାକୁ ଡାକି ଦେଇଗଲା । ଏଥର ସୁନନ୍ଦା ଦେବୀଙ୍କ ଖୁସି ଦେଖେ କିଏ ? ଏଇଥର କିଛି ଗୋଟାଏ ହବ ।

ପଡ଼ିଶା ଘରର ଲୋକେ ଥାନା ଯିବେ କଥା ଶୁଣି ଟିକିଏ ଡରିଗଲେ । ଥାନାବାବୁଙ୍କ କଥା ଶୁଣିଛନ୍ତି । ଥରେ ଦି'ଥର ଅଙ୍ଗେ ଲିଭେଇଛନ୍ତି । କଣ କରିବେ ? ଗାଁରେ ଜଣେ କୁଜି ନେତା ଅଛନ୍ତି । ତାଙ୍କ ନାଁ ସଦାନନ୍ଦ । ସେ ସବୁବେଳେ ଲମ୍ବା ଭାଷଣ ଦିଅନ୍ତି । ମାନବ ସେବା ହିଁ ମାଧବ ସେବା, ମଣିଷର ଜନ୍ମ ଭୋଗ ପାଇଁ ନୁହେଁ- ତ୍ୟାଗ ହିଁ ଲକ୍ଷ୍ୟ ହେବା ଉଚିତ । ନିଜର ସାମାନ୍ୟ ତ୍ୟାଗ ବଳରେ ଯଦି ସମାଜର ନିଷ୍ପେସିତ, ନିର୍ଯ୍ୟାତିତ, ଦଳିତ, ଅବହେଳିତ ମାନଙ୍କର କିଛି ସେବା କରାଯାଇପାରେ, ତେବେ ମଣିଷ ଜୀବନ ଧନ୍ୟ ହେବ । ତେଣୁ ମୁଁ ସ୍ଥିର କରିଛି, ମୋ ଅଞ୍ଚଳର ଗରିବ ଭାଇଭଉଣୀ, ଆଦିବାସୀ, ହରିଜନଙ୍କ ପାଇଁ କାମ କରି ସେମାନଙ୍କ ଜୀବନରେ କିଛି ପରିବର୍ତ୍ତନ ଆଣିବି । ଅନ୍ୟାୟ, ଅନୀତି, ଦୂର୍ନୀତି, ବ୍ୟଭିଚାର, ଭ୍ରଷ୍ଟାଚାର ବିରୁଦ୍ଧରେ ଲଢ଼େଇ କରି ମୋ ଜୀବନ ବିତେଇ ଦେବି । ଆମ ଅଞ୍ଚଳରୁ ଦୁଃଖ, ଦାରିଦ୍ର୍ୟ, ଅଶିକ୍ଷା, ଅନ୍ଧବିଶ୍ୱାସକୁ ଦୂର କରି ଏହାକୁ ଅନ୍ୟମାନଙ୍କ ଆଗରେ ଆଦର୍ଶ କରି ଗଢ଼ିବାକୁ ଆପ୍ରାଣ ଚେଷ୍ଟା କରିବି । ଏଗୁଡ଼ାକ ଭାଷଣ ଆକାରରେ ଶୁଣିବା ବେଳେ ଭାରି ଭଲ ଲାଗେ । ଲୋକଙ୍କ ହାତ ତାଳିରେ ବକ୍ତାର ଛାତି ଫୁଲି ଉଠେ ।

ତେବେ ପ୍ରକୃତ ସାମାଜିକ ଜୀବନରେ ଏଗୁଡ଼ାକ କଣ ସତ ? ଏଇ ଭ୍ରଷ୍ଟାଚାରୀ, ଦୁର୍ନୀତିଗ୍ରହ ନେତା, କୁଜିନେତାମାନେ ସତେ କଣ ନିସ୍ୱାର୍ଥପର ସତେ କଣ ସମାଜସେବୀ । ସତେ କଣ ଈଶ୍ୱରପ୍ରେମୀ ଆଉ ଆଧାତ୍ମବାଦୀ ନା ନିଜର ଅନ୍ୟାୟ ଅଧର୍ମକୁ ଘୋଡ଼ାଇ ନିଜର ଅନ୍ତରାତ୍ମାକୁ ଶାନ୍ତି ଦେବା ପାଇଁ ତ୍ୟାଗ, ସେବା, ପୂଜାପାଠ, ଭଜନ, ପ୍ରବଚନ, ସତ୍‌ସଙ୍ଗ ଇତ୍ୟାଦି କୌଣସି ଗୋଟିଏ ଧର୍ମ ମାର୍ଗକୁ ବାଛି ନେଇ ଅନ୍ୟକୁ ପ୍ରତାରଣା କରୁଛନ୍ତି ।

କୁଜି ନେତାଙ୍କର ଗୁଣ ବା ଉଦ୍ଦେଶ୍ୟ ଯାହା ଥାଉ ନା କାହିଁକି- ସମସ୍ତେ କହନ୍ତି ସେ କୁଆଡ଼େ ସ୍ଥାନୀୟ ବିଧାୟକଙ୍କର ଡାହାଣ ହାତ ଓ ଥାନାରେ ତାର କାଟ୍‌ତି ବହୁତ ବେଶୀ । ନେତାଙ୍କର ଏସବୁ ଗୁଣ ପଡ଼ୋଶୀ ଚାରିଭାଇ ଏଇ କରିତ୍‌କର୍ମ କୁଜି ନେତାଙ୍କ ଭାଷଣରୁ ତାଙ୍କର କର୍ମମୟ ଜୀବନଠାରୁ ଆରମ୍ଭ କରି ବ୍ୟକ୍ତିଗତ ଗୁଣାବଳୀ ପର୍ଯ୍ୟନ୍ତ ସବୁକଥା ଶୁଣିଥାନ୍ତି । ଅନ୍ୟ ଉପାୟ ନ ଦେଖି ସମସ୍ତେ ଯାଇ ତାଙ୍କ ପାଖରେ ପହଞ୍ଚିଲେ । ସବୁକଥା ଶୁଣି ସଦାନନ୍ଦ ବାବୁ କହିଲେ- ଏଗୁଡ଼ିକ ଫୌଜଦାରୀ ମାମଲା । କୋର୍ଟକୁ କେଶ୍‌ଟା ଚାଲିଗଲେ ତୁମ୍ଭମାନଙ୍କୁ ହୁଏତ ଦଣ୍ଡ ହୋଇଯାଇପାରେ । ଏକଥା ଶୁଣିବା ପରେ ଚାରିଭାଇଯାକ ତାଙ୍କୁ ରକ୍ଷା କରିବା ପାଇଁ ବହୁତ କାକୁତିମିନତୀ କଲେ । ହାତଗୋଡ଼ ଧରିଲେ । ଶେଷରେ ସଦାନନ୍ଦବାବୁ କହିଲେ- ମୁଁ ସିନା ସମାଜସେବାକୁ ନିଜ ଜୀବନର ବ୍ରତ କରି ନେଇଛି । ହେଲେ ପୋଲିସ୍‌ବାଲା ତ ନିରାମିଶାଷୀ ନୁହଁନ୍ତି । ଅନ୍ତତଃ ଏଥିପାଇଁ ଅତିକମ୍‌ରେ ହଜାରେ ଟଙ୍କା ଦରକାର ।

(ଅବଶିଷ୍ଟାଂଶ ପୃଷ୍ଠା -୭ରେ)

# ୧୦ ଦିନରେ ଅମାନିଆଙ୍କଠୁ ୩ କୋଟି ଆଦାୟ



ଭୁବନେଶ୍ୱର,୧୮/୪ (ନି.ପ୍ର): ରାଜ୍ୟ କରୋନା ଆକ୍ରାନ୍ତ ବଢୁଥିବା ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପେଶାଲ୍ ଡ୍ରାଇଭ କରିବା ପାଇଁ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲା । ଯାହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଯାଇ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୦ ଦିନରେ ୨ କୋଟି ୯୮ ଲକ୍ଷ ୨୧ ହଜାର ୯୯୦ ଟଙ୍କା ଆଦାୟ କରିଛି । ରାଜ୍ୟର ଏକ ଲକ୍ଷ ୧୦ ହଜାର ୫୭ ଜଣ ନିୟମ ଉଲ୍ଲଙ୍ଘନକାରୀଙ୍କଠାରୁ ଏହି ରାଶି ଆଦାୟ କରାଯାଇଛି । ମାସ୍କ ନପନ୍ଧିବା ଓ ସାମାଜିକ ଦୂରତା ରକ୍ଷା ନକରିବା ସହ କୋଭିଡ୍ ନିୟମ ଖିଲାପ କରିଥିବାରୁ ଏହି ଜରିମାନା ଆଦାୟ ହୋଇଥିବା ଓଡ଼ିଶା ପୁଲିସ୍ ପକ୍ଷରୁ ଟ୍ୱିଟ୍ କରାଯାଇଛି ।

କରୋନା କୋପ କମିବା ପରେ ରାଜ୍ୟ ସରକାର କୋଭିଡ୍ ଗାଇଡ୍‌ଲାଇନ୍ ଭିତରେ ବ୍ୟବସାୟୀକ ପ୍ରତିଷ୍ଠାନ ସହ ଅନ୍ୟ ଅନୁଷ୍ଠାନ ଖୋଲିଥିଲା । କିନ୍ତୁ କେତେକ ଅମାନିଆ କରୋନା ଗାଇଡ୍‌ଲାଇନ୍‌କୁ ଖୋଲମ୍‌ଖୋଲା ଉଲ୍ଲଙ୍ଘନ କରିଚାଲିଲେ । ଯାହାଫଳରେ କରୋନା କଡ଼ ଲେଉଟାଇଲା । ଏବେ ପ୍ରତିଦିନ ୩୦୦୦ରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ଯାହାକୁ ନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ି ଯାଇଛି । ମୁଖ୍ୟମନ୍ତ୍ରୀ ସ୍ଥିତି ଅନୁଧ୍ୟାନ କରି ଅମାନିଆଙ୍କୁ ସାବାଡ଼ କରିବା ପାଇଁ ୧୦ ଦିନିଆ ସ୍ପେଶାଲ୍ ଡ୍ରାଇଭ୍ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯାହାକୁ ପାଳନ କରିବାକୁ ଯାଇ ରାଜ୍ୟ ପୁଲିସ ୧୦ ଦିନ ରେ ପାଖାପାଖି ୩ କୋଟି ଟଙ୍କା ଜରିମାନା ଆଦାୟ କରିଛି । ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର ୧୦ ଜିଲ୍ଲାରେ କରୋନା ଭୟଙ୍କର ରୂପ ଧାରଣ କରୁଥିବାରୁ ନାଇଟ୍ କର୍ଫ୍ୟୁ ଲଗାଇଛନ୍ତି ରାଜ୍ୟ ସରକାର । ସେଠାରେ ସନ୍ଧ୍ୟା ୬ଟାରୁ ସକାଳ ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିଛି । କେବଳ କର୍ଫ୍ୟୁ ନୁହେଁ ଏହି ୧୦ ଜିଲ୍ଲାର ସହରାଞ୍ଚଳରେ ସାପ୍ତାହିକ ଦୁଇଦିନ ଶନିବାର ଓ ରବିବାର ଶଟ୍‌ଡାଉନ୍ ଘୋଷଣା କରାଯାଇଛି । ଏହାଛଡ଼ା ଅନ୍ୟ ୨୦ ଜିଲ୍ଲାର ସହରାଞ୍ଚଳରେ ମଧ ନାଇଟ୍ କର୍ଫ୍ୟୁ ଆଜିଠାରୁ ଲାଗୁ ହେଉଛି । ଆଜି ରାତି ୯ଟା ସକାଳ ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିବ । ଏହି ସମୟରେ ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ସେବା ବନ୍ଦ ରହିବ ।

# କୋଭିଡ୍-୧୯ ଟିକା ଖୋଲା ବଜାରକୁ ଛଡ଼ାଯିବାକୁ ଅନୁରୋଧ କରି ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୮/୪ (ନି.ପ୍ର): କରୋନା ଟିକା ସରକାରୀ ଯୋଗାଣ ଶୃଙ୍ଖଳ ବାହାରେ, ଅର୍ଥାତ୍ ଖୋଲା ବଜାରରେ ଉପଲବ୍ଧ କରିବାକୁ ଅନୁରୋଧ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖିଛନ୍ତି । ସେ ଏହି ପତ୍ରରେ କହିଛନ୍ତି ଯେ ଏପରି ହେଲେ କ୍ରୟ କରିବାକୁ ସମର୍ଥ ଲୋକେ ନିଜେ ଟିକା କ୍ରୟ କରି ନେଇପାରିବେ । ଫଳରେ ଟିକା କିଣିବାକୁ ଅସମର୍ଥ ବର୍ଗଙ୍କ ପ୍ରତି ସରକାର ଧ୍ୟାନ ଦେଇ ପାରିବେ । ସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ , ଏହି ଅଭୂତପୂର୍ବ କୋଭିଡ୍ ସଙ୍କଟ ମୁକାବିଲା ନିମନ୍ତେ କେନ୍ଦ୍ର ଓ ରାଜ୍ୟମାନେ ଏକ ଟିମ୍ ଭଳି କାମ କରିବା କଥାକୁ ମୁଁ ପୂର୍ଣ୍ଣ ସମର୍ଥନ କରୁଛି । ସ୍ୱାସ୍ଥ୍ୟକର୍ମୀ, ପ୍ରତ୍ୟକ୍ଷ ସେବା ଯୋଗାଣକାରୀ ଏବଂ ୪୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ସମେତ ଏପର୍ଯ୍ୟନ୍ତ ଓଡ଼ିଶା ୪୭ ଲକ୍ଷ କୋଭିଡ୍ ଟିକା ଦେଇସାରିଛି । ଓଡ଼ିଶାରେ ଟିକାର ନଷ୍ଟ ହାର ମଧ ସମଗ୍ର ଦେଶ ତୁଳନାରେ ସର୍ବନିମ୍ନ । ଏହାଛଡ଼ା, ଦୈନିକ ୩ ଡୋଜ୍ ଟିକା ଦେବାକୁ ମଧ ଆମେ ସମର୍ଥ । ଟିକା ନେଇଥିବା ଲୋକମାନଙ୍କ ଠାରୁ ସକାରାତ୍ମକ ମତାମତ ମିଳୁଛି । କିନ୍ତୁ, ଚାହିଦା ମୁତାବକ ଟିକା ମିଳୁ ନ ଥିବାରୁ ଟିକାକରଣ ଅଗ୍ରଗତିରେ ବାଧା ଆସୁଛି । ଦୈନିକ ୩ ଲକ୍ଷ ଟିକାକରଣ ଲାଗି ଆମକୁ ୨୫ ଲକ୍ଷ ଟିକା ଯୋଗାଇ ଦେବାକୁ ଅନୁରୋଧ କରିଥିଲି । ରାଜ୍ୟର ସମସ୍ତ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ଟିକା ଦେବାକୁ ଆମକୁ ୧୬୦ ଦିନ ଲାଗିବ । କେନ୍ଦ୍ର ସରକାର ଟିକା ଯୋଗାଣ ବୃଦ୍ଧି ପାଇଁ ଯୋଜନା କରୁଥିବେ ବୋଲି ମୁଁ ସୁନିଶ୍ଚିତ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି ।

ସେ ପତ୍ରରେ ଉଲ୍ଲେଖ କରିଛନ୍ତି ଯେବିଶ୍ୱର ବିଭିନ୍ନ ସରକାର ଓ ବିଶ୍ୱସନୀୟ ପ୍ରତିଷ୍ଠାନ ସବୁ ଅନୁମୋଦନ କରିଥିବା କୋଭିଡ୍ ଟିକାର ଯୋଗାଣ ମଧ ବୃଦ୍ଧି କରାଯାଉ । ଭାରତରେ ଟିକା ପ୍ରସ୍ତୁତି ପାଇଁ ବ୍ୟାପକ ସୁବିଧା ଥିବାରୁ ଟିକା ଉତ୍ପାଦନ ବୃଦ୍ଧି ନିମନ୍ତେ ସମ୍ପୃକ୍ତ କମ୍ପାନିଗୁଡ଼ିକୁ କେନ୍ଦ୍ର ଓ ରାଜ୍ୟ ସରକାର ସହଯୋଗ କରିବା ଉଚିତ ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ସେ ଏହି ପତ୍ରରେ କୋଭିଡ୍ ସଂକ୍ରମଣ ହାର ସର୍ବାଧିକ ଥିବା ଅଳ୍ପ କେତୋଟି ମେଟ୍ରୋପଲିଟାନ୍ ସହରମାନଙ୍କରେ ବୟସ କଟକଣା ହଟାଯାଇ ଟିକାକରଣକୁ ପ୍ରାଥମିକତା ଦିଆଯିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମେଟ୍ରୋପଲିଟାନ୍ ସହର ଦେଶ ଅର୍ଥନୀତିର ପେଣ୍ଠ ହୋଇଥିବାରୁ କୌଣସି ପ୍ରକାର ଲକ୍‌ଡାଉନ୍ ଘୋଷଣା କରାଗଲେ ଶ୍ରମିକମାନେ ଗୃହାଭିମୁଖୀ ହେବେ ଓ ଦେଶର ବାକି ଅଂଚଳକୁ ଏହା ପ୍ରଭାବିତ କରିବବୋଲି ସେ କହିଛନ୍ତି ।

## ପଜିଟିଭ ସଂଖ୍ୟା ବୃଦ୍ଧି ହେଲେ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୮/୪ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ସଂଖ୍ୟା ବଢ଼ିଲେ ଏହାର ମୁକାବିଲା କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି । ପ୍ରତ୍ୟେକ ଦିନ ତଳ ସ୍ତରରୁ ତଦାରଖ କରୁଛୁ । ଆଗକୁ ଯଦି ସଂକ୍ରମଣ ବଢେ, ତାକୁ ମୁକାବିଲା ପାଇଁ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରୁଛୁ । ଯଦି ଆଗକୁ ଆଗକୁ ଅଧିକ ଲୋକ ସଂକ୍ରମିତ ହୁଅନ୍ତି, ସେମାନଙ୍କୁ ଘରୋଇ ସଙ୍ଗରୋଧ ବ୍ୟବସ୍ଥା ହୋଇଛିବୋଲି ସେ ସୂଚନା ଦେଇଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ କରୋନାର ଚେନ ଭାଙ୍ଗିବା ରାଜ୍ୟ ସରକାର ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି । ଏହି କ୍ରମରେ ଛତିଶଗଡ଼ ସୀମାବର୍ତ୍ତୀ ଜିଲ୍ଲାରେ ସଟଡାଉନ ଓ ଲକ ଡାଉନ କରାଯାଉଛି । ସେ କହିଛନ୍ତି ଯେ ଛତିଶଗଡ଼ରୁ ଯେଉଁମାନେ ଆସିଛନ୍ତି, ଜଣଙ୍କଠୁଁ ୩୦ଜଣ ସଂକ୍ରମିତ ହେଉଛନ୍ତି । କରୋନା ଡ୍ରପଲେଟ ବାୟୁମଣ୍ଡଳରେ ବୁଲୁଛି । ଏଣୁ ନିହାତି କାମ ନଥିଲେ ବାହାରକୁ ବାହାରନ୍ତୁନି । ରାତି ୯ଟା ବେଳେ କର୍ଫ୍ୟୁ ଅଛି ଭାବି ବଜାରରେ ଭିଡ଼ ଜମାନ୍ତୁ ନାହିଁ । ଅମାନିଆଙ୍କ ପାଇଁ ସଂକ୍ରମଣ ବଢୁଛି । ଏଣୁ ଦାୟିତ୍ୱ ନେବାର ସମୟ ଆସିଛି ବୋଲି ସେ କହିଛନ୍ତି ।

## ଟ୍ୱିନ୍ ସିଟିରେ ନାଇଟ୍ କର୍ଫ୍ୟୁ ସହ ୧୪୪ ଧାରା: ଅମାନିଆଙ୍କ ବିରୋଧରେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୮/୪ (ନି.ପ୍ର): କରୋନା ମହାମାରୀକୁ ଦୃଷ୍ଟିରେ ରଖି ଟ୍ୱିନସିଟିରେ ଆଜି ରାତି ୯ ଟାରୁ ସକାଳ ୫ ଟା ଯାଏଁ ରାତ୍ରୀକାଳୀନ କର୍ଫ୍ୟୁ ଲାଗୁ ହେଉଛି । ଏହି ସମୟ ମଧ୍ୟରେ ୧୪୪ ଧାରା ମଧ୍ୟ ବଳବତର ରହିବ । ଏହା କଟକ ଓ ଭୁବନେଶ୍ୱର ପାଇଁ ଲାଗୁ କରାଯାଇଥିବା ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି । ୧୪୪ ଧାରା ଲାଗୁ ହେଉଥିବାରୁ ବିନା କାରଣରେ ବାହାରେ ବୁଲିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । କେବଳ ଅତ୍ୟାବଶ୍ୟକୀୟ ସେବା ସହ ଜଡିତ ବ୍ୟକ୍ତିମାନଙ୍କୁ ଯିବାଆସିବା ଲାଗି ଅନୁମତି ମିଳିବ । ସେମାନେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ପରିଚୟପତ୍ର ଦେଖାଇ ଯାଇପାରିବେ । ସୂଚନା ଅନୁଯାୟୀ କଟକରେ ନାଇଟ୍ କର୍ଫ୍ୟୁ ସମୟରେ ୨୩ଟି ସ୍ଥାନରେ ଚେକିଂ ପୋଷ୍ଟ ହେବ । ଏଥିପାଇଁ ୧୦ ପ୍ଲାଟୁନ ପୁଲିସ ମୁତୟନ ହେବେ । ୬୦ ପୋଲିସ୍ ଅଧିକାରୀ ନିୟୋଜିତ ହେବେ । ଅମାନିଆଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଭୁବନେଶ୍ୱରରେ ୨୫ଟି ସ୍ଥାନରେ ବ୍ଲକିଂ ପଏଂଟ କରାଯାଇଛି । ଏହା ବ୍ୟତୀତ ପିସିଆର୍ ଗାଡ଼ି, ପାଟ୍ରୋଲିଂ ଗାଡ଼ି ଓ କର୍ଫ୍ୟୁ ଏନ୍‌ଫୋର୍ସମେଂଟ ଗାଡ଼ି ମୁତୟନ କରାଯାଇଛି । ନାଇଟ୍ କର୍ଫ୍ୟୁ ସମୟରେ ସବୁ ସିନିୟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି । ଭୁବନେଶ୍ୱରରକୁ ୩ଟି ଜୋନରେ ବିଭକ୍ତ କରାଯାଇ ୩ ଜଣ ଡିଏସ୍‌ପି ପାହ୍ୟା ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି । ଉଲ୍ଲେଖ୍ୟଯୋଗ୍ୟଯେ କରୋନା ସଂକ୍ରମଣ ବୃଦ୍ଧିରେ ବ୍ରେକ୍ ଲଗାଇବାପାଇଁ ରଖି ରାଜ୍ୟ ସରକାର ଶନିବାର ଠାରୁ ୧୦ ଟି ଜିଲ୍ଲାରେ ନାଇଟ୍ କର୍ଫ୍ୟୁ ସହ ସପ୍ତାହାନ୍ତ ଲକଡାଉନ୍ ଘୋଷଣା କରିଥିଲେ । ଏହାସହ ଅନ୍ୟ ୨୦ ଟି ଜିଲ୍ଲାର ସହରାଂଚଳରେ ରାତି ୯ ଟା ଠାରୁ ସକାଳ ୫ଟା ପର୍ଯ୍ୟନ୍ତ କେବଳ ନାଇଟ କର୍ଫ୍ୟୁ ଘୋଷଣା କରିଥିଲେ । ହେଲେ କଟକ ଓ ଭୁବନେଶ୍ୱରରେ କଟକଣା କଡ଼ାକଡ଼ି କରିବା ଲକ୍ଷ୍ୟରେ ନାଇଟ୍ କର୍ଫ୍ୟୁ ସହ ୧୪୪ ଧାରା ଲାଗୁହେବ ।

# କରୋନା କଟକଣା ପାଇଁ ବସ୍‌ରେ ଯାତ୍ରୀ ସଂଖ୍ୟା କମିଛି, ଆଗାମୀ ୩ମାସ ଇନ୍‌ସୁରାନ୍ସ ଓ ରୋଡ୍ ଟ୍ୟାକ୍ସ ଛାଡ଼ ପାଇଁ ଦାବି କଲା ବସ୍ ମାଲିକ ସଂଘ

ଭୁବନେଶ୍ୱର ,୧୮/୪ (ନି.ପ୍ର): କରୋନା ପ୍ରଥମ ଲହରି ଶେଷ ହୋଇ ଦ୍ୱିତୀୟ ଲହରି ପୁଣି ରାଜ୍ୟରେ ଆରମ୍ଭ ହେଲାଣି । ମାତ୍ର ଏ ପର୍ଯ୍ୟନ୍ତ ସବୁ ବସ୍ ରାଜ୍ୟରେ ଚଳାଚଳ ହୋଇପାରିନାହିଁ । ୮୦ ପ୍ରତିଶତ ବସ୍ ବର୍ତ୍ତମାନ ରାଜ୍ୟରେ ଚାଲୁଥିବା ବେଳେ ସରକାର ପୁଣି କରୋନା କଟକଣା ଆଣିଛନ୍ତି । ଗତ ୧୦ ତାରିଖରୁ ଛତିଶଗଡ଼କୁ ବସ୍ ଚଳାଚଳ ବନ୍ଦ ହୋଇସାରିଥିବା ବେଳେ ଆଗାମୀ ୧୯ ତାରିଖରୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ପ୍ରମୁଖ ରାଜ୍ୟକୁ ବସ୍ ଯାତାୟାତ କରିବ ନାହିଁ ବୋଲି ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି । ଗୋଟେ ପଟେ ବସ୍ ମାଲିକମାନେ ଗତବର୍ଷର ଆର୍ଥିକ କ୍ଷତିର ଭରଣା କରିନଥିବା ବେଳେ ସରକାରଙ୍କ ନୂଆ ନିୟମ ବ୍ୟବସାୟକୁ ପୂରା ଉଜାଡ଼ି ଦେବାକୁ ବସିଛି ବୋଲି ଓଡ଼ିଶା ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି । ଏହା ସହିତ ୧୦ଟି ଜିଲ୍ଲାରେ ସପ୍ତାହନ୍ତ ଲକ୍‌ଡାଉନ୍ ସାଙ୍ଗକୁ ପ୍ରତିଦିନ ସନ୍ଧ୍ୟା ୬ରୁ ସକାଳ ୫ ଏବଂ ଅନ୍ୟ ସମସ୍ତ ଜିଲ୍ଲାରେ ରାତ୍ରୀକାଳୀନ କର୍ଫ୍ୟୁ ବସ୍ ଚଳାଚଳ ପାଇଁ ବାଧାପ୍ରାପ୍ତ ହେଉଥିବା କହିଛନ୍ତି । ବିମାନ ଓ ଟ୍ରେନ୍ ଚଳାଚଳରେ ୩୦ ହଜାରରୁ ଅଧିକ ଯାତ୍ରୀ ଯିବା ଆସିବା କରୁଥିବା ବେଳେ ପ୍ରତିଦିନ ରାଜ୍ୟର ବିଭିନ୍ନ ରୁଟ୍‌କୁ ୧୫୦ ବସ୍ ଚଳାଚଳ କରୁଛି । ସେଥିରେ ପୁଣି କରୋନା କଟକଣା ଯୋଗୁଁ ବସ୍‌ର ସିଟ୍ ମଧ ଖାଲି ରହୁଛି । ତେଣୁ ଏ ସବୁକୁ ଆଖି ଆଗରେ ରଖି ଚଳିତ ମାସରେ ନିଆଯାଇଥିବା ମୋଟର୍ ଭେଇକିଲ୍ ଟ୍ୟାକ୍ସକୁ ମେ' ମାସରେ ଆଡଜଷ୍ଟ କରିବାକୁ ଅନୁରୋଧ କରିଛନ୍ତି । ଏହା ସହିତ ଜୁନ୍, ଜୁଲାଇରେ ମଧ ଟିକସକୁ ଛାଡ଼ କରିବାକୁ କହିଛନ୍ତି । ଏହା ବ୍ୟତୀତ ଇନ୍‌ସୁରାନ୍ସ କମ୍ପାନି ଓ ବ୍ୟାଙ୍କଗୁଡ଼ିକ ସହିତ ସରକାର ଖୁବ୍ ଶୀଘ୍ର ଏକ ବୈଠକ ଡାକି ଆଗାମୀ ୩ମାସର ସମସ୍ତ ପେଠ ଛାଡ଼ କରିବାକୁ ଅନୁରୋଧ କରିଛନ୍ତି । ଏନେଇ ସଂଘ ପକ୍ଷରୁ ଗତକାଲି ରାଜ୍ୟ ପରିବହନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିସନର୍ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜ୍ୟ ପରିବହନ କମିସନର ଓ ବାଣିଜ୍ୟ ଓ ପରିବହନ ବିଭାଗର ମୁଖ୍ୟ ସଚିବଙ୍କୁ ଦାବିପତ୍ର ଦେଇଛି ।



## ଭୁବନେଶ୍ୱରର ୨୫ଟି ସ୍ଥାନରେ ହେବ ବ୍ଲକିଂ

ଭୁବନେଶ୍ୱର,୧୮/୪ (ନି.ପ୍ର): ଆଜିଠାରୁ ଟ୍ୱିନ୍ ସିଟିରେ ନାଇଟ୍ କର୍ଫ୍ୟୁ ଆରମ୍ଭ ହେଉଥିବା ବେଳେ ଯାଂଚ କଡାକଡି କରିବାକୁ ପ୍ରସ୍ତୁତି କରିଛି କମିଶନରେଟ୍ ପୋଲିସ୍ । ଭୁବନେଶ୍ୱରରେ ନାଇଟ୍ କର୍ଫ୍ୟୁ ଓ ୧୪୪ ଧାରା ନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି ଯେ ନାଇଟ କର୍ଫ୍ୟୁ ଓ ୧୪୪ ଧାରାକୁ କଡ଼ାକଡ଼ି ଭାବେ ଲାଗୁ ହେବ । କେବଳ ଅତ୍ୟାବଶ୍ୟକ ସେବା ଯଥା ମେଡିକାଲ, ମିଡିଆ, ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଯା'ଆସ ପାଇଁ ଅନୁମତି ମିଳିବ । ସେମାନେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ପରିଚୟପତ୍ର ଦେଖାଇ ଯାଇପାରିବେ । ରେଳ ଷ୍ଟେସନ ଓ ଏୟାରପୋର୍ଟ ଯାଉଥିବା ପବ୍ଲିକ ଟ୍ରାନ୍ସପୋର୍ଟକୁ ଅନୁମତି ମିଳିବ । ଜରୁରୀ ସ୍ଥିତିରେ ମେଡିକାଲ ଯିବାର ଥିଲେ ତତ୍ ସମ୍ବନ୍ଧୀୟ କାଗଜପତ୍ର ଦେଖାଇବାକୁ ପଡିବ । ଭୁବନେଶ୍ୱରରେ ୨୫ଟି ସ୍ଥାନରେ ବ୍ଲକିଂ ପଏଂଟ କରାଯାଇଛି । ଏହା ବ୍ୟତୀତ ପିସିଆର୍ ଗାଡ଼ି, ପାଟ୍ରୋଲିଂ ଗାଡ଼ି ଓ କର୍ଫ୍ୟୁ ଏନ୍‌ଫୋର୍ସମେଂଟ ଗାଡ଼ି ମୁତୟନ କରାଯାଇଛି । ନାଇଟ୍ କର୍ଫ୍ୟୁ ସମୟରେ ସବୁ ସିନିୟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି ।

# ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କଲା ଏସ୍‌ଟିଏଫ୍

ଭୁବନେଶ୍ୱର ,୧୮/୪ (ନି.ପ୍ର): ବାରମ୍ବାର ଚଢ଼ଉ ପରେ ବି କମୁନି ବଜ୍ରକାପ୍ତା ଚୋରା ଚାଲାଣ । କଟକ ଜିଲ୍ଲା ଅଭିମାନପୁରରେ ଚଢ଼ାଉ କରି କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ (ସ୍ପେସାଲ ଟାସ୍କ ଫୋର୍ସ) ବିକ୍ରି ପାଇଁ ଥିବା ଏକ ଜୀବନ୍ତ ବଜ୍ରକାପ୍ତା ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ସେହି ଗ୍ରାମର କେଶବ ସାହୁ । ଏହି ଅଞ୍ଚଳ ଆଠଗଡ଼ ରେଞ୍ଜ ଅଧୀନରେ ଆସୁଥିବାରୁ ଆଠଗଡ଼ ଡିଏଫ୍‌ଓଙ୍କୁ ଏହି ବଜ୍ରକାପ୍ତା ହସ୍ତାନ୍ତର କରାଯାଇଛି । ଆଠଗଡ଼ ରେଞ୍ଜ ବନାଞ୍ଚଳରୁ ଏହି ବଜ୍ରକାପ୍ତା ଧରାଯାଇଥିବା ନେଇ ଏସ୍‌ଟିଏଫ୍ ସନ୍ଦେହ କରୁଛି । ତେବେ କେଶବ ନିଜେ ବଜ୍ରକାପ୍ତାକୁ ଧରି ନାହିଁ, ବରଂ ଅନ୍ୟ ଜଣେ ଶିକାରୀଠାରୁ ଆଣି ବିକିବା ପାଇଁ ରଖିଥିଲା । ସଂପୃକ୍ତ ଶିକାରୀକୁ ଧରିବା ଲାଗି ଏସ୍‌ଟିଏଫ୍ କଟକ ସଦର ଅଞ୍ଚଳରେ ଦୁଇଟି ଜାଗାରେ ଚଢ଼ଉ କରିଥିବା ଏସ୍‌ଟିଏଫ୍ ଏସ୍‌ପି ପ୍ରଶାନ୍ତ ଭୋଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଖୋଳତାଡ଼ ବେଳେ ଜଣାପଡ଼ିଛି କି କେଶବ ନାମରେ ପୂର୍ବରୁ କୌଣସି ମାମଲା ନାହିଁ । ଜଣେ ଶିକାରୀଠାରୁ ବଜ୍ରକାପ୍ତାଟିକୁ ଆଣି ସେ ବିକ୍ରି କରିବା ପାଇଁ ରଖିଥିଲା । ବିକ୍ରି ହେବା ପରେ ଯାଇ ଶିକାରୀକୁ ୩ ଲକ୍ଷ ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା । ବିକ୍ରି ରକିବା ପାଇଁ କେଶବ ଗ୍ରାହକ ଖୋଜୁଥିବା ଗୁଇନ୍ଦା ଖବର ପାଇ ଏସ୍‌ଟିଏଫ୍ ସଜାଗ ହୋଇଥିଲା । ଏସ୍‌ଟିଏଫ୍‌ର ଦୁଇଜଣ ଅଧିକାରୀ ଗ୍ରାହକ ହୋଇ କେଶବ ସହ ଯୋଗାଯୋଗ କରିଥିଲେ । ଯୋଗାଯୋଗ କରିବା ପରେ ୫ ଲକ୍ଷ ଟଙ୍କାରେ ଦର ଛିଣ୍ଡିଥିଲା । ଟେଲିଫୋନ ଜରିଆରେ ହୋଇଥିବା କଥାବାର୍ତ୍ତା ମୁତାବକ ଆଜି ସକାଳେ ଏସ୍‌ଟିଏଫ୍‌ର ଦୁଇଟି ଟିମ୍ ଅଭିମାନପୁରରେ ପହଞ୍ଚିଥିଲେ । ତେବେ କେଶବର ସନ୍ଦେହ ହେବାରୁ ସେ ବଜ୍ରକାପ୍ତା ନ ଆଣି ଖାଲି ହାତରେ ଆସିଥିଲା । ପରେ ତା'ର ବିଶ୍ୱାସ ହେବାରୁ ସେ ଘରକୁ ଯାଇ ବଜ୍ରକାପ୍ତା ନେଇ ଆସିଥିଲା । ଏସ୍‌ଟିଏଫ୍ ବଜ୍ରକାପ୍ତାକୁ ଜବତ କରିବା ସହ କେଶବକୁ ଗିରଫ କରିଥିଲା । ଉଲ୍ଲେଖଯୋଗ୍ୟ ଯେ ଗତ ଗୋଟିଏ ବର୍ଷ ମଧରେ ଏସ୍‌ଟିଏଫ୍ ବନ୍ୟପ୍ରାଣୀ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ଏକ ମିସନ ଭାବରେ ନେଇ ୧୨ଟି କଲରାପତରିଆ ବାଘଛାଲ, ୬ଟି ହାତୀଦାନ୍ତ, ୨ଟି ହରିଣ ଚମଡ଼ା, ୩ଟି ଜୀବନ୍ତ ବଜ୍ରକାପ୍ତା, ୫ କେଜି ବଜ୍ରକାପ୍ତା କାତି ଜବତ କରିଛି । ଏ ବାବଦରେ ୧୪ ମାମଲା ରୁଜୁ ହେବା ସହ ୨୫ ଜଣଙ୍କୁ ଗିରଫ କରାଯାଇଛି । ତେବେ କୌଣସି ମାମଲାରେ ମୂଳ ଶିକାରୀକୁ ଗିରଫ କରାଯାଇନଥିବା ଜଣାପଡ଼ିଛି ।



## ବିଜୁବାବୁ ଓ ରାଧାନାଥ ରାୟଙ୍କ ଶ୍ରାଦ୍ଧ ଦିବସ ପାଳନ କଲା ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ

ଭୁବନେଶ୍ୱର,୧୮/୪ (ନି.ପ୍ର): ନବ ଉତ୍କଳର ବିଶ୍ୱକର୍ମା, ଅଦ୍ୱିତୀୟ ଜନନେତା, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ପବିତ୍ର ପୂଣ୍ୟତିଥିରେ ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଜୟଦେବ ବିହାରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ସାମ୍ମୁଖ୍ୟର ଆବାହକ ରବିନାରାୟଣ ନନ୍ଦ, ସଂଯୋଜକ ପ୍ରବୀର ମହାନ୍ତି, ବରିଷ୍ଠ ସଦସ୍ୟ ଦେବରାଜ ସେନାପତି, ସତ୍ୟବ୍ରତ ଜେନା, ଲକ୍ଷ୍ମୀଧର ବେହେରା, ମନୋରଞ୍ଜନ ନାୟକ ଓ କରନ ଦୁର୍ଗା ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ତିନୋଟି ଜିଲ୍ଲାରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ : ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୧୮/୪ (ନି.ପ୍ର): ରାଜ୍ୟରେ ୩ଟି ଜିଲ୍ଲା ଝାରସୁଗୁଡ଼ା, ନୂଆପଡ଼ା ଓ କୋରାପୁଟରେ ସମ୍ପୂର୍ଣ୍ଣ ଭାବେ ଟିକା କରଣ ବନ୍ଦ ରହିଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଯେ ଛତିଶଗଡକୁ ଲାଗିଥିବା ୧୦ଟି ଜିଲ୍ଲାର ସହରାଂଚଳରେ ହୋଇଥିବା ସପ୍ତାହନ୍ତ ସଟଡାଉନ ଯୋଗୁ ସେଠାରେ ଟିକାକରଣ ବନ୍ଦ ରଖାଯାଇଛି । ରାଜ୍ୟରେ ଯେତିକି ଟିକା ରହିଛି, ତାହା ଦ୍ୱାରା୨ରୁ ୩ ଦିନ ଟିକାକରଣ ହୋଇ ପାରିବ ବୋଲି ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ୩.୬ ଲକ୍ଷ କୋଭିସିଲିଡ ଟିକା ଓ ୨,୩ ଲକ୍ଷ କୋଭାକ୍ସିନ ଟିକା ରହିଛି । ଟିକା ଅଭାବ ସମ୍ପର୍କରେ ଆମେ କେନ୍ଦ୍ର ସରକାରଙ୍କ ନିକଟକୁ ବାରମ୍ବାର ଚିଠି ଲେଖୁଥିବା ସେ କହିଛନ୍ତି । ସେ କହିଛନ୍ତି, ରାଜ୍ୟର ୧୫୦୦ ଟିକାକରଣ କେନ୍ଦ୍ରରୁ ୧୦୭୩ କେନ୍ଦ୍ରରେ ଟିକା ନଥିବାରୁ ଟିକାକରଣ ବନ୍ଦ ରଖାଯାଇଛି ।

# ଆସିବ ୧୮ହଜାର ଅକ୍ସିଜେନ୍ ସିଲିଣ୍ଡର

ଭୁବନେଶ୍ୱର ,୧୮/୪ (ନି.ପ୍ର): ରାଜ୍ୟରେ ଦୌନିକ କରୋନା ସଂକ୍ରମଣ ୩ହଜାର ପାର୍ କରିଛି । ଆଗକୁ ସ୍ଥିତି ବିଗିଡ଼ି ଯାଇପାରେ । ଅଧିକରୁ ଅଧିକ ଲୋକ ହସ୍ପିଟାଲରେ ଆଡମିଟ୍ ହୋଇପାରନ୍ତି । ସେମାନଙ୍କ ପାଇଁ ଅକ୍ସିଜେନ୍‌ର ଆବଶ୍ୟକତା ପଡ଼ିପାରେ । ଏହାକୁ ନଜରରେ ରଖି ରାଜ୍ୟ ସରକାର ଆଗକୁ ୮ହଜାର ଡି ଟାଇପ୍ ଓ ୧୦ହଜାର ବି ଟାଇପ ସିଲିଣ୍ଡିର କିଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅକ୍ସିଜେନ୍ ଫର୍ମୁଲା ଅନୁସାରେ ୧୦୦ ରୋଗୀଙ୍କ ପାଇଁ ଘଣ୍ଟାପ୍ରତି ୯୦ କ୍ୟୁବିକ ମିଟର ଅକ୍ସିଜେନ୍ ଜରୁରୀ । ଗତବର୍ଷ ସେପଟେମ୍ବର ମାସରେ ରାଜ୍ୟର ୮୨୦ଜଣ କରୋନା ରୋଗୀ ଆଇସିୟୁରେ ଥିବା ବେଳେ ଘଣ୍ଟାପ୍ରତି ୭୩୮ କ୍ୟୁବିକ ମିଟର ଅନୁସାରେ ଦିନକୁ ୨୩ ମେଟ୍ରିକ ଟନ୍ ଅକ୍ସିଜେନ୍‌ର ଆବଶ୍ୟକତା ପଡୁଥିଲା । ରାଜ୍ୟରେ ଏବେ ଦିନକୁ ସିଲିଣ୍ଡରରେ ୧୨୯.୬୮ ମେଟ୍ରିକ୍ ଟନ୍ ସିଲିଣ୍ଡର ଅକ୍ସିଜେନ୍ ଓ ୩୭୫ ମେଟ୍ରିକ ଟନ୍ ଲିକ୍ୱିଡ ମେଡିକାଲ ଅକ୍ସିଜେନ୍(ଏଲଏମ୍‌ଓ) ଉତ୍ପାଦନ ହୋଇପାରୁଛି । ମାତ୍ର ରାଜ୍ୟ ସରକାର ଗତବର୍ଷ ସର୍ବାଧିକ ସଂଖ୍ୟକ ରୋଗୀ ଆଇସିୟୁରେ ଥିବା ସମୟରେ ଯେତିକି ଅକ୍ସିଜେନ୍‌ର ଆବଶ୍ୟକତା ଥିଲା ତା'ଠାରୁ ଅଧିକ ଅକ୍ସିଜେନ୍ ଯୋଗାଣକୁ ନଜରରେ ରଖି ରାଜ୍ୟ ସରକାର ପ୍ରସ୍ତୁତି କରିଛନ୍ତି । ଏଥିପାଇଁ ଆବଶ୍ୟକ ସିଲିଣ୍ଡର କିଣିବା ଲାଗି ନିଷ୍ପତ୍ତି ହୋଇଛି । ଏ ନେଇ ଟେଣ୍ଡର କରାଯାଇଛି ।



# ନିର୍ଦ୍ଧାରିତ ସମୟରେ ବିଦ୍ୟୁତିକରଣ ଯୋଜନା ଶେଷ କରିବାକୁ ଶକ୍ତିମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୮/୪ (ନି.ପ୍ର): ରାଜ୍ୟ ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଗ୍ରୀଡ୍‌କୋ ସମ୍ମିଳନୀ କକ୍ଷରେ ଶକ୍ତି ବିଭାଗର ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା । ଶ୍ରୀ କ୍ୟାପ୍‌ଟେନ୍ ମିଶ୍ର ଶକ୍ତି ବିଭାଗରେ ୫-'ଟି' ଓ 'ମୋ ସରକାର' ପ୍ରୟାସର କାର୍ଯ୍ୟାନ୍ୱୟନ, ବିଦ୍ୟୁତ ଭିତିଭୂମିର ବିକାଶ ଓ ଗ୍ରାମ୍ୟ ବିଦ୍ୟୁତିକରଣ ଯୋଜନାଗୁଡ଼ିକୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ଶେଷ କରିବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟର ଦୂରଦୂରାନ୍ତ ତଥା ଉପାନ୍ତ ଅଂଚଳର ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ପାଖରେ ଗୁଣାତ୍ମକ ବିଦ୍ୟୁତ ସେବା ଉପଲବ୍ଧ କରାଇବା ବିଭାଗର ସମସ୍ତ କର୍ମଚାରୀଙ୍କ ଉତରଦାୟିତ୍ୱ ଓ ସରକାର ତାଙ୍କର ନିର୍ବାଚନୀ ଇସ୍ତାହାରରେ ଦେଇଥିବା ଏହି ପ୍ରତିଶ୍ରୁତି ପରିପାଳନ ପାଇଁ ବଦ୍ଧପରିକର ବୋଲି ସେ କହିଥିଲେ । ପ୍ରାରମ୍ଭରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ତଥା ଗ୍ରୀଡ୍‌କୋ-ଓପିଟିସିଏଲ୍ ର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଧଳ ବିଭିନ୍ନ ବିଦ୍ୟୁତିକରଣ ଯୋଜନାର ଅଗ୍ରଗତି ଓ ଶକ୍ତି ବିଭାଗରେ ରାଜ୍ୟ ସରକାରଙ୍କର୫-'ଟି' ଓ 'ମୋ ସରକାର' ପ୍ରୟାସର କାର୍ଯ୍ୟକାରିତା ଓ ଭବିଷ୍ୟତ ଯୋଜନାର ରୂପରେଖ ସଂପର୍କରେ ସୂଚନା ଦେଇଥିଲେ । ବୈଠକରେ ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍ ର ପରିଚାଳନା ନିର୍ଦ୍ଦେଶକ, ଚାରୋଟି ପରିବଂଟନ କମ୍ପାନୀର ମୁଖ୍ୟ ନିର୍ବାହୀ ଅଧିକାରୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ବୈଠକରେ ଯୋଗଦେଇ ଭବିଷ୍ୟତ କାର୍ଯ୍ୟ ପରିକଳ୍ପନା ସମ୍ବଳିତ ବିଭିନ୍ନ ପ୍ରସ୍ତାବନାଗୁଡ଼ିକ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ରଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରିଥିଲେ ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୨୪ତମ ଶ୍ରଦ୍ଧ ଦିବସ ପାଳିତ



ବାରିପଦା,୧୮/୦୪ (ନି.ପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୨୪ତମ ଶ୍ରାଦ୍ଧ ଦିବସବାରିପଦା ଠାରେ କୋଭିଡ୍-୧୯ର ନୀୟମାନୁଯାୟୀ ପାଳିତ ହୋଇଯାଇଛି। ବିଜୁଭବନଠାରେ ବିଜୁ ପଟ୍ଟନାୟକଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରି ପରେ ବିଜୁ ପଟ୍ଟନାୟକ ଗୋଲାଇଠାରେ ଥିବାବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ରାଜ୍ୟସଭାସାଂସଦ ଶ୍ରୀମତୀ ମମତା ମହାନ୍ତ, ପୂର୍ବତନ ଉପ-ବାଚସ୍ପତି ଶ୍ରୀଯୁକ୍ତ ସାନନ୍ଦ ମାର୍ଣ୍ଡି, ପୂର୍ବତନ ସାଂସଦ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସୋରଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଭଦବ ହାଁସଦାଃ, ଓଡିଶା କୃଷି ଶିଳ୍ପ ନିଗମ ଅଧକ୍ଷ ଶ୍ରୀଯୁକ୍ତ ଦେବାଶିଷ ମାର୍ଣ୍ଡି, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ତଥା ରାଜ୍ୟ ବି.ଜେ.ଡି ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଦେବାଶିଷ ମାର୍ଣ୍ଡି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ-ନଗରପାଳ ଶ୍ରୀଯୁକ୍ତ ଜିତେନ୍ଦ୍ର ମହାନ୍ତି, ଦିପ୍ତୀଲତା ମିଶ୍ର, ରାଜ୍ୟ ବିଜେଡି ସମ୍ପାଦକ ଶ୍ରୀଯୁକ୍ତ ସୁବ୍ରମନ୍ୟମ ମହାନ୍ତି, ରାଜ୍ୟଖୋଦି ବୋଡ୍ ସଦସ୍ୟ ସୋରଜ ବୋଷ୍, ଜିଲ୍ଲା ବିଜେଡି ସମ୍ପାଦକ ପ୍ରଭାତ ନାୟକ, ଜିଲ୍ଲା ବିଜେଡି ଉପ-ସଭାପତି ଡ. ଆଦିତ୍ୟ ପଣ୍ଡା, ମହିଳା ବିଜେଡି ସଭାନେତ୍ରୀ ବିଣାପାଣୀ ସାହୁ, ରାଜ୍ୟ ମହିଳା ବିଜେଡି ସାଧାରଣ ସମ୍ପାଦକ ଶ୍ରାବଣୀ ଦାସ, ଜିଲ୍ଲା ଯୁବ ବିଜେଡି ସଭାପତି ଅରୁଣ ବରାଡ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁନୀଲ ନାୟକ, ମହିଳା କାର୍ଯ୍ୟକାରୀ ସଭାପତି ସବିତା ବେହେରା, ନାରୀ ନେତ୍ରୀ ପ୍ରିତିନନ୍ଦା କାନନୁଗୋ, ସମାଜସେବୀ ଅମରସେଠୀ, ପୂର୍ବତନ କାଉନସିଲର୍ ଅନନ୍ତ ଦାସ, ନିରୋଜସାହୁ, ଦେବାଶିଷ ପାତ୍ର, ପୂର୍ଣ୍ଣାନେନ୍ଦୁ ପରିଡା ଛାତ୍ର ବିଜେଡି ରାଜ୍ୟସମ୍ପାଦକ, ଅଭୟ ସିଂ, ଆଭାଷ ଦେ, ଶଙ୍କରଶଣ ପଣ୍ଡା, ଶ୍ରବଣଗୋପ୍, କାମିନିକାନ୍ତ ପରିଡା, ଦୀପକମଡୁଆଳ, ଦୀପକ ମଡୁଆଳ, ଅକ୍ଷୟ ସିଂ, ପଙ୍କଜ ବେହେରା, କମଳା ଭଞ୍ଜ, ସୁଶୀଲ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ବିଜୁଭବନ ଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ବକ୍ତାମାନେ ବିଜୁବାବୁଙ୍କ ସୁପୁତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାର ବିକାଶରେ କାର୍ଯ୍ୟକରିବେ ବୋଲି ସପଥ ନେଇଥିଲେ । ଏହି ଅବସରରେ ଦିବ୍ୟାଙ୍ଗ ମାନଙ୍କୁ ଫଳ ବିସ୍କୁଟ ଓ ମିଠା ବଣ୍ଟନ କରାଯାଇଥିଲା।

# ସ୍ୱର୍ଗତଃ ଗଜେନ୍ଦ୍ର ପ୍ରଧାନଙ୍କ ସ୍ମୃତିସଭା

ବାଲିଆପାଳ,୧୮/୦୪ (ନି.ପ୍ର): ସଡକ ଦୁର୍ଘଟଣାରେ ମୃତ୍ୟବରଣ କରିଥିବା ଦେଭୋଗ ଗ୍ରାମର ସ୍ୱର୍ଗତଃ ଗଜେନ୍ଦ୍ର ପ୍ରଧାନଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଦେଭୋଗ ପଞ୍ଚାୟତ ବିଜୁ ଜନତା ଦଳର ସଭାପତି ଧନଞ୍ଜୟ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ୨୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ରନାଥ ଅଣ୍ଡିଆ,ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ,ପୂର୍ବତନ ସମିତି ସଦସ୍ୟ ମୃତ୍ୟୁଞ୍ଜୟ ନାୟକ, ରାଧାକୃଷ୍ଣ ଦାସ, ସରପଞ୍ଚ ଜୟନାରାୟଣ ମହାପାତ୍ର ,ସୁଶାନ୍ତ ଗିରି, ରାଜକିଶୋର ଦାସ, ରତ୍ନାକର ସାହୁ,ଲକ୍ଷ୍ମୀଧର ଦାସ, ସୁବଳ ଗିରି, ଅଜୟ ଗିରି, ଭୁପତି ଦାସ, ସୁଶାନ୍ତ ନାତଦୋଳ ଗୋବିନ୍ଦ ପଟ୍ଟାୟତ,ସୁଧାଂଶୁ ମାଣିକ, ଉଜ୍ୱଳ ଗିରି, ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ ।

## ବିଜୁ ଜନତାଦଳ କାର୍ଯ୍ୟାଳୟରେ ବିଜୁବାବୁଙ୍କ ଶ୍ରାଦ୍ଧଦିବସ ପାଳିତ

ବାଲିଆପାଳ,୧୮/୦୪ (ନି.ପ୍ର): ବାଲିଆପାଳ ବ୍ଲକ ପାରୁଳିଆଛକସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଜୁ ବାବୁଙ୍କ ୨୪ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି ବିଜୁ ଛାତ୍ର ଜନତା ସଭାପତି ଲକ୍ଷ୍ମୀଧର ପାତ୍ର,ଚନ୍ଦନ ଅଣ୍ଡିଆ,ଲମ୍ବୁଦର ମାହାନା, ଚନ୍ଦନ ପାଠୀ, ବଂଶିଧର ନନ୍ଦୀ, ଆଶିଷ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ବିଜୁବାବୁଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପନ ପୂର୍ବକ ସ୍ମୃତିଚାରଣ କରିଥିଲେ ।

## ଧଳା ପେଚା ଉଦ୍ଧାର

ନୀଳଗିରି,୧୮/୦୪ (ନି.ପ୍ର): ଏକ ଧଳାପେଚାକୁ ଉଦ୍ଧାର କରି ଜୈନିକ ଯୁବକ କୁଲଡିହା ତିନିକୋଶିଆରେ ଛାଡ଼ି ଦେଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ ଗରଡିହି ପଞ୍ଚାୟତର କୁଞ୍ଜବଣିଆ ଗ୍ରାମର ଏକ ଛୋଟ ତାଳଗଛରେ ଏକ ଧଳା ପେଚା ବସିଥିବା ବେଳେ ଧଳା ପେଚା କୁ ଧରିବା ପାଇଁ ଯୁବକମାନେ ଯୋଜନା କରୁଥିବା ବେଳେ ଉକ୍ତ ଗ୍ରାମର ଶିବାଜୀ ସିଂ ସେମାନଙ୍କର ଯୋଜନାକୁ ଭଣ୍ଡୁର କରି ଧଳା ପେଚାଟିକୁ ଉଦ୍ଧାର କରି ତିନିକୋଶିଆ ଜଙ୍ଗଲରେ ଛାଡ଼ିବା ଘଟଣା ଶିବାଜୀର ମାନବିକତାର ପରିଚୟ ଦେଇଛନ୍ତି ।

## ରାଇବଣିଆରୁ ବ୍ୟାପକ ମୋରମ ଚୋରା ଚାଲାଣ : ରାଜସ୍ୱହାନୀ

ଜଳେଶ୍ୱର, ୧୮/୪ (ନିପ୍ର) : ରାଇବଣିଆ ଅଂଚଳରୁ ପ୍ରତିଦିନ ପଶ୍ଚିମବଂଗକୁ ହଜାର ହଜାର ଟ୍ରିପ୍ ମାଟି ମୋରମ ଚୋରାରେ ଚାଲାଣ ହେଉଥିବାରୁ ବ୍ୟାପକ ରାଜସ୍ୱହାନୀ ଘଟୁଛି । ରାଜସ୍ୱ ବିଭାଗର କେତେକ କର୍ମଚାରୀଙ୍କ ଜ୍ଞାତସାରରେ ଏପରି ଘଟୁଥିବାରୁ ଜନ ଅସନ୍ତୋଷ ବଢୁଛି। ଶ୍ୟାମନଗର ପଂଚାୟତର ମହୁଡୁମା ହାଟପଡିଆ ଓ ବେଗୁନିଆର ପଡିଆରେ ୪ଟି ସ୍ଥାନରେ ପାହାଡପରି ମୋରମ ଜମା କରାଯାଇଛି । କୁଶଗଡ ଅଂଚଳର ଜୈନିକ ବ୍ୟକ୍ତି ଗୋଟିଏ ସ୍ଥାନରେ ୨ଶହ କ୍ୟୁବିକ୍ ମିଟର ମୋରମର ରାଜସ୍ୱ ଜମା କରିଥିବା ବେଳେ ପ୍ରାୟ ୩ହଜାର କ୍ୟୁବିକ୍ ମିଟର ମୋରମ୍ ବିକ୍ରି କରି ଆସୁଛି । ଏଥିଲାଗି ବିଭିନ୍ନ ମହଲରୁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଅନ୍ୟପକ୍ଷରେ ଅତିରିକ୍ତ ତହସିଲଦାର ଶାନ୍ତିରାମ ମୁର୍ମୁ ଆଜି ଦକ୍ଷିଣ ପ୍ରହରାଜପୁର ଅଂଚଳରୁ ଏକ ଜେସିବି ମାଟି ଖୋଳୁଥିବା ବେଳେ ତାକୁ ଜବତ୍ କରାଯାଇଥିବା ଜଣାଯାଇଛି ।

## ସାଇଖୋମ ମିରାବାଇ ଚାନୁଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରୋତୋଳନରେ ବିଶ୍ୱ ରେକର୍ଡ଼ ସ୍ଥାପନ କରିଥିବା ସାଇଖୋମ ମିରାବାଇ ଚାନୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାସକେଣ୍ଟରେ ଚାଲିଥିବା ଏସୀୟ ଭାରୋତୋଳନ ଚମ୍ପିଅନ୍‌ସିପ୍‌ରେ କ୍ଲିନ୍ ତଥା ଜର୍କରେ ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ ସହ ବ୍ରୋଞ୍ଜ ପଦକ ବିଜୟିନୀ ହୋଇଥିବାରୁ ଭାରତର ଭାରୋତୋଳନ ତାରକା ଚାନୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତ।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ

କେନ୍ଦ୍ରାପଡା,୧୮/୦୪ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅଂଚଳରେ ଜିଲ୍ଲାର ପ୍ରଥମ କରି ଅଂଶୁଘାତ ମୃତ୍ୟୁ ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି । ପ୍ରଚଣ୍ଡ ଖରାରେ ଦିନ ୧୨ଟା ସମୟରେ ଚାଳଘର ଛପର କରୁଥିବା ବେଳେ ଯୁବ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଅସହ୍ୟ ତାତିରେ କାମ କରୁଥିବା ଏହି ଯୁବକ ଆୟବା ପଂଚାୟତର ଗଣ୍ଡାକିଆ ଗ୍ରାମର ଅମିୟ ସ୍ୱାଇଁ(୪୨) ଟଳି ପଡିଥିଲେ।

# ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ଧାମନଗର,୧୮/୦୪ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ମହାନ ଜନନାୟକ, ଆଧୁନିକ ଓଡ଼ିଶାର ନିର୍ମାତା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୪ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଧାମନଗର ଅଂଚଳରେ ବିଜୁ ଜନତାଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧାମନଗର ନଗର ବିଜୁ ଜନତାଦଳ ପକ୍ଷରୁ ସାନବଜାର ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ନଗର ସଭାପତି ସୁଶାନ୍ତ କୁମାର ରାଉତ, ସାଂସଦ ପ୍ରତିନିଧି ଶରତ ଚନ୍ଦ୍ର ମହାନ୍ତି, ବିଜେଡ଼ି ନେତା ଲମ୍ବୋଦର ଜେନା, କୃଷ୍ଣଚନ୍ଦ୍ର ଜେନା, ସେକ୍ ଜାଫର ଅଲ୍ଲୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଜୟ କୁମାର ବେହେରା, ସରୋଜ କୁମାର ସେଠୀ, ଏମ୍‌ଡ଼ି ଫକିରୁଦ୍ଦିନ୍, ସୂର୍ଯ୍ୟକାନ୍ତ ନାୟକ, ଚକ୍ରଧର ଦାସ, କୈଳାଶ ଯେନା, ବିଜୟ କେତନ ସାହୁ, ନରେଶ ମହାନ୍ତି, ଜ୍ଞାନରଂଜନ ମହାକୁଡ଼, ପୟଧର ବେହେରା, ଶ୍ରୀଧର ରାଉତ, ଅଧ୍ୟାପକ ଚିତ୍ତରଂଜନ ଦାଶ, ଆଇନ୍‌ଜୀବୀ ଅମରେନ୍ଦ୍ରନାଥ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ସନ୍ଧ୍ୟା ସମୟରେ ବ୍ଲକ ବଜାର ସ୍ଥିତ ଶିବସାଇ ଓ ମା' ମଙ୍ଗଳା ମନ୍ଦିରରେ ସ୍ୱର୍ଗତ ବିଜୁ ବାବୁଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ସମୂହ ଦୀପ ଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ଗୋବିନ୍ଦରାୟ ଜିଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ

ଜଳେଶ୍ୱର, ୧୮/୪ (ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାାୟାଁରାମଚନ୍ଦ୍ରପୁର ପଂଚାୟତର ରାୟାଁ ସାହିଠାରେ ଗୋବିନ୍ଦରାୟ ଜିଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହୋଇ ଯାଇଛି। ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ରବିନାରାୟଣ ରଥସର୍ମା। ପୌରହିତ୍ୱ କରି ଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ଅଶ୍ୱିନୀ ପାତ୍ର, ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ସମ୍ମାନୀତ ଅତିଥିଭାବେ ସଂଚିତ ସେନାପତି, ପ୍ରବିର କୁମାର ଦାସ, ସୃଷ୍ଟିଧର ଦାସ, ରାମକୃଷ୍ଣ ସାହୁ, ରାଧାକୃଷ୍ଣ ପ୍ରଧାନ, ସପନ କୁମାର ଦାସ ଓ ସୁବୋଧ ବିହାରି ପାଳ ବକ୍ତବ୍ୟ ରଖି 'ଗୋବିନ୍ଦ ଜ୍ଞାନଚକ୍ର'ର ୪ର୍ଥ ସଂଖ୍ୟାକୁ ଲିକାର୍ପିତ କରାଯାଇଥିଲା। ଗୋବିନ୍ଦ ଜିଉ ସେବା ସମିତିର ସଭାପତି ଖଗେନ୍ଦ୍ର ନାଥ ସାହୁ କାର୍ଯ୍ୟକ୍ରମର ସୂଚନା ଓ ଆଧ୍ୟମ୍ୱିକ ଚିନ୍ତାଚେତନାର ଉଦ୍ଦେଶ୍ୟ ସଂପର୍କରେକହିଥିଲେ। ଉତ୍ସବ ପୂର୍ବରୁ ଗ୍ରାମର ୧୨୮ ଜଣ ମହିଳା ସୁବର୍ଣ୍ଣରେଖା ନଦୀରୁ ପୂର୍ଣ୍ଣକଳସ ଆଣି ମନ୍ଦିର ପ୍ରତିଷ୍ଠା କରିଥିଲେ। ୪ ଦନ ବ୍ୟାପି ଏହି କାର୍ଯ୍ୟକ୍ରମରେ ବିଭିନନ ଆଧ୍ୟାମ୍ୱିକ କାର୍ଯ୍ୟକ୍ରମ, ସଂକୀର୍ତ୍ତନ, ନାମଯଜ୍ଞ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମର ବିଭିନ୍ନ ବିଜ୍ଞ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଷ୍ଣୁପଦ ମହାପାତ୍ର, ସୁବୋଧ ପାଳ, ବଳରାମ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଅଭିମନ୍ୟୁ ସାହୁ, କୁଂଜବିହାରୀ ଜେନା, ନିରଞ୍ଜନ ସାହୁ, ଲକ୍ଷ୍ମିଧର ସାହୁ, ମଧୁସୂଦନ ସାହୁ, ହରିଶ୍ଚନ୍ଦ୍ର ସାହୁ, ସୁଶାନ୍ତ ସାହୁ, କମଳଲୋଚନ ସାହୁ, ଧନଞ୍ଜୟ ସାହୁ ଓ କରୁଣାକର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଦୀନକୃଷ୍ଣ କଲେଜରେ ୱାର୍ଲ୍ଡ ହେରିଟେଜ ଦିବସ ପାଳିତ




ଜଳେଶ୍ୱର, ୧୮/୪ (ନିପ୍ର) : ଜଳେଶ୍ୱର ବ୍ଲକ ଦୀନକୃଷ୍ଣ ମହାବିଦ୍ୟାଳୟରେ ଏନ୍‌ସିସି ଓ ରେଡକ୍ରସ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ଐତିହ୍ୟ ଦିବସ (ୱାର୍ଡ ହେରିଟେଜ୍) ପାଳିତ ହୋଇ ଯାଇଛି । ସଂସ୍କୃତି, ପରମ୍ପରା ଓ ପରିଚ୍ଛନ୍ନତା ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରୁଥିବାରୁ ଏପରି ପାଳନ ଲାଗି ସରକାର ଗାଇଡଲାଇନ୍ ପ୍ରସ୍ତୁତ କରିଛନ୍ତି । କୋଭିଡ୍ ନିୟମ ଅନୁସାରେ ଏନ୍‌ସିସି ଅଫିସର ଧନେଶ୍ୱର ସେଠୀ ଓ ରେଡକ୍ରସ ଅଫିସର ଡ. ମାନସ ରଂଜନ ଦାସଙ୍କ ନେତୃତ୍ୱରେ ଏପରି ଦିବସ ପାଳିତ ହୋଇଛି। ପୂର୍ବାହ୍ନରେ ଏକ ସଚେତନତା ରାଲି ମହେଶ୍ୱର ବେହେରା ଓ ଦିବ୍ୟେନ୍ଦୁ ପଟ୍ଟନାୟକଙ୍କ ନେତୃତ୍ୱରେ ସେ ଅଂଚଳ ପରିକ୍ରମା କରିଥିବା ବେଳେ କଲେଜ ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ରାଉତ ଏହାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ଡ. ରାଉତ ସଭାପତିତ୍ୱ କରି ବିଶ୍ୱ ଐତିହ୍ୟ ଦିବସ ସମ୍ପର୍କରେ ସୂଚନା ଦେଇଥିଲେ। ଡ. ମାନସ ଦାସ ଏଥିରେ ଭାରତୀୟ ଐତିହ୍ୟ ଓ ପରମ୍ପରା ସଂପର୍କରେ ବର୍ଣ୍ଣନା କରି ଏହାର ସୁରକ୍ଷା, ସଂଗ୍ରକ୍ଷଣ ଓ ପ୍ରଚାର ପ୍ରସାର ସଂପର୍କରେ କହିଥିଲେ। ପ୍ରାଧ୍ୟାପକ ସୁଭେନ୍ଦୁ ଦାସ, ଶୁଶାନ୍ତ ଗିରି, ତପନ ପାତ୍ର, ସନ୍ତୋଷ ବେହେରା, ଅଂଜନା ଭୋଇ, ରୋଜି ମଲ୍ଲିକ, ପୁଷ୍ପାଞ୍ଜଳି ପାଇକରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅଫିସର ଧନେଶ୍ୱର ସେଠୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଛାତ୍ରୀ ରାଜଲକ୍ଷ୍ମୀ ଜେନା, ସନ୍ଧ୍ୟାରାଣୀ ଜେନା, ନମିତା ଧଳ, ରଂଜୁରାଣୀ ପ୍ରଧାନ, ଭଗବତି ନାୟକ, ଦେବିରାଣୀ ସେନାପତି ପ୍ରମୁଖ ମଂଚରେ ଓଡିଶୀ, ସମ୍ବଲପୁରୀ, କଥକ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ମାନସ ସେଠୀ, ପାର୍ଥସାରଥି ପଣ୍ଡା, ଶୁଭମ୍ ମିଶ୍ର, ଭରତ ଜେନା, ସୁଲତାନ ହୋସେନ୍, ସୁମନ ଦାସ, ରୁପାଲି ପରିଡା, ଆନନ୍ଦ ପ୍ରଧାନ, ଅନିତା ଗିରି, ମାଧୁରୀ ଜେନା, ପୂର୍ଣ୍ଣିମା ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମୋଦିଙ୍କୁ ଚିଠି ଲେଖି ୫ଟି ....

ମହାମାରୀ କରୋନାର ମୁକାବିଲା କରିବା ପାଇଁ ୫ଟି ପରାମର୍ଶ ଦେଇଛନ୍ତି । କରୋନା ଭୂତାଣୁର ସଂକ୍ରମଣକୁ ନେଇ ଚିଠିରେ ଉଦବେଗ ପ୍ରକାଶ କରିଛନ୍ତି ମନମୋହନ ସିଂ । କରୋନା ବିରୋଧୀ ଲଢେଇ ପାଇଁ ସେ ୫ଟି ପରାମର୍ଶ ଦେଇଛନ୍ତି । ସରକାର ଆସନ୍ତା ୬ ମାସ ପାଇଁ କେଉଁ କେଉଁ କଂପାନୀ ଠାରୁ କେତେ ଟିକା ବରାଦ କରିଛନ୍ତି, ତାହା ସାର୍ବଜନୀନ କରନ୍ତୁ । ଯାହାଦ୍ୱାରା ଏହି ସମୟରେ ଟିକାକରଣ ପାଇଁ ଏକ ସଂଖ୍ୟା ଧାର୍ଯ୍ୟ କରାଯାଇ ପାରିବ ଓ ଟିକା ଯୋଗାଣକାରୀ ସଂସ୍ଥା ସେହି ଅନୁସାରେ ଟିକା ଯୋଗାଇବେ । ବିଭିନ୍ନ ରାଜ୍ୟକୁ ଟିକାଯୋଗାଣରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଥିବା ନେଇ ସରକାର ସୂଚନା ଦେବା ଆବଶ୍ୟକ । ଏହାଛଡା ଜରୁରୀକାଳୀନ ବ୍ୟବହାର ପାଇଁ ୧୦ ପ୍ରତିଶତ ଟିକା ଯୋଗାଇବା ଆବଶ୍ୟକତା ରହିଛି । ଟିକାକରଣ ପାଇଁ ସମ୍ମୁଖ ଯୋଦ୍ଧା ଚୟନରେ ରାଜ୍ୟ ସରକାରଙ୍କୁ କିଛିଟା ସ୍ୱାଧୀନତା ଦିଆଯିବା ଉଚିତ । ଯାହାଫଳରେ ୪୫ ବର୍ଷରୁ କମ ବୟସର ସମ୍ମୁଖ ଯୋଦ୍ଧାଙ୍କୁ ଟିକାକରଣ କରାଯାଇପାରିବ । ସେଥିରେ ଶିକ୍ଷକ, ବସ. ଟ୍ୟାକ୍ସି ଓ ଅଟୋ ଡ୍ରାଇଭରଙ୍କୁ ସାମିଲ କରାଯାଇ ପାରିବ । ଟିକା ନିର୍ମାଣକାରୀ କଂପାନୀଙ୍କୁ ଅନୁଦାନ ଓ ଅନ୍ୟ ସୁବିଧା ଯୋଗାଇଦେବା ଉଚିତ । ଏଥିସହ ଟିକା ନିର୍ମାଣ ପାଇଁ ଲାଇସେନ୍ସ ଦିଆଗଲେ, ଅଧିକ କଂପାନୀ ଟିକା ନିର୍ମାଣ କରିପାରିବେ । ଇସ୍ରାଇଲ ଏହି ନୀତି ଆପଣେଇଥିବାରୁ ଭାରତ ମଧ ଲାଇସେନ୍ସ ଦେବା ଦିଗରେ ପଦକ୍ଷେପ ନେବା ଉଚିତ । ପୂର୍ବରୁ ଏଡସର ମୁକାବିଲା ସମୟରେ ସେପରି କରାଯାଇଥିଲା । ଦେଶରେ ନିର୍ମିତ କରୋନା ଟିକା ସୀମିତ ହୋଇଥିବାରୁ ବିଦେଶରେ ନିର୍ମାଣ ହୋଇଥିବା ଟିକା ଯାହା ବ୍ୟବହାର ପାଇଁ ୟୁଏସଏଫଡିଏ ଠାରୁ ଅନୁମତି ପାଇସାରିଛି । ତୁରନ୍ତ ସେହି ଟିକା ଆମଦାନୀ କରିବା ଉଚିତ । ତା ବି ବିନା ପରୀକ୍ଷଣରେ । ଦେଶରେ କରୋନା ଭୟାନକ ଭାବେ ମାଡି ଚାଲିଛି । ଦେଶ ଏବ ଜରୁରୀକାଳୀନ ସ୍ଥିତି ଦେଇ ଗତି କରୁଛି । ତେଣୁ ବିଦେଶୀ ଟିକାକୁ ଦେଶରେ ମାନବ ପରୀକ୍ଷଣ କଲେ ସମୟ ନଷ୍ଟ କରିବା ଭଳି ହେବ ବୋଲି ଚିଠିରେ ଲେଖିଛନ୍ତି ମନମୋହନ ସିଂ ।

## ଏକବିଂଶ ଶତାବ୍ଦୀରେ ଉତ୍କଳୀୟ ....

ନବବର୍ଷ ପାଳନ କରୁଅଛୁ । ବର୍ତ୍ତମାନ ସମୟରେ ଟେକ୍ନୋଲୋଜି ମାଧ୍ୟମରେ ଆମେ ଆମର ସଂସ୍କୃତି ଓ ପରମ୍ପରା, ଉତ୍ସବ ପାଳନର ମହତ୍ତ୍ୱ, ଓଡ଼ିଆ ଭାଷାକୁ ନୂଆ ଢଙ୍ଗରେ ଉପସ୍ଥାପିତ କରିବାର ପ୍ରଭାବଶାଳୀ ମାଧ୍ୟମ ତିଆରି କରି ପାରିଛନ୍ତି । ତେବେ ଏହାକୁ ବ୍ୟାପକ କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନର କରୋନା ମହାମାରୀ ସମୟରେ ଆମକୁ ପୂର୍ବାପେକ୍ଷା ଅଧିକ ସତର୍କ ରହିବାକୁ ପଡ଼ିବ। ନିୟମିତ ମାସ୍କ ପିନ୍ଧିବା ସହ ଲୋକମାନଙ୍କୁ ସଚେତନ କରିବାର ସାମାଜିକ ଦାୟିତ୍ୱ ନେବା ପାଇଁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## କରୋନାର ଦ୍ରୁତ ସଂକ୍ରମଣ .....

ସଟଡାଉନ ଭଳି କଠୋର କଟକଣା ଲାଗୁ ନକରି କିଭଳି ଦ୍ୱିତୀୟ ଲହରର ଦ୍ରୁତ ସଂକ୍ରମଣକୁ କମ୍ କରାଯାଇ ପାରିବ ନଜର ପକାନ୍ତୁ । କେମିତି ରୋକିହେବ କରୋନାର ସଂକ୍ରମଣ ? ଦେଶରେ କୋଭିଡ୍ ଟିକାକରଣକୁ ଜୋରଦାର କରିବା, ୪୫ ବର୍ଷରୁ କମ୍ ଏକାଧିକ ରୋଗ ଥିବା ବ୍ୟକ୍ତିଙ୍କ ଟିକାକରଣ, ଉପଲବ୍ଧ କରୋନା ଟିକା ଗୁଡିକର ବ୍ୟହାର ପାଇଁ ଅନୁମତି, କରୋନା ଟିକା ଉତ୍ପାଦନକୁ ତ୍ୱରାନ୍ୱିତ କରିବା, ଟିକା ଗ୍ରହଣକୁ ନେଇ ରହିଥିବା ଅନିଚ୍ଛାକୁ ଦୂର କରିବା, ଟିକା ନେବାପରେ ପାଶ୍ୱର୍ ପ୍ରତିକ୍ରିୟାକୁ ଭଲଭାବେ ନିରୀକ୍ଷଣ କରିବା, ଭୂତାଣୁର ପ୍ରକାର ଜାଣିବାକୁ ଜେନମ୍ ସିକ୍ୱେନ୍ସିଂ କରିବା, ସଂକ୍ରମିତଙ୍କ ଚିହ୍ନଟ ପାଇଁ କରୋନା ପରୀକ୍ଷାକୁ ଜୋରଦାର କରିବା, କରୋନା ସତର୍କତା ଗ୍ରହଣ ପାଇଁ ଲୋକଙ୍କୁ ବାଧ କରିବା, ଭିଡକୁ ଯଥା ସମ୍ଭବ କମ୍ କରିବା ପାଇଁ ଚେଷ୍ଟା କରିବା, ବାହାରୁ ଆସୁଥିବା ଲୋକଙ୍କ କ୍ୱାରେଂଟିନ୍ ଓ ଆଇସୋଲେସନ୍ ।

## ଗୋଟିଏ ଦିନରେ ୩୬୬୪....

୫୮ ଜଣ, ଝାରସୁଗୁଡ଼ାରୁ ୧୮୩ ଜଣ, କଳାହାଣ୍ଡିରୁ ୩୨୪ ଜଣ, କନ୍ଧମାଳ ଜିଲ୍ଲାରୁ ୧୬ ଜଣ. କେନ୍ଦ୍ରାପଡ଼ାରୁ ୨୯ ଜଣ, କେନ୍ଦୁଝରରୁ ୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୭୦୪ ଜଣ, କୋରାପୁଟରୁ ୩୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୧୧୯ ଜଣ, ନବରଙ୍ଗପୁରରୁ ୮୧ ଜଣ, ନୟାଗଡ଼ରୁ ୨୮ ଜଣ, ନୂଆପଡ଼ାରୁ ୨୨୧ ଜଣ, ପୁରୀରୁ ୧୪୩ ଜଣ, ରାୟଗଡ଼ାରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୯୯ ଜଣ, ସୋନପୁରରୁ ୧୬ ଜଣ, ସୁନ୍ଦରଗଡ଼ରୁ ୩୪୦ ଜଣ ଓ ଷ୍ଟେଟ୍ ପୁଲରୁ ୧୫୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# କୁମ୍ଭମେଳା ଅଂଶଗ୍ରହଣକାରୀଙ୍କୁ ରହିବାକୁ ହେବ ୧୪ ଦିନିଆ ବାଧ୍ୟତାମୂଳକ ସଂଗରୋଧରେ

ଭୁବନେଶ୍ୱର, ୧୮ ଏପ୍ରିଲ- କୁମ୍ଭ ମେଳାରେ ଭାଗନେଇଥିବା ବ୍ୟକ୍ତି ୧୪ ଦିନ ପାଇଁ ବାଧ୍ୟତାମୂଳକ ଭାବେ ସଂଗରୋଧ ରେ ରହିବେ । ଆଶା ଏବଂ ଅଙ୍ଗନୱାଡି କର୍ମୀ କୁମ୍ଭ ଫେରନ୍ତାଙ୍କ ଘରକୁ ପରିଦର୍ଶନରେ ଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବେ । ସମସ୍ତ କୁମ୍ଭ ଫେରନ୍ତା ନିଜକୁ ସ୍ୱେଚ୍ଛାକୃତ ଭାବେ ଆଇସୋଲେସନ୍‌ରେ ରଖିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ବିଡିଓ, ମ୍ୟୁନସିପାଲ, ଏନ୍‌ଏସି ଅଫିସର, ପିଏଚ୍‌ସି, ସିଏଚ୍‌ସିକୁ ରିପୋର୍ଟ କରିବେ । ମିଳିଥିବା ସୂଚନା ଅନୁସାରେ କୁମ୍ଭମେଳାରେ ଭାଗ ନେବାକୁ ଯାଇଥିବା ଉତରାଖଣ୍ଡ ସରକାରଙ୍କ ନିକଟରେ ପଞ୍ଜିକୃତ ବ୍ୟକ୍ତିଙ୍କ ନାମ ସେୟାର କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର । ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ମ୍ୟୁନସିପାଲଟି କମିଶନରଙ୍କୁ ଏହି ପଞ୍ଜିକୃତ ବ୍ୟକ୍ତିମାନଙ୍କ ତାଲିକା ପ୍ରଦାନ କରିଛନ୍ତି । ଏବଂ ତାଲିକାରେ ନାମ ଥିବା ବ୍ୟକ୍ତିଙ୍କ ସହ ଯୋଗାଯୋଗ କରି ଓଡ଼ିଶା ଫେରିବା ପୂର୍ବରୁ ଆରଟିପିସିଆର ଟେଷ୍ଟ କରାଇ ନେବାକୁ ପରାମର୍ଶ ଦେବାକୁ ଏସ୍‌ଆରସି ଚିଠିରେ ଉଲ୍ଲେଖ କରିଥିବା ଜଣା ପଡିଛି । କୁମ୍ଭମେଳାରେ ଭାଗ ନେଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରହିବାକୁ କୁହାଯାଇଛି ।

# ୧୪ଟି ପ୍ରକଳ୍ପକୁ ଅନୁମତି ମିଳିବା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରିଙ୍କୁ ଧନ୍ୟବାଦ ଜଣାଇଲା ରାଜ୍ୟ ବିଜେପି

ଭୁବନେଶ୍ୱର,୧୮/୦୪ (ନି.ପ୍ର): ଜାତୀୟ ରାଜପଥ -୨୬ ଅଧୀନରେ ଥିବା ଭବାନୀପାଟଣା ଟାଉନ ଅଂଶ ରାସ୍ତା ନିର୍ମାଣ ପାଇଁ ୩.୨୭ କୋଟି, ମୋହନାରୁ ମାଲଓ୍ୱା ଘାଟ ରାସ୍ତା ପାଇଁ ୨୩.୨୧ କୋଟି, ଅଙ୍ଗାବିରା ଠାରୁ ନାକଟିଦେଉଳ ରାସ୍ତା ପାଇଁ ୧୪.୭୩ କୋଟି, ଜାତୀୟ ରାଜପଥ -୫୩ର ବିଭିନ୍ନ ରାସ୍ତା ପାଇଁ ୬.୫ କୋଟି, ଜାତୀୟ ରାଜପଥ-୨୦ ରାସ୍ତା ପାଇଁ ୧୮.୦୬ କୋଟି, ଜାତୀୟ ରାଜପଥ -୫୫ର ବିଭିନ୍ନ ରାସ୍ତା ପାଇଁ ୨୨.୫୨ କୋଟି, ଜାତୀୟ ରାଜପଥ-୧୪୯ ପାଇଁ ୫.୭୨ କୋଟି, ୫ଟି ଓଭର ବ୍ରିଜ ନିର୍ମାଣ ପାଇଁ ୧୫୪.୦୫ କୋଟି, ଜାତୀୟ ରାଜପଥ-୩୧୬ ରାସ୍ତା ମରାମତି ପାଇଁ ୧୩୭.୬୧ କୋଟି, ଟ୍ରକ ରହିବା ସ୍ଥାନ ପାଇଁ ୧୧.୮ କୋଟି, ଜାତୀୟ ରାଜପଥ ୧୫୩-ବି କଂଟିଆଲି ରେ ବ୍ରିଜ ନିର୍ମାଣ ପାଇଁ ୯.୭ କୋଟି, ଜାତୀୟ ରାଜପଥ-୫୯ ବ୍ରହ୍ମପୁର ବାଇପାସ ରାସ୍ତା ନିର୍ମାଣ ପାଇଁ ୧୯୬.୯୪ କୋଟି ଏବଂ ସଡକ ସୁରକ୍ଷା କାର୍ଯ୍ୟ ପାଇଁ ୧.୪୨ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ରାଜ୍ୟରେ ସଡକ ସୁରକ୍ଷା ଓ ଜାତୀୟ ରାଜପଥ ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ପ୍ରଚେଷ୍ଟା ଓ ଆନ୍ତରିକତା ଥିବା କାରଣରୁ ରାଜ୍ୟରେ ସଡକ ନିର୍ମାଣରେ ବିକାଶ ହୋଇଥିବାରୁ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ସିବଲଙ୍କ ଦାବି : ପ୍ରଧାନମନ୍ତ୍ରୀ ଜାତୀୟ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରନ୍ତୁ

ନୂଆଦିଲ୍ଲୀ,୧୮/୦୪ (ନି.ପ୍ର): ବରିଷ୍ଠ କଂଗ୍ରେସ ନେତା କପିଲ ସିବଲ କହିଛନ୍ତିଯେ, କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ଏହାକୁ ଜାତୀୟ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବାକୁ ଦାବି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏହା କହିବା ସହିତ ନିର୍ବାଚନ ଆୟୋଗଙ୍କ ସହ ଏଭଳି ନିର୍ବାଚନ ରାଲି ବାତିଲ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । କପିଲ ସିବଲ ରବିବାର ଦିନ ଟ୍ୱିଟ୍ କରି କହିଛନ୍ତି ଯେ, ଦେଶରେ କରୋନାର ସ୍ଥିତି ବହୁତ ଜଟିଳ । ଲୋକମାନେ ସୁସ୍ଥ ହେବା ତୁଳନାରେ ସଂକ୍ରମଣ ମାମଲା ଅଧିକ ବଢ଼ିବାରେ ଲାଗିଛି । ଏଭଳି ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦି ଏହାକୁ ଜାତୀୟ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବା ଉଚିତ୍। ଏଥି ସହିତ ନିର୍ବାନ ଆୟୋଗ ସମସ୍ତ ନିର୍ବାଚନ ରାଲିକୁ ବାତିଲ କରି ଲୋକମାନଙ୍କ ଜୀବନ ରକ୍ଷା କରନ୍ତୁ ବୋଲି ସେ କହିଛନ୍ତି । ଏହା ପୂର୍ବରୁ ରାହୁଲ ଗାନ୍ଧୀ ମଧ୍ୟ କରୋନା ସଂକ୍ରମଣ ବୃଦ୍ଧି ମାମଲାକୁ ଦୃଷ୍ଟିରେ ରଖି ତାଙ୍କର ପଶ୍ଚିମ ବଙ୍ଗରେ ହେବାକୁ ଥିବା ନିର୍ବାଚନ ସମାବେଶକୁ ବାତିଲ କରିଛନ୍ତି । ଏଥି ସହିତ ଅନ୍ୟ ନେତା ମାନଙ୍କୁ ବଡ଼ ରାଜନୈତିକ ସଭାର ଫଳାଫଳ ବିଷୟରେ ବିଚାର କରିବାକୁ କହିଛନ୍ତି ।

ବାଲେଶ୍ୱର, ସୋମବାର, ୧୯ ଅପ୍ରେଲ ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## କରୋନା ପାଇଁ ବେଡ, ଆଇସିୟୁ ଓ ଲଜିଷ୍ଟିକ ବୃଦ୍ଧି କରାଯାଉଛି : ଡିଏମଇଟି ସି.ବି.କେ. ମହାନ୍ତି

ଭୁବନେଶ୍ୱର,୧୮/୦୪ (ନି.ପ୍ର): ରାଜ୍ୟରେ ବଢୁଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ଆବଶ୍ୟକକା ଅନୁସାରେ ବେଡ଼, ଆଇସିୟୁ ଓ ଲଜିଷ୍ଟିକ ବୃଦ୍ଧି କରାଯାଉଛି । ଏ ନେଇ ଆୟୋଜିତ ସମୀକ୍ଷା ବୈଠକ ପରେ ଡିଏମଇଟି ସିବିକେ ମହାନ୍ତି ଏହି ସୂଚନା ଦେଇଛନ୍ତି । ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ରବିବାର ଦିନ ବେଡ଼, ଆଇସିୟୁ, ଭେଂଟିଲେଟର ଓ ଅକ୍ସିଜେନର ଆବଶ୍ୟକତାକୁ ନେଇ ଏକ ବୈଠକ ବସିଥିଲା । ସେ କହିଛନ୍ତି ଯେ 'ବିଭିନ୍ନ ସ୍ଥାନର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକତା ଅନୁସାରେ ବେଡ଼, ଆଇସିୟୁ ଓ ଲଜିଷ୍ଟିକ ବୃଦ୍ଧି କରାଯାଉଛି । ଦ୍ୱିତୀୟ ଲହର କରୋନାରେ ସଂକ୍ରମଣ ହାର ବଢ଼ିଛି କିନ୍ତୁ ମୃତ୍ୟୁହାର କମ ରହୁଥିବା ସେ ପ୍ରକାଶ କରିଛନ୍ତି । ବର୍ତମାନ ସୁଦ୍ଧା ପଶ୍ଚିମ ଓଡ଼ିଶାରେ କୌଣସି ସ୍ଥାନରେ ରୋଗୀ ତଳେ ଶୋଇବାର ନଜରକୁ ଆସିନାହିଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଏବେ ୩୦ ପ୍ରତିଶତ ବେଡ଼ରେ ରୋଗୀ ଅଛନ୍ତି, ଆହୁରି ୭୦ ପ୍ରତିଶତ ବେଡ଼ ଖାଲି ଅଛି । ଆଇସିୟୁ ବେଡ଼ ୬୦ ପ୍ରତିଶତ ବ୍ୟବହାର ହେଉଛି । ଆହୁରି ମଧ୍ୟ ଦୃତ ଗତିରେ ବେଡ଼ ସଂଖ୍ୟା ବଢାଇବା ପାଇଁ ପଦକ୍ଷେପ ନିଆଯାଉଛି । ତେଣୁ ଆଶା ଅଛି କୌଣସି ସ୍ଥିତିରେ ବେଡ଼ ଓ ଆଇସିୟୁର ଅଭାବ ରହିବ ନାହିଁ । ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଡାକ୍ତରଙ୍କର ଅଭାବ ନାହିଁ । ପୂର୍ବରୁ ଗବେଷକମାନେ ଯାହା ଆକଳନ କରିଥିଲେ ଏପ୍ରିଲ ମାସରେ ସଂକ୍ରମଣ ବୃଦ୍ଧି ପାଇବ। କିନ୍ତୁ ଏବେ ଯାହା ଆକଳନ ହୋଇଛି, ମେ ମାସରେ ଆହୁରି ବୃଦ୍ଧି ପାଇବ। ସେ କହିଛନ୍ତି ଯେ ଅନେକ ସମୟରେ ଦେଖାଯାଇଛି, ଯେ ଯେଉଁ ଗତିରେ ସଂକ୍ରମଣ ହାର ବଢେ, ସେହି ଅନୁସାରେ ହ୍ରାସ ପାଏ । ଏବେ ବି ଅନୁଧ୍ୟାନ ଚାଲିଛି କି କେଉଁ ସ୍ଥାନରେ ବେଡ଼ ବୃଦ୍ଧି କରାଯାଇ ପାରିବ । ନିଷ୍ପତି ଅନୁସାରେ, ଆହୁରି ଆଇସିୟୁ ବେଡ଼ କିଣାଯିବ । ସେ କହିଛନ୍ତି ଭେଂଟିଲେଟର ଆବଶ୍ୟକ କରୁଥିବା ରୋଗୀ ମାତ୍ର ୧୬ ପ୍ରତିଶତ ଅଛନ୍ତି ।

## ଶିକ୍ଷକ ସ୍ୱାମୀର ନିର୍ଯ୍ୟାତନାର ଶିକାର ହେଲେ ସ୍ତ୍ରୀ : ଥାନାରେ ଅଭିଯୋଗ

ନୀଳଗିରି,୧୮/୦୪ (ନି.ପ୍ର): ପରସ୍ପରକୁ ଭଲ ପାଇ ବିବାହ କରିଥିଲେ ଉଭୟ ଶିକ୍ଷିତ ଯୁବକ ଯୁବତୀ । ଉଭୟ ଯୁବକ ଯୁବତୀ କିସରେ ଶିକ୍ଷା ଲାଭ କରିଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ିଉଠିଥିଲା । ପରେ ଯୁବକ ଜଣକ ଶିକ୍ଷକ ଭାବେ ଚାକିରି କରିଥିଲେ । ସୂଚନା ଅନୁଯାୟୀ ୨୬.୫.୧୫ରିଖ ପରସ୍ପର ବିବାହ କରି ସୁଖରେ ଦାମ୍ପତ୍ୟ ଜୀବନ ଅତିବାହିତ କରୁଥିଲେ । ଆଜକୁ ୧ବର୍ଷ ଧରି ସ୍ୱାମୀ, ଶ୍ୱଶୁର, ଶାଶୁ, ବଡ଼ବାପାଶୁର, ନଣନ୍ଦ ସମେତ ପରିବାର ଲୋକେ ଆରମ୍ଭ କଲେ ନିର୍ଯ୍ୟାତନା । ବାପ ଘରୁ ଟଙ୍କା ଆଣିବା ପାଇଁ ପରିବାର ଲୋକ ଯିଦ୍ ଧରିଥିବା ବେଳେ ସ୍ତ୍ରୀଙ୍କୁ ମାନସିକ ଶାରୀରିକ ନିର୍ଯ୍ୟାତନା ଦେଉଥିଲେ । ଶେଷରେ ସ୍ତ୍ରୀକୁ ମାରିଦେବା ପାଇଁ ଧମକ ମଧ ଦେଉଥିଲେ । ଏପରି ଏକ ସମ୍ବେଦନଶୀଳ ଘଟଣା ରାଜବରହମପୁର ଥାନା ଅଧିନସ୍ଥ ତେଲିପାଳ ପଞ୍ଚାୟତର ରାଇପାଳ ଗ୍ରାମର ମଙ୍ଗଳା ଟୁଡୁଙ୍କ ପରିବାରରେ ଦେଖିବାକୁ ମିଳିଛି । ମଙ୍ଗଳା ଟୁଡୁର ଶିକ୍ଷକ ପୁଅ ସନାତନ ଟୁଡୁ ଉକ୍ତ ଥାନା ଅଧିନସ୍ଥ ଛତ୍ରପୁର ପଞ୍ଚାୟତର ମଧୁପୁରିଆ ଗ୍ରାମର ରାଇମଣୀ ମାରାଣ୍ଡିକୁ ଭଲ ପାଇ ବିବାହ କରିଥିଲେ । ପ୍ରତିଦିନ ସ୍ୱାମୀ ଶ୍ୱଶୁର ସମେତ ପରିବାର ଲୋକେ ରାଇମଣୀଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିବା ବେଳେ ବିଭିନ୍ନ ସମୟରେ ବାପ ଘରୁ ଟଙ୍କା ସହିତ ଅନ୍ୟାନ୍ୟ ସାମଗ୍ରୀ ଆଣିବା ପାଇଁ କହୁଥିବା ବେଳେ ସ୍ୱାମୀ ନିଜର ସ୍ତ୍ରୀକୁ ବହୁବାର ପିଟାମରା କରି ଆସୁଥିଲେ । ଏପରିକି ଲଙ୍କା ଧୂଆଁ, କୁରାଢ଼ିରେ ହାଣିବାକୁ ଉଦ୍ୟମ କରିବା, ଖାଇବାକୁ ଦେଉ ନ ଥିବାରୁ ରାଇମଣୀ ବରହମପୁର ଥାନାରେ ସ୍ୱାମୀ ସମେତ ପରିବାର ସଦସ୍ୟ ଶ୍ୱଶୁର ମଙ୍ଗଳା ଟୁଡୁ, ସ୍ୱାମୀ ସନାତନ ଟୁଡୁ, ଶାଶୁ ସରମଣୀ ଟୁଡୁ, ନଣନ୍ଦ ସାଗରିକା ଟୁଡୁ ଏବଂ ବଡ଼ବାପାଶୁର ଗୌରା ଟୁଡୁ ନାମରେ ଅଭିଯୋଗ କରିଥିବା ଜଣାପଡ଼ିଛି । ସୂଚନାଥାଉକି ରାଇମଣୀ ନିଜର ୪ବର୍ଷର ପୁଅକୁ ଧରି ଭୋକ ଉପାସରେ ଜୀବନ କାଟୁଥିବା ବେଳେ ତାଙ୍କୁ କେବେ ନ୍ୟାୟ ମିଳିବ ସମୟକୁ ଅପେକ୍ଷା କରିଛି । ରାଇମଣି ଏବେ ଆଶ୍ରୟ ନ ପାଇ ବାପଘରେ କାଳାତିପାତ କରୁଥିବା ଜଣାପଡ଼ିଛି । ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରୁଥିବା ଜଣାପଡ଼ିଛି ।

## ରାଜ୍ୟରେ କରୋନାରେ ଆଉ ଦୁଇ ଜଣଙ୍କର ମୃତ୍ୟୁ, ମୋଟ ମୃତ୍ୟୁ ସଂଖ୍ୟା ୧୯୪୪ ହେଲା

ଭୁବନେଶ୍ୱର,୧୮/୦୪ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ଆଉ ଦୁଇ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଏହା ସହ କରୋନାରେ ରାଜ୍ୟରେ ମୃତ୍ୟୁ ବରଣ କରିଥିବା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୯୪୪ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବରଗଡ ଜିଲ୍ଲାର ଜଣେ ୭୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୩୨ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି ।

## ଭଦ୍ରକରୁ ନୂଆ କରୋନା ଆକ୍ରାନ୍ତ ୨୭ଜଣ ଚିହ୍ନଟ

ଭଦ୍ରକ,୧୮/୦୪ (ନି.ପ୍ର): ଭଦ୍ରକରୁ ଆଉ ୨୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ହେଲେ ବାସୁଦେବପୁର ବ୍ଲକ ବଳସାହି ଗ୍ରାମର ଜଣେ, ଭଦ୍ରକ ବ୍ଲକର ଅଣ୍ଡେଇପଲୀ ଗ୍ରାମରୁ ଜଣେ, ବନ୍ଧଗାଁ ଗ୍ରାମରୁ ଜଣେ, ଗେଲପୁରରୁ ୨ଜଣ, ନଳାଙ୍ଗରୁ ଜଣେ, ତୋରଣପଦାରୁ ଜଣେ। ଭଦ୍ରକ ପୌରପାଳିକାର ୬ ନଂ ୱାର୍ଡ ବାଇପାସ୍‌ରୁ ୨ଜଣ, ୧୦ ନଂ ୱାର୍ଡ ଜଗନ୍ନାଥପୁରରୁ ଜଣେ, ୭ ନଂ ୱାର୍ଡ ଗବସାହିରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିଭଳି ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁର ଗ୍ରାମରୁ ୨ଜଣ, ନାରାୟଣପୁର ଗ୍ରାମରୁ ଜଣେ, ଚାନ୍ଦବାଲି ବ୍ଲକ ଓରାସାହି ଗ୍ରାମରୁ ଜଣେ, ଖଦାଳପୋଖରୀରୁ ଜଣେ, ଆରଡ଼ିରୁ ଜଣେ, ବାଂଶଡାରୁ ୨ଜଣ, କାଣ୍ଡବେତାଳପୁର ଗ୍ରାମରୁ ଜଣେ, ବନ୍ତ ବ୍ଲକର ବିଶଳକଣା ଗ୍ରାମରୁ ଜଣେ, ପୁରୁଷଣ୍ଡ ଗ୍ରାମରୁ ଜଣେ, ମହାନ୍ତିପଡା ଗ୍ରାମରୁ ଜଣେ, ଚାନ୍ଦବାଲି ଏନ୍‌ଏସି ଅଞ୍ଚଳରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜିଲ୍ଲା କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅଞ୍ଚଳର ଜଣେ, ବାଲେଶ୍ୱର ଜିଲ୍ଲାରୁ ଜଣେ, କେନ୍ଦ୍ରାପଡା ଜିଲ୍ଲା ଆଳି ଅଞ୍ଚଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆ ଯାଇଛି। ଏହି ନୂତନ ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଞ୍ଚିଛି ୭ ହଜାର ୯୨୯ ଏବଂ ସୁସ୍ଥଙ୍କ ସଂଖ୍ୟା ହୋଇଛି ୭ ହଜାର ୫୬୮। ଏବେ ଆଉ ୩୩୬ଜଣ ଆକ୍ରାନ୍ତ ସକ୍ରିୟ ରହିଛନ୍ତି।

## ଝିଲି ଦଳବେହେରାଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଲେ

ଭୁବନେଶ୍ୱର,୧୮/୦୪ (ନି.ପ୍ର): ଭାରୋତୋଳନ ଚମ୍ପିଆନ ସିପ୍‌ରେ ୪୫ କିଲୋଗ୍ରାମ ବର୍ଗରେ ଓଡ଼ିଶାର ସ୍ୱର୍ଣ୍ଣପଦକ ବିଜୟୀନି ଝିଲି ଦଳବେହେରାଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଉଜ୍‌ବେକିସ୍ତାନର ତାସକେଣ୍ଟ ଠାରେ ଆୟୋଜିତ ବରିଷ୍ଠ ଏସୀୟ ଭାରୋତୋଳନ ଚମ୍ପିଅନ୍‌ସିପ୍‌ରେ ୪୫ କିଲୋଗ୍ରାମ ବର୍ଗରେ ଓଡ଼ିଶାର ଝିଲି ଦଳବେହେରା ସ୍ୱର୍ଣ୍ଣ ପଦକ ବିଜୟିନୀ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଡକ୍ଟର ବିଜୟ କୁମାର ଦେଙ୍କ ଅକ୍ଟୋପାସ ପୁସ୍ତକ ଉନ୍ମୁଚିତ



ବାଲିଆପାଳ,୧୮/୦୪ (ନି.ପ୍ର): ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଡକ୍ଟର ବିଜୟ କୁମାର ଦେଙ୍କ ରଚିତ ଗଳ୍ପ ସଙ୍କଳନ "ଅକ୍ଟୋପାସ"ଉଦଘାଟିତ ହୋଇଯାଇଛି । ଏନେଇ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଥାକାର କୁମାର ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବରେ କବି ବଜେନ୍ଦ୍ରନାଥ ଗିରି,ସମ୍ମା ଅତିଥି ଭାବରେ ବରିଷ୍ଠ ନାଗରିକ ପରିଷଦର ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ସାହୁ,ସଂପାଦକ ଡାକ୍ତର ବଙ୍କିମ ଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ରାଜ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପୁସ୍ତକର ରଚୟତା ଡକ୍ଟର ବିଜୟ କୁମାର ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ପୁସ୍ତକ ସଂମ୍ପର୍କରେ ବର୍ଣ୍ଣନା କରିଥିଲେ ।ଏହି ଅବସରରେ ଅତିଥି ମାନେ ଅକ୍ଟୋପାସ ପୁସ୍ତକ କୁ ଉନ୍ମୁଚନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ସନ୍ୟାସୀ ବେହେରା,କାର୍ତ୍ତୀକ ଚନ୍ଦ୍ର ରାଉତ, କୁଞ୍ଜକାନ୍ତ ପାତ୍ର,ଗୁଣାକର ପାଳ, ବୀରମାଧବ ଦାସ, ବିଜୟ ପାତ୍ର, ଜ୍ଞାନରଞ୍ଜନ ପାତ୍ର, ଶଙ୍କର୍ଷଣ ଦେ, ବ୍ରଜେନ୍ଦ୍ରନାଥ ଦାସ,ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୩ ଗିରଫ

ଭୁବନେଶ୍ୱର,୧୮/୦୪ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୨୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୯୧,୦୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଓଡିଶାର ବିକାଶ ପାଇଁ ମୋଦି ସରକାର ବଦ୍ଧ ପରିକର : ଗୋଲକ ମହାପାତ୍ର

ଭୁବନେଶ୍ୱର,୧୮/୦୪ (ନି.ପ୍ର): ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଓଡିଶାରେ୧୧୪୪.୨୯ କୋଟି ବ୍ୟୟରେ ୩୧୪.୧୭ କି.ମି ରାସ୍ତା ପାଇଁ ୧୪ଟି ପ୍ରକଳ୍ପକୁ ଅନୁମତି ପ୍ରଦାନ କରିଛନ୍ତି। ସେହିପରି ରାଜ୍ୟରେ ସଡକ ସୁରକ୍ଷା କାର୍ଯ୍ୟ ପାଇଁ ୧.୪୨ କୋଟି ଟଙ୍କା ବ୍ୟୟ କରାଯିବ । ରାଜ୍ୟରେ ବରପାଲି ରୁ ବଲାଙ୍ଗିର ପର୍ଯ୍ୟନ୍ତ ୪-ଲେନ୍ ରାସ୍ତା ପ୍ରଶସ୍ତିକରଣ ପାଇଁ ୧୪୧.୨୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ମୁଣ୍ଡାମାରାଇର ରୁ ରତନପୁର ଜାତୀୟ ରାଜପଥ -୫୯ ପାଇଁ ୧୨୫.୯୪ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ଓଡିଶାର ବିକାଶ ପାଇଁ ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ବ୍ୟାପକ ଅର୍ଥ ବ୍ୟୟ ବରାଦ କରିଥିବାରୁ କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡକରିଙ୍କୁ ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ, ଓଡିଶାର ବିକାଶ ପାଇଁ ମୋଦି ସରକାର ବଦ୍ଧ ପରିକର । ପ୍ରଧାନମନ୍ତ୍ରୀ ସର୍ବଦା ଓଡିଶାକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେଉ ଅବା କରୋନା ମହାମାରୀ ମୋଦି ସରକାର ଓଡିଶାକୁ ଆବଶ୍ୟକତା ଠାରୁ ଅଧିକ ସହାୟତା ପ୍ରଦାନ କରିଛନ୍ତି । ଏବେ କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡକରି ଓଡିଶାରେ ୧୪ଟି ପ୍ରକଳ୍ପ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡିଶାବାସୀ ଲାଭବାନ ହେବେ । ସଡକ ପ୍ରଶସ୍ତିକରଣ, ୪-ଲେନ୍ ଓ ୨-ଲେନ୍ ରାସ୍ତା ଏବଂ ରାସ୍ତା ମରାମତି ପାଇଁ ଏହି ଅର୍ଥ ଖର୍ଚ୍ଚ ହେବ ।

## ପାଟଣାଗଡ଼ ପୂର୍ବତନ ବିଧାୟକଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୧୮/୦୪ (ନି.ପ୍ର): ପାଟଣାଗଡ଼ରୀ ପୂର୍ବତନ ବିଧାୟକ ବିବେକାନନ୍ଦ ମେହେରଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଜନପ୍ରତିନିଧି ଭାବେ ତାଙ୍କ କାର୍ଯ୍ୟ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

## ଚିକିତ୍ସା ଅବହେଳାରୁ ଦିଲ୍ଲୀରେ ଓଡ଼ିଆ ସଫ୍ଟୱେର ଡିଜାଇନରଙ୍କ ମୃତ୍ୟୁ

ନୀଳଗିରି,୧୮/୦୪ (ନି.ପ୍ର): କରୋନା ପାଇଁ ଦିଲ୍ଲୀରେ କୌଣସି ମେଡିକାଲରେ ଚିକିତ୍ସା ନ ପାଇବାରୁ ଶେଷରେ ନୀଳଗିରି ଅଞ୍ଚଳର ଜନୈକ ଡିଜାଇନ ଇଂଜିନିୟର ଯୁବକଙ୍କର ମୃତ୍ୟୁ ଘଟିବା ଘଟଣା ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଘଟଣାରୁ ପ୍ରକାଶ ନୀଳଗିରି ଥାନା ଅଧୀନସ୍ଥ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଶ୍ରୀଦେଇପୁର ଗ୍ରାମର ସୁକୁମାର ପରିଡ଼ା (୩୬) ଦିଲ୍ଲୀସ୍ଥିତ ଗାଜିଆବାଦ ଅଞ୍ଚଳରେ ଏକ କମ୍ପାନୀରେ ଡିଜାଇନର ଇଂଜିନିୟର ଭାବେ କାର୍ଯ୍ୟ କରି ଆସୁଥିଲେ । କିଛି ଦିନ ଧରି ସୁକୁମାର ଙ୍କୁ ଜ୍ୱର ଲାଗି ରହିବାରୁ ଶେଷରେ ସ୍ୱାବ ପରୀକ୍ଷା କରାଇଲା ପରେ ରିପୋଟ କରୋନା ପଜିଟିଭ ଆସିଥିଲା । ଚିକିତ୍ସା ପାଇଁ କୌଣସି ମେଡିକାଲରେ ବେଡ ମିଳି ନ ଥିଲା । ଗତ ଶନିବାର ବିଳମ୍ବିତ ରାତିରେ ହଠାତ୍ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଦିଲ୍ଲୀରେ ଥିବା ସୁକୁମାରର ସହକର୍ମୀମାନେ ଏକ ମେଡିକାଲକୁ ନେଇଥିବା ବେଳେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଅଛି । ମରଶରୀର ନିକଟରେ ତାର ସ୍ତ୍ରୀ ଓ ଦେଢ଼ ବର୍ଷର ପୁଅ ଥିଲେ । ଏଭଳି ଏକ ଦୁଃଖଦ ଖବର ନୀଳଗିରି ଶ୍ରୀଦେଇପୁର ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ସୁକୁମାରଙ୍କର ମର ଶରୀରକୁ ଦିଲ୍ଲୀରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି । ସାନପୁଅର ମୃତ୍ୟୁ ଖବର ପାଇ ବାପା ସୁବଳ ପରିଡ଼ା ଦୁଃଖରେ ଭାଙ୍ଗିପଡ଼ିଛନ୍ତି । କରୋନାର ମୃତ୍ୟୁ ନେଇ ପରିବାର ଲୋକେ ଖଣ୍ଡନ କରିଥିବା ସୂଚନା ମିଳିଛି ।

## ନିୟମିତ ମାସ୍କ ପିନ୍ଧିବାକୁ ମୁଖ୍ୟମନ୍ତ୍ରୀ କଲେ ନିବେଦନ

ଭୁବନେଶ୍ୱର,୧୮/୦୪ (ନି.ପ୍ର): କରୋନାକୁ ପରାସ୍ତ କରିବାକୁ ନିୟମିତ ମାସ୍କ ପିନ୍ଧିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିବେଦନ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ମାସ୍କ ହିଁ ସମସ୍ତଙ୍କର ଜୀବନ ରକ୍ଷାକାରୀ କବଚ । ଏଥିରେ ସାମାନ୍ୟ ଅବହେଳା ଆମକୁ ସଂକଟରେ ପକାଇବା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

## ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ବିଜୁବାବୁଙ୍କ ୨୪ ତମ ଶ୍ରାଦ୍ଧଦିବସ ପାଳିତ

ବାଲିଆପାଳ,୧୮/୦୪ (ନି.ପ୍ର): ବାଲିଆପାଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ କଳିଙ୍ଗର ବରପୁତ୍ର ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ବାବୁଙ୍କ ୨୪ ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି ।ଡଗରାସ୍ଥିତ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅନନ୍ତ କୁମାର ନାଗଙ୍କ ବାସଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭିଟାମାଟି ସୁରକ୍ଷା କମିଟିର ସଭାପତି ସୁବାଷ ଚୌଧୁରୀ ସଭାପତିତ୍ୱ କରିଥିଲେ ।ଏଥିରେ ମୁଖ୍ୟ ଅତିଥି ଭାବରେ ଆବାହକ ଅରୁଣ ଜେନା ଯୋଗ ଦେଇ ନିଜ ବକ୍ତବ୍ୟରେ ସ୍ୱର୍ଗତଃ ବିଜୁବାବୁ ଥିଲେ ବାଲିଆପାଳ କ୍ଷେପଣାସ୍ତ୍ରଘାଟି ଆନ୍ଦୋଳନର ଅନ୍ୟତମ ମୁଖ୍ୟ ପୁରୋଧା ।ଆମ ମାଟିର ମହା ସଂଗ୍ରାମର ମହାନାୟକ ବିଜୁବାବୁଙ୍କର ବାଲିଆପାଳ ବାସୀଙ୍କ ପ୍ରତି ଲଢେଇ, ସଂଗ୍ରାମ ଓତ୍ୟାଗର ପଟାନ୍ତର ନାହିଁ । ୧୯୮୦ ଦଶକରେ ଘାଟି ହେବ ଭିଟାମାଟି ଯିବ ଲକ୍ଷାଧରକ ଲୋକେ ତାଙ୍କର ଘରଦ୍ୱାର ଚାହ ବାସ ହରେଇ ଦାଣ୍ଡର ଭୀକାରୀ ହେବେ ସେଦିନର ସେହି ଘଡିସନ୍ଧୀ ମୁହୂର୍ତରେ ବାଲିଆପାଳ ବାସୀଙ୍କ ବିପଦର ସାଥୀ ବୀର ବିଜୁ ପଟ୍ଟନାୟକ ଙ୍କ ତ୍ୟାଗକୁ ବାଲିଆପାଳ ମାଟି କେବେ ଭୁଲି ପାରିବ ନାହିଁ ।ତାଙ୍କର ଅକ୍ଲାଣ ସ୍ମୃତି ସଂଗ୍ରାମ ପ୍ରତି ବାଲିଆପାଳ ବାସୀ ଚିର ଋଣି ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେଉପସଭାପତି ମାୟାଧର କୁହ୍ଲାରୀ, ସଂଯୋଜକ ଅନୁଜ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜଗନ୍ନାଥ ବିଶ୍ୱାଳ, ବେଣୁଧର ରଣଜିତ, କୁସଧ୍ୱଜ ଜେନା, ତୀର୍ଥ ନାଗ, ରବୀନ୍ଦ୍ର ଜେନା, ଜାୟତ୍ରୀ ବାରିକ ଶମ୍ଭୁନାଥ ଦାସ, ଅଚ୍ୟୁତ ବେହେରା, ଗୌତମ ପରିଡା,ବାଇଧର ଦଳେଇ, ସ୍ନେହଲତା ବେହେରା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତଃ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିବା ସହ ତୈଳ ଚିତ୍ରରେ ପୁଷ୍ପଅର୍ଘ୍ୟ ପ୍ରଦାନ କରିଥିଲେ ।

## ନାଇଟ୍ କର୍ଫ୍ୟୁ ପାଳନ ପାଇଁ ପୋଲିସ ପ୍ରଶାସନର ତାଗିଦ୍

ଧାମନଗର,୧୮/୦୪ (ନି.ପ୍ର): ରାଜ୍ୟରେ କୋଭିଡର୍ ଦ୍ୱିତୀୟ ଲହରୀ ବଢିଚାଲିଥିବାବେଳେ ଏ ନେଇ ରାଜ୍ୟ ସରକାର ଏକ ବଡ଼ନିଷ୍ପତି ଘୋଷଣା କରିଛନ୍ତି। ୧୦ଟି ଜିଲ୍ଲାରେ ସନ୍ଧ୍ୟା ୬ଟାରୁ ସକାଳ ୫ଟା ଆଉ ୨୦ଟି ଜିଲ୍ଲାରେ ରାତି ୯ଟାରୁ ସକାଳ ୫ଟା ଯାଏ କେବଳ ମୁନିସିପାଲଟି ଓ ଏନ୍‌ଏସି ଅଂଚଳରେ ନାଇଟ୍ କର୍ଫ୍ୟୁ ଘୋଷଣା କରିଛନ୍ତି । ଗତ ଶନିବାର ଧାମନଗର ଏନ୍‌ଏସି ଅଂଚଳରେ ନାଇଟ୍ କର୍ଫ୍ୟୁ ପାଳନ କରିବାପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଥିଲା। ରାତି ୯ଟାରେ ପୋଲିସ ପ୍ରଶାସନ ପକ୍ଷରୁ ଧାମନଗର ଏସ୍‌ଡ଼ିପିଓ ଅଶୋକ କୁମାର ଦାସ, ଆଇଆଇସି ରତିକାନ୍ତ ଗିରି, ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ରଙ୍କ ସମେତ ପୋଲିସ ବାହିନୀ ସଦଳବଳେ ଥାନା ପରିସରରୁ ବାହାରି ବଡ଼ ଓ ସାନ ବଜାର, ମେଡ଼ିକାଲ ବଜାର ସମେତ ଏନ୍‌ଏସି ଅଂଚଳ ପରିକ୍ରମା କରି ଜନସାଧାରଣଙ୍କୁ କରୋନାର ଦ୍ୱିତୀୟ ଲହରୀ ସମ୍ପର୍କରେ ସଚେତନ କରିବାସହିତ ନାଇଟ୍ କର୍ଫ୍ୟୁକୁ ପାଳନ କରିବାପାଇଁ କହିଥିଲେ। ଏହି ଆଇନ୍‌କୁ ଉଲଙ୍ଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଡ଼ାକବାଜି ଯନ୍ତ୍ର ମାଧ୍ୟମରେସଚେତନ କରାଯାଇଛି।

## ୭ମ ଜନ୍ମଦିନର୍ ଶୁଭେଚ୍ଛା






ଆରୋହୀ ମହାନ୍ତି (ଶ୍ରୀୟା)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଶ୍ରୀୟାର ଭବିଷ୍ୟତ ଚଲାପଥ କୁସୁମିତ ହେଉ, ଏହାହିଁ କାମନା ।

ଶୁଭେଚ୍ଛା ସହ: ପିତା-ପ୍ରଦୀପ୍ତ ମହାନ୍ତି, ମାତା-ରଶ୍ମିପ୍ରଭା ପୁହାଣ, ଅଜା- ପ୍ରାଣବନ୍ଧୁ ପୁହାଣ, ଆଈ-ଆଦରମଣି ପୁରାଣ, ମାମୁଁ- ରାମକୃଷ୍ଣ ପୁହାଣ, ମାଇଁ- ପ୍ରଜ୍ଞା ପାରମିତା ବିଶ୍ୱାଳ, ବାବୁ ଓ ବନ୍ଧୁବାନ୍ଧବ ତଥା ପରିବାରବର୍ଗ ।

ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ (ଓଡ଼ିଶା)

## ଗତ ୨୪ ଘଂଟା ମଧ୍ୟରେ ଭୁବନେଶ୍ୱରରେ ୩୩୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୮/୦୪ (ନି.ପ୍ର): ଆଜି ଭୁବନେଶ୍ୱର ମହାନଗର ନିଗମ ଅଂଚଳରୁ ୩୩୮ ଜଣ କରୋନା ପଜେଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲୋକାଲ କଂଟାକ୍ଟ ୨୯୦ ଏବଂ କ୍ୱାରେଂଟିନରୁ ୪୮ ଜଣ ବୋଲି ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସୂଚନା ମୁତାବକ ଗତ ୨୪ ଘଂଟା ମଧ୍ୟରେ ୧୨୬ଜଣ ସୁସ୍ଥ ହୋଇଛନ୍ତି। ଏହାସହିତ ଭୁବନେଶ୍ୱରରେ ମୋଟ କରୋନା ସଂକ୍ରମଣଙ୍କ ସଂଖ୍ୟା ବଢ଼ି ୩୫,୬୭୯ରେ ପହଂଚିଥିବାବେଳେ ଆରୋଗ୍ୟଙ୍କ ସଂଖ୍ୟା ୩୨,୮୮୧ ରହିଛି। ସେହିପରି ୨୫୨୭ଟି ସକ୍ରିୟ ମାମଲା ଥିବାବେଳେ ୨୫୦ଜଣ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ବୋଲି ସୂଚନା ମିଳିଛି।

## ଭେଲୋସିଟି ଫେଷ୍ଟ-୯ରେ ଭଲ ପ୍ରଦର୍ଶନ ପାଇଁ ଶ୍ରାବଣୀ ନନ୍ଦଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮/୦୪ (ନି.ପ୍ର): ତାରକା ଧାବିକା ଶ୍ରାବଣୀ ନନ୍ଦ ଭେଲୋସିଟି ଫେଷ୍ଟ-୯ରେ ୨୦୦ ମିଟର ମହିଳା ବିଭାଗରେଭଲ ପ୍ରଦର୍ଶନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଜାମାଇକାର କିଙ୍ଗଷ୍ଟନ୍ ଠାରେ ଭେଲୋସିଟି ଫେଷ୍ଟ-୯ରେ ୨୦୦ ମିଟର ମହିଳା ବିଭାଗରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ତାରକା ଧାବିକା ଶ୍ରାବଣୀ ନନ୍ଦଙ୍କୁ ଅଭିନନ୍ଦନ ଜଣାଇବା ସହ ମୁଖ୍ୟମନ୍ତ୍ରୀ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ମନ ଓ ହୃଦୟରେ କମ୍ପନ ସୃଷ୍ଟି କରୁଥିବା ସାହିତ୍ୟର ତୁଳନା ନାହିଁ

### ଜାମକୁଣ୍ଡାରେ ସାରସ୍ୱତ ସମାରହ



ବାଲିଆପାଳ, ୧୮/୦୪ (ନି.ପ୍ର): ମଣିଷ ମନ ଓ ହୃଦୟରେ କମ୍ପନ ସୃଷ୍ଟି କରୁଥିବା ସାହିତ୍ୟର ତୁଳନା ନାହିଁ । ଏହାକୁ ସୃଷ୍ଟି କରୁଥିବା ସ୍ରଷ୍ଟା କାଳକୁ ଜୟ କରିଯାଏ ଓ ସବୁ ଦିନ ସ୍ମୃତିରେ ବଂଚି ରହେ ବୋଲି ବାଲିଆପାଳ ବ୍ଲକ ଜାମକୁଣ୍ଡା ସର୍ବଧର୍ମ ସମନ୍ୱୟ ସମିତି ଓ ବରିଷ୍ଠ ନାଗରିକ କଲ୍ୟାଣ ସମିତି ପକ୍ଷରୁ ରବିବାର ଆୟୋଜିତ ସାରସ୍ୱତ ସମାରହରେ ବକ୍ତାମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ଏହି ସାରସ୍ୱତ ଉତ୍ସବର ପ୍ରଥମ ଅଧିବେଶନରେ ଅଧ୍ୟାପକ ସୁକାନ୍ତ କୁମାର ଗିରି ପୌରହିତ୍ୟ କରିଥିବା ବେଳେ ଭଲ ଝିଅର କବି ତଥା ମହତାବ ଏକାଡେମୀର ସଭାପତି ସୁକୁମାର ଦାସ ମୁଖ୍ୟଅତିଥି,ଜଗାଇ କୃଷ୍ଣଚନ୍ଦ୍ର ପିପିଲି କଲେଜର ଅଧ୍ୟାପକ ତଥା ବରିଷ୍ଠ ପାଲାଗାୟକ ଦୟାନିଧି ସାହୁ ମୁଖ୍ୟବକ୍ତା, ବଂଶୀଧର ଜେନା, ମନ୍ମଥ ସାହୁ, ଭୁବନ ଚନ୍ଦ୍ର ପାତ୍ର, ପ୍ରମଥ ନାଥ ଜେନା, ଗୋପୀନାଥ ପ୍ରଧାନ, ଦିଲିପ କୁମାର ସିଂ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କବି ନଳିନୀକାନ୍ତ ପାଢୀ ଓ ଅଧ୍ୟାପକ ନିରଞ୍ଜନ ବେହେରାଙ୍କ ସଂଯୋଜନାରେ କବି ଭାରତୀ ସରିତା ମହାନ୍ତି, ଡ.ସିପ୍ରା ସରକାର, ବାବୁ ଦଳାଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଉଦଯାପନ ଉତ୍ସବରେ ସୁସାହିତ୍ୟିକ ହରିହର ପାଣିଗ୍ରାହୀ, ପଂଚାନନ ନାୟକ, ଶ୍ୟାମସୁନ୍ଦର ସାହୁ, ଶ୍ରୀକାନ୍ତ ଜେନା, କାଳୀଚରଣ ବେହେରା, ସାମ୍ବାଦିକ ଅଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇ ସାହିତ୍ୟର ବିବିଧ ଦିଗ ଉପରେ ଆଲୋଚନା କରିଥିଲେ । ଅତିଥିମାନେ କବି ଓ ସାହିତ୍ୟିକ ଭୀମ ଚରଣ ବେହେରାଙ୍କ ରଚିତ "ଜ୍ଞାନତରଙ୍ଗିଣୀ"କୁ ଉନ୍ମୋଚନ କରିଥରଲେ । ବରିଷ୍ଠ ନାଗରିକ କଲ୍ୟାଣ ପରିଷଦର ସଭାପତି ଶ୍ରୀକାନ୍ତ କୁମାର ଜେନା ଧନ୍ୟବାଦ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo